ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୨/୨୦୨୫ (୧୨ ପୃଷ୍ଠା) | Bhubaneswar, Wednesday, October 22/2025 | Page 12 | ₹ 7.00 | BALASORE

୫୧ଶ ଭାଗ ୩୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 325 | ମୂଲ୍ୟ ₹୭/-







# ୫ ଦିନ ଯାଏ ବର୍ଷା

## ସୃଷ୍ଟି ହେଲା ଲଘୁଚାପ, ଆଜି ଅବପାତ

ଭୁବନେଶ୍ୱର,୨୧ା୧୦(ବନ୍ଦନା ସେଠୀ)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ସକାଳ ୮ଟା ୩୦ରେ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ବୁଧବାର ଅପରାହ୍ନ ସୁଦ୍ଧା ଅବପାତରେ ପରିଣତ ହେବ। ଉତ୍ତର ତାମିଲନାଡୁ, ପୁଡୁଚେରୀ, ଦକ୍ଷିଣ ଆନ୍ଧ୍ର ଉପକୂଳ ଆଡ଼କୁ ଗତି କରିବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିଶାମୁକ୍ତ କେନ୍ଦ୍ର**



ଦୀପାବଳିରେ ବାଣଫୁଟା ଯୋଗୁ ସୋମବାର ରାତିରେ ଭୁବନେଶ୍ୱର ଆକାଶ ଧୂଆଁମୟ ହୋଇଯାଇଛି। ବାଣୀବିହାର-ନୟାପଲ୍ଲୀ ଓଭରବ୍ରିଜ୍ ଉପରେ ଧୂଆଁର ଆସ୍ତରଣ ମଧ୍ୟରେ ଗାଡ଼ି ଚଳାଚଳ କରୁଛି। (ଫଟୋ: ମନୋରଞ୍ଜନ ମିଶ୍ର)

# କଫ୍ ସିରପ୍ ମୃତ୍ୟୁ: ଭାରତକୁ ଅଧିକ ପଦକ୍ଷେପ ନେବାକୁ ହେବ

ଲଣ୍ଡନ,୨୧ା୧୦

କଫ୍ ସିରପ୍‌ଜନିତ ମୃତ୍ୟୁ ରୋକିବା ଦିଗରେ ଭାରତ କେତେକ ଅଗ୍ରଗତି କରିଥିବା ସତ୍ତ୍ୱେ ଏଭଳି ବିଷାକ୍ତ ସିରପ୍ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଆହୁରି ଅନେକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ତାମିଲନାଡୁର ସ୍ରେସାନ ଫାର୍ମା କମ୍ପାନୀ ପ୍ରସ୍ତୁତ କୋଲ୍ଡ୍ରିଫ୍ କଫ୍ ସିରପ୍ ସେବନକରି ମଧ୍ୟପ୍ରଦେଶ ଓ ରାଜସ୍ଥାନ ସମେତ କେତେକ ରାଜ୍ୟର ୨୪ରୁ ଅଧିକ ପିଲାଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ଡାଇ-ଇଥାଇଲିନ୍ ଗ୍ଲାଇକୋଲ୍ (ଡିଇଜି) ପରିମାଣ ଅନୁମୋଦିତ ସୀମାର ପାଖାପାଖି ୫୦୦ ଗୁଣ ରହିଥିବା ଜଣାପଡ଼ିଥିଲା। ଭାରତ ଏବଂ ଇଣ୍ଡୋନେସିଆ ପ୍ରସ୍ତୁତ ସିରପ୍ ଖାଇ ବିଭିନ୍ନ ୨୦୨୩ରେ ଦେଶରେ ଅନ୍ୟୂନ ୩୦୦ ପିଲାଙ୍କ ମୃତ୍ୟୁ ପରେ ବ୍ୟବସ୍ଥାକୁ କଡ଼ାକଡ଼ି କରିବେ ବୋଲି ସେମାନେ

## କୋଲ୍ଡ୍ରିଫ୍‌ରେ ଅନୁମୋଦିତ ମାତ୍ରାର ୫୦୦ ଗୁଣ ଡିଇଜି ରହିଛି: ଡବ୍ଲ୍ୟୁଏଚ୍‌ଓ



୨ ଦେଶର ସରକାର କହିଥିଲେ। ଏହାର ୨ ବର୍ଷ ପରେ ପୁଣି କଫ୍ ସିରପ୍ ସେବନରେ ପିଲାଙ୍କ ଜୀବନ ଯାଇଛି।

ଡବ୍ଲ୍ୟୁଏଚ୍‌ଓ ଅଧିକାରୀ ରୁଟେଣ୍ଡୋ କୁଓନବାନା ଭାରତର ନୂଆ ନିୟମାବଳୀ ସମ୍ପର୍କରେ କହିଛନ୍ତି, ରପ୍ତାନି ପୂର୍ବରୁ ☞ପୃଷ୍ଠା-୪

# ଦୀପାବଳି: ବଢ଼ିଲା ପ୍ରଦୂଷଣ

ଆଲୋକର ପର୍ବ ଦୀପାବଳିକୁ ଦେଶବାସୀ ହର୍ଷୋଲ୍ଲାସର ସହ ପାଳନ କରିଛନ୍ତି। କିନ୍ତୁ ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ନାମରେ ପାଳିତ ଏହି ଗଣପର୍ବ ଦେଶରେ ବାୟୁ ଓ ଶବ୍ଦ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଛି। ଦୀପାବଳିରେ ଓଡ଼ିଶା ସମେତ ଦେଶର ଅନେକ ସହରରେ ପ୍ରଦୂଷଣ ସ୍ତର ବିପଜ୍ଜନକ ସ୍ଥିତିକୁ ଚାଲିଆସିଛି। ସର୍ବନିମ୍ନ ବାୟୁ ଗୁଣବତ୍ତା ସହ ଜାତୀୟ ରାଜଧାନୀ ଦିଲ୍ଲୀ ବିଶ୍ୱର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ଦିଲ୍ଲୀର ପର୍ଟିକୁଲେଟ୍ ମ୍ୟାଟର(ପିଏମ୍) ସାନ୍ଦ୍ରତା ୨.୫ ରହିଛି, ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଗାଇଡ୍‌ଲାଇନ୍‌ରେ ନିର୍ଦ୍ଧାରିତ ମାତ୍ରାଠାରୁ ୫୯ ଗୁଣ ଅଧିକ। ହରିୟାଣାର ଜିନ୍ଦ୍‌ରେ ଏକ୍ୟୁଆଇ ସର୍ବାଧିକ ୪୨୧ ରହିଥିବାବେଳେ ଦିଲ୍ଲୀରେ ଏକ୍ୟୁଆଇ ସ୍ତର ୩୫୧ ଅତିକ୍ରମ କରିଛି। ସେହିପରି କେନ୍ଦୁଝର ଜିଲା ବଡ଼ବିଲ ଶିଳ୍ପାଞ୍ଚଳରେ ଏକ୍ୟୁଆଇ ୨୫୫ ରହିଛି, ଯାହାକି ରାଜ୍ୟରେ ସର୍ବାଧିକ। ଭୁବନେଶ୍ୱରରେ ଏକ୍ୟୁଆଇ ୧୯୮ ଥିବାବେଳେ କଟକରେ ୧୭୩ରେ ରହିଛି। ତେବେ ପ୍ରଦୂଷଣ ହାର ହ୍ରାସ ଦିଗରେ କେବଳ ସରକାରୀ କଟକଣା ସହାୟକ ହେବନାହିଁ, ଏଥିପାଇଁ ଜନସାଧାରଣ ସଚେତନ ହେବା ଜରୁରୀ। ଦୀପାବଳିରେ ବାଣ ଫୁଟାଇବା ନେଇ ସୁପ୍ରିମକୋର୍ଟ ଓ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଉଥିବାବେଳେ ଲୋକେ ଏହାର ଉପଯୁକ୍ତ ଅନୁପାଳନ କରୁ ନ ଥିବାରୁ ପ୍ରଦୂଷଣର ମାତ୍ରା ବଢ଼ିଛି ବୋଲି ପରିବେଶବିତ୍ ଓ ବୈଜ୍ଞାନିକମାନେ ମତ ଦେଇଛନ୍ତି।

- କଟକ, ଭୁବନେଶ୍ୱର, ପୁରୀରେ ବିପଜ୍ଜନକ ସ୍ଥିତିରେ ଏକ୍ୟୁଆଇ
- ଦିଲ୍ଲୀ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର
- ହିମାଚଳରେ ଜଳିଗଲା ଅନେକ କୋଟିର ସମ୍ପତ୍ତି

ନୂଆଦିଲ୍ଲୀ(ପି.ଟି./ରଏଟର୍ସ), ଭୁବନେଶ୍ୱର(ରବିନାରାୟଣ ଜେନା), କଟକ (କାର୍ତ୍ତିକ ସାହୁ), ସମ୍ବଲପୁର (ପ୍ରମୋଦ ବହିଦାର) ବ୍ରହ୍ମପୁର (ଅଶୋକ କୁମାର ସାହୁ) ୨୧ା୧୦

ଦୀପାବଳିରେ ବାଣଫୁଟାକୁ ନେଇ ସୁପ୍ରିମକୋର୍ଟ ଅକ୍ଟୋବର ୧୫ରେ ସସର୍ତ୍ତ ଅନୁମତି ଦେଇଥିଲେ। ପରମ୍ପରା ରକ୍ଷା ସହ ପରିବେଶ ସୁରକ୍ଷା ଓ ସ୍ୱାସ୍ଥ୍ୟ ଚିନ୍ତାକୁ ଧ୍ୟାନ ଦିଆଯିବା ଉପରେ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇଥିଲେ। ୧୮ରୁ ୨୦ ତାରିଖ ସକାଳ ୬ଟାରୁ ୭ଟା ଏବଂ ରାତି ୮ଟାରୁ ୧୦ ବାହାରେ ଯେପରି ସବୁଜ ବାଣ ଫୁଟା ନ ଯିବ ତାହା ପୋଲିସ ଓ ଜିଲା ପ୍ରଶାସନ ସୁନିଶ୍ଚିତ କରିବେ ବୋଲି ସିଜେଆଇ ବି.ଆର୍. ଗବଇଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ଏହି ନିର୍ଦ୍ଦେଶନାମା ଦିଲ୍ଲୀ-ଏନ୍‌ସିଆର୍ ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ସାରା ଦେଶରେ ଏହାର ଅନୁପାଳନ କରାଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦେଶର ବିଭିନ୍ନ ଭାଗରେ ଏହାର ଉଲ୍ଲଂଘନ କରାଯାଇଥିବା ଦେଖିବାକୁ ମିଳିଛି। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଦୀପାବଳି ପାଳନ କରିବାକୁ ଯାଇ ଲୋକେ ଅନିୟନ୍ତ୍ରିତ ଭାବେ ବାଣ ଫୁଟାଇଛନ୍ତି। ବାଣ ଫୁଟା ଯୋଗୁ ବିଶେଷକରି ସହରାଞ୍ଚଳରେ ପ୍ରଦୂଷଣର ମାତ୍ରା ଅଧିକ ରହିଛି। ଦ୍ୱୈତ ନଗରୀ ଭୁବନେଶ୍ୱର ଓ କଟକ ସମେତ ପୁରୀରେ ବିଷାକ୍ତ ବାୟୁ ଲୋକଙ୍କୁ ଅଣନିଃଶ୍ୱାସୀ କରିଦେଇଥିବାବେଳେ ଦୃଶ୍ୟମାନତା ମଧ୍ୟ ହ୍ରାସ ପାଇଛି। ଅନେକ ସ୍ଥାନରେ ୨୦୦ ମିଟର ଦୂରତାକୁ ଆଖି ପାଉନାହିଁ। ଏଭଳି ପ୍ରଦୂଷଣ ଶ୍ୱାସଗତ ସମସ୍ୟା ସୃଷ୍ଟି କରିବା ସହ ଆଖି ଓ ସ୍ୱାସ୍ଥ୍ୟ ପାଇଁ ନାନା ଜଟିଳ ରୋଗକୁ ଡାକି ଆଣିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଦୀପାବଳି ଏବେ ଆଉ କେବଳ ସବୁଜ ଆଲୋକରେ ସୀମିତ ହୋଇ ରହିନାହିଁ। ଲୋକେ ସାହି ପଡ଼ୋଶୀଙ୍କୁ ଦେଖାଇହେବାକୁ ଯାଇ ବିପୁଳ ଟଙ୍କାର ବାଣ ଫୁଟାଇ ପରିବେଶକୁ ନଷ୍ଟ କରୁଛନ୍ତି। ଏଥିଯୋଗୁ କେତେକ ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। ଭୁବନେଶ୍ୱରକୁ ବିଚାରକୁ ନେଲେ ପରିବେଶର ସାଂଘାତିକ ସ୍ଥିତି ଦୀପାବଳି ଅବସରରେ ଦେଖିବାକୁ ମିଳିଛି। ପର୍ବ ପାଳନ ନାଁରେ ଲୋକେ କିଭଳି ପରିବେଶକୁ ପ୍ରଦୂଷଣ କରିଛନ୍ତି ତା'ର ସଦ୍ୟତମ ସ୍ଥିତିକୁ ଦର୍ଶାଉଛି। ଶିଳ୍ପାଞ୍ଚଳ ବଡ଼ବିଲ(୨୫୫-ପିଏମ୍) ଭଳି କେତେକ ସହରରେ ପ୍ରଦୂଷଣ ହାର ଅସ୍ୱାସ୍ଥ୍ୟକର ଥିବାବେଳେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଗମ୍ଭୀର ସ୍ଥିତି ଉପୁଜିଛି। ପଲାଶୁଣୀ ଅଞ୍ଚଳରେ ଏକ୍ୟୁଆଇ ୩୬୨ ରହିଥିବାବେଳେ କ୍ୟାପିଟାଲ ପୋଲିସ ଥାନା ଅଞ୍ଚଳରେ ୩୫୪ ରହିଛି। ୟୁନିଟ୍-୮ ଅଞ୍ଚଳରେ ପ୍ରଦୂଷଣ ଏକ୍ୟୁଆଇ ☞ପୃଷ୍ଠା-୪

# ସାନେ ତାକାଇଚି ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ

ଟୋକିଓ,୨୧ା୧୦

ଜାପାନ ପାର୍ଲାମେଣ୍ଟ ମଙ୍ଗଳବାର ସାନେ ତାକାଇଚିଙ୍କୁ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ନିର୍ବାଚିତ କରିଛି। ନିମ୍ନ ସଦନରେ ସେ ୨୩୭ ଭୋଟ ପାଇଛନ୍ତି, ଯାହାକି ସଂଖ୍ୟାଗରିଷ୍ଠତାଠାରୁ ୪ ଅଧିକ।



ବୃହତ୍ ବିରୋଧୀ ଦଳ କନ୍‌ଷ୍ଟିଚ୍ୟୁଶନାଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଜାପାନର ମୁଖ୍ୟ ୟୋଶିକୋକୋ ନୋଡାଙ୍କୁ ୧୪୯ ଭୋଟ ମିଳିଛି। ଶିଗେରୁ ଇଶିବାଙ୍କ ସ୍ଥାନରେ ସାନେ ନୂଆ ପ୍ରଧାନମନ୍ତ୍ରୀ ହେବାକୁ ଯାଉଥିବାବେଳେ ୩ ମାସ ଧରି ଦେଶରେ ଦେଖାଦେଇଥିବା ରାଜନୈତିକ ☞ପୃଷ୍ଠା-୪






# ଯୌତୁକ ଦାବି ଘଟଣା ନୁହେଁ — ବୋହୂ ସ୍ୱୀକୃତି ଦାବିରେ ଧାରଣା, ଗର୍ଭବତୀଙ୍କୁ ପୋଡ଼ି ହତ୍ୟା ଉଦ୍ୟମ



ପୋଡ଼ିଯାଇଥିବା ଶୋଷେଇ ଘର ବାରଣ୍ଡାରେ ଯୁବତୀ ବସିଛନ୍ତି।

ପରଜଙ୍ଗ,୨୧ା୧୦ (ନିଗମାନନ୍ଦ ଦଳବେହେରା)

ଦେଢ଼ବର୍ଷର ପ୍ରେମ ସମ୍ପର୍କ ପରେ ୫ମାସ ତଳେ ପ୍ରେମିକକୁ ବିବାହ କରିଥିଲେ। ହେଲେ ଅଲଗା ଜାତିର ହୋଇଥିବାରୁ ଶାଶୁଘର ପରିବାର ସ୍ୱାମୀଙ୍କ ସହ ବାହାରେ ରହୁଥିଲେ। ଇତିମଧ୍ୟରେ ସେ ଗର୍ଭବତୀ ହେବାରୁ ଗତମାସ ୨୫ ତାରିଖରେ ସ୍ୱାମୀଙ୍କ ସହ ଶାଶୁଘରେ ପହଞ୍ଚିଥିଲେ। କିନ୍ତୁ ରାତି ଅଧରେ ☞ପୃଷ୍ଠା-୪

# ବୋନସ୍ ପାଇଲେନି, ଗେଟ୍ ଖୋଲିଦେଲେ

ଆଗ୍ରା,୨୧ା୧୦

ଉତ୍ତରପ୍ରଦେଶର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେର ଫତେହବାଦ ଟୋଲ୍ ପ୍ଲାଜାରେ ସୋମବାର ପ୍ରାୟ ୧୦ ଘଣ୍ଟା ଧରି ଅନେକ ହଜାର ଗାଡ଼ି ବିନା ଟୋଲ୍‌ରେ ଯାତାୟାତ କରିଥିଲେ। ଦୀପାବଳି ବୋନସ୍ ମିଳି ନ ଥିବାରୁ ଟୋଲ୍ ପ୍ଲାଜାର ୨୧ କର୍ମଚାରୀ ସେମାନଙ୍କ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଥିଲେ ଏବଂ ଟୋଲ୍ ପ୍ଲାଜାର ସମସ୍ତ ଦ୍ୱାର ଖୋଲିଦେଇଥିଲେ। ଫଳରେ ମାଗଣାରେ ଅନେକ ହଜାର ଗାଡ଼ି ଯାତାୟାତ କରିଥିଲେ, ଯାହାଦ୍ୱାରା ଟୋଲ୍ ଆଦାୟ ପାଇଁ ଦାୟିତ୍ୱରେ ଥିବା ଶ୍ରୀ

**ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍‌ୱେର ଟୋଲ୍ ପ୍ଲାଜା**



ସାଇନ୍ ଆଣ୍ଡ ଦାତାର କମ୍ପାନୀକୁ ଅନେକ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଗତ ମାର୍ଚ୍ଚରେ ଏହି କମ୍ପାନୀ ଫତେହବାଦ ଟୋଲ୍ ପ୍ଲାଜାର ପରିଚାଳନା ଦାୟିତ୍ୱ ନେଇଥିଲା।

ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେକୁ ଉତ୍ତରପ୍ରଦେଶର ଏକ ପ୍ରମୁଖ ମାର୍ଗ ଭାବେ ବିବେଚନା କରାଯାଇଥାଏ। ଏହା ଆଗ୍ରା ଏବଂ ଲକ୍ଷ୍ନୌ ସହରକୁ ସିଧାସଳଖ ସଂଯୋଗ କରିଥାଏ। ସେହିପରି ଏହା ଯମୁନା ଏକ୍ସପ୍ରେସ୍ ୱେ ମାଧ୍ୟମରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)କୁ ମଧ୍ୟ ସଂଯୋଗ କରିଥାଏ। ଧାରଣାରେ ବସିଥିବା ଜଣେ ଟୋଲ୍ କର୍ମଚାରୀ କହିଥିଲେ, ଦୀପାବଳି ଉପଲକ୍ଷେ କମ୍ପାନୀ ପକ୍ଷରୁ ସେମାନଙ୍କୁ ବୋନସ୍ ଦିଆଯାଇନାହିଁ। କର୍ମଚାରୀମାନେ କଠିନ ପରିଶ୍ରମ ☞ପୃଷ୍ଠା-୪


## ଦିଲ୍ଲୀରେ ଆଜି




ଦୀପାବଳି ପରଦିନ ମଙ୍ଗଳବାର ଦିଲ୍ଲୀରେ ଉତ୍କଟ ପ୍ରଦୂଷଣ। ଆନନ୍ଦ ବିହାର ବସ୍ ଟର୍ମିନାଲ ଅଞ୍ଚଳ ଧୂଆଁମୟ ହୋଇଯାଇଛି । (ଫଟୋ-ଚମନ ଗୌତମ)

# ଅଭିନେତା ଅସ୍ରାନିଙ୍କ ପରଲୋକ

ମୁମ୍ବାଇ, ୨୧।୧୦



ଗୋବର୍ଦ୍ଧନ ଅସ୍ରାନି

ବଲିଉଡ୍‌ର ବରିଷ୍ଠ ଅଭିନେତା ତଥା କମେଡିଆନ୍ ଗୋବର୍ଦ୍ଧନ ଅସ୍ରାନିଙ୍କର ସୋମବାର ଅପରାହ୍ନ ୪ଟା ବେଳେ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ ୫ ଦିନ ଧରି ମୁମ୍ବାଇର ଜୁହୁସ୍ଥିତ ଭାରତୀୟ ଆରୋଗ୍ୟ ନିଧି ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ଅସ୍ରାନିଙ୍କ ଫୁସ୍‌ଫୁସ୍‌ରେ ପାଣି ଜମା ହୋଇଥିବା ନେଇ ଡାକ୍ତର ସୂଚନା ଦେଇଥିଲେ ବୋଲି ତାଙ୍କ ବ୍ୟକ୍ତିଗତ ସହାୟକ ବାବୁଭାଇ କହିଛନ୍ତି। ସୋମବାର ସନ୍ଧ୍ୟାରେ ମୁମ୍ବାଇର ସାନ୍ତାକ୍ରୁଜ୍ ଶ୍ମଶାନ ଘାଟରେ ଅସ୍ରାନିଙ୍କର ଅନ୍ତିମ ସଂସ୍କାର କରାଯାଇଛି। ମୃତ୍ୟୁର ଘଣ୍ଟାଏ ପୂର୍ବରୁ ଅସରାନୀଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ଦୀପାବଳି ଶୁଭକାମନାର ପୋଷ୍ଟ କରାଯାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ବଲିଉଡ୍‌ର ଅନେକ କଳାକାର ଶୋକ ପ୍ରକଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରି କହିଛନ୍ତି, ଅସ୍ରାନି ଜଣେ ପ୍ରତିଭାଶାଳୀ ଏବଂ ବହୁମୁଖୀ କଳାକାର ଥିଲେ। ସେ ପିଢ଼ି ପରେ ପିଢ଼ି ଧରି ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇ ଆସୁଥିଲେ।

୧୯୪୧ ଜାନୁଆରୀ ୧ରେ ଜୟପୁରର ଏକ ସିନ୍ଧି ପରିବାରରେ ଅସ୍ରାନି ଜନ୍ମଗ୍ରହଣ କରିଥିଲେ। ବଲିଉଡ୍‌ରେ ନିଜ ୫ ଦଶନ୍ଧିରୁ ଅଧିକ ଲମ୍ବା କ୍ୟାରିୟରରେ ସେ ୩୫୦ରୁ ଅଧିକ ଫିଲ୍ମରେ ଅଭିନୟ କରିଥିଲେ। ୬୦ ଦଶକରେ ସେ ଫିଲ୍ମ ଜଗତରେ ପ୍ରବେଶ କରିଥିଲେ। ୭୦ ଏବଂ ୮୦ ଦଶକରେ ଅସରାନୀ ଲୋକପ୍ରିୟତାର ଶୀର୍ଷରେ ଥିଲେ। 'ମେରେ ଅପନେ', 'ବାବର୍ଚି', 'ପରିଚୟ', 'ଅଭିମାନ', 'ଚୁପକେ ଚୁପକେ', 'ଛୋଟି ସି ବାତ୍', 'ରଫୁ ଚକ୍କର', 'ଭୁଲ୍ ଭୁଲୈୟା', 'ଧମାଲ', 'ଅଲ୍ ଦି ବେଷ୍ଟ', 'ୱେଲକମ୍' ଆଦି ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଅଭିନୟ ବ୍ୟତୀତ ଅସ୍ରାନି କିଛି ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ସେହିପରି ସେ କେତେକ ଫିଲ୍ମର କାହାଣୀ ମଧ୍ୟ ଲେଖିଛନ୍ତି। ଗୁଜରାଟୀ ସିନେମାରେ ମଧ୍ୟ ସେ ନିଜ ପ୍ରତିଭା ଦେଖାଇଛନ୍ତି।

## କର୍ତ୍ତବ୍ୟରେ ଥାଇ ପ୍ରତି ୪୬ ଘଣ୍ଟାରେ ଜଣେ ପୋଲିସର ଜୀବନ ଯାଇଛି

ନୂଆଦିଲ୍ଲୀ,୨୧।୧୦

ଗତବର୍ଷ କର୍ତ୍ତବ୍ୟରେ ଥାଇ ପ୍ରତି ୪୬ ଘଣ୍ଟାରେ ଜଣେ ପୋଲିସ କର୍ମଚାରୀଙ୍କ ଜୀବନ ଯାଇଛି। ୩୬୫ ଦିନରେ ମୋଟ ୧୯୧ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ଗୋଇନ୍ଦା ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ତପନ ଡେକା ମଙ୍ଗଳବାର କହିଛନ୍ତି। ଦେଶ ସ୍ୱାଧୀନ ହେବାଠାରୁ ମୋଟ ୩୬,୬୮୪ ପୋଲିସ କର୍ତ୍ତବ୍ୟରେ ଥାଇ ପ୍ରାଣ ହରାଇଲେଣି। ଦିଲ୍ଲୀର ଜାତୀୟ ପୋଲିସ୍ ସ୍ମାରକୀଠାରେ ପୋଲିସ ସ୍ମୃତି ଦିବସ ପାଳନ ଅବସରରେ ମୃତ ପୋଲିସ ଅଧିକାରୀମାନଙ୍କୁ ଡେକା ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇ ଦିବଂଗତ ପୋଲିସ ଅଫିସରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ପୂର୍ବତନ ଡିଜିପି, ସ୍ତ୍ରୀଙ୍କ ନାମରେ ହତ୍ୟା ମାମଲା

ଚଣ୍ଡିଗଡ଼,୨୧।୧୦(ପି.ଟି.)



ସୁଲତାନା



ମହମ୍ମଦ ମୁସ୍ତାଫା

■ରହସ୍ୟଜନକ ସ୍ଥିତିରେ ପୁଅ ଅଖ୍‌ତରଙ୍କ ମୃତ୍ୟୁ ହୋଇଥିଲା

■ସୋସିଆଲ ମିଡିଆ ପୋଷ୍ଟରେ ପରିବାର ସଦସ୍ୟଙ୍କ ନାମରେ ଅଭିଯୋଗ

ପୁଅଙ୍କ ମୃତ୍ୟୁ ସହ ସମ୍ପୃକ୍ତି ନେଇ ପଞ୍ଜାବର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ମହମ୍ମଦ ମୁସ୍ତାଫା ଏବଂ ତାଙ୍କ ସ୍ତ୍ରୀ ତଥା ରାଜ୍ୟର ପୂର୍ବତନ ମନ୍ତ୍ରୀ ସୁଲତାନାଙ୍କ ନାମରେ ହରିୟାଣା ପୋଲିସ ମଙ୍ଗଳବାର ମାମଲା ରୁଜୁ କରିଛି। ସେମାନଙ୍କ ନାମରେ ହତ୍ୟା ଏବଂ ଆପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ଲାଗିଛି। ମୁସ୍ତାଫା ଏବଂ ସୁଲ୍‌ତାନାଙ୍କ ସମେତ ଅଖତରଙ୍କ ସ୍ତ୍ରୀ ଏବଂ ଭଉଣୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଥିବା ପଞ୍ଚକୁଲା ପୋଲିସ କହିଛି।

ମୁସ୍ତାଫା ଏବଂ ସୁଲ୍‌ତାନାଙ୍କ ୩୫ ବର୍ଷୀୟ ପୁଅ ଅକିଲ ଅଖ୍‌ତର ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ପଞ୍ଚକୁଲାରେ ଥିବା ଏମ୍‌ଡିସି ସେକ୍ଟର ୪ ବାସଭବନରେ ଗତ ଗୁରୁବାର ତାଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଶାମଶୁଦ୍ଦିନ୍ ନାମକ ବ୍ୟକ୍ତି ଏନେଇ ଏତଲା ଦେଇଥିଲେ। ୧୭ ତାରିଖରେ ପୋଲିସ ମାମଲା ରୁଜୁ କରି ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିଥିଲେ। ତେବେ କୌଣସି ସନ୍ଦିଗ୍ଧ ଘଟଣା ଘଟିଥିବା ନେଇ ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ି ନ ଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ଶେଷକୃତ୍ୟ ପାଇଁ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

ତେବେ ଅଖତର ପୂର୍ବରୁ କରିଥିବା କେତେକ ସୋସିଆଲ ମିଡିଆ ପୋଷ୍ଟ ଏବଂ ଭିଡିଓ ପଦାକୁ ଆସିବା ପରେ ମାମଲା ନୂଆ ମୋଡ଼ ନେଇଛି। ଅଖତର ଗତ ଅଗଷ୍ଟରେ କରିଥିବା ଏକ ପୋଷ୍ଟରେ ପରିବାର ସଦସ୍ୟଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ମିଳିଥିବା ଅଖତର ସେଥିରେ ଉଲ୍ଲେଖ କରିଥିଲେ। ଏହା ଜଣାପଡ଼ିବା ପରେ ପୋଲିସ ପୂର୍ବତନ ଡିଜିପିଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବିଏନ୍‌ଏସ୍‌ର ଧାରା ୧୦୩(୧) ଏବଂ ୬୧ରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ପାଇଁ ଜଣେ ଏସିପି ପାହ୍ୟାର ଅଫିସରଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି।

## ୨ ଆତଙ୍କବାଦୀଙ୍କୁ ଗିରଫ କଲା ପଞ୍ଜାବ ପୋଲିସ

ଅମୃତସର, ୨୧।୧୦

ଆର୍‌ପିଜି-୨୨ ଆଣ୍ଟି-ଟ୍ୟାଙ୍କ୍ ରକେଟ ଲଞ୍ଚର ଜବତ




ପଞ୍ଜାବ ପୋଲିସ ପକ୍ଷରୁ ରାଜ୍ୟରେ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରକୁ ପଣ୍ଡ କରାଯାଇଛି। ମଙ୍ଗଳବାର ପୋଲିସ ଅମୃତସରରେ ୨ ଆତଙ୍କବାଦୀଙ୍କୁ ଏକ ରକେଟ ଲଞ୍ଚର ସହ ଗିରଫ କରିଛି। ଗିରଫ ହୋଇଥିବା ଆତଙ୍କବାଦୀ ହେଉଛନ୍ତି ମକ୍‌ଖନ ଦୀପ ସିଂ ଓରଫ୍ ମେହକ ଏବଂ ଆଦିତ୍ୟ ଓରଫ୍ ଆଦି। ପୋଲିସ ଉଭୟଙ୍କ ନିକଟରୁ ଏକ ରକେଟ ପ୍ରୋପେଲଡ୍ ଗ୍ରେନେଡ (ଆର୍‌ପିଜି)-୨୨ ନେଙ୍ଗୋ ଆଣ୍ଟି ଟ୍ୟାଙ୍କ୍ ରକେଟ ଲଞ୍ଚରକୁ ଜବତ କରିଛି। କୌଣସି ବଡ଼ ଆତଙ୍କବାଦୀ ଆକ୍ରମଣରେ ଉକ୍ତ ରକେଟ ଲଞ୍ଚରକୁ ବ୍ୟବହାର କରାଯିବା ଉଦ୍ଦେଶ୍ୟରେ ରଖାଯାଇଥିଲା ବୋଲି ପୋଲିସ ସନ୍ଦେହ କରୁଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ସୂଚନା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପଞ୍ଜାବ ପୋଲିସ ଡିଜିପି ଗୌରବ ଯାଦବ କହିଛନ୍ତି। ଗୌରବ ସାମାଜିକ ଗଣମାଧ୍ୟମ 'X'ରେ ଲେଖିଛନ୍ତି, ଉଭୟ ଆତଙ୍କବାଦୀ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଜଣେ ଅପରେଟିଭ୍‌ଙ୍କ ସହ ସମ୍ପର୍କରେ ଥିଲେ। ପଞ୍ଜାବର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ପାଇଁ ଉକ୍ତ ଅପରେଟିଭ୍ ଜଣକ ମେହକ ଏବଂ ଆଦିଙ୍କୁ ଏହି ରକେଟ ଲଞ୍ଚର ଯୋଗାଇଥିଲେ ବୋଲି ସେ କହିଛନ୍ତି।

# ଏଚ୍-୧ବି ଭିଜା ନିୟମ ଉପରେ ନୂଆ ଗାଇଡ୍‌ଲାଇନ

ନ୍ୟୁୟର୍କ,୨୧।୧୦

ଭାରତୀୟ ଛାତ୍ର, ଇଞ୍ଜିନିୟରଙ୍କ ପାଇଁ ଆଶ୍ୱସ୍ତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ କିଛିଦିନ ପୂର୍ବରୁ ନୂଆ ଏଚ୍-୧ବି ଭିଜା ଆବେଦନ ଦେୟ ୧,୦୦,୦୦୦ ଡଲାରକୁ ବୃଦ୍ଧି କରିଥିବାବେଳେ ଷ୍ଟାଟସ୍ ପରିବର୍ତ୍ତନ କରିବାକୁ ଚାହୁଁଥିବା କିମ୍ବା ରହଣି ସମୟ ବଢ଼ାଇବା ପାଇଁ କରିଥିବା ଆବେଦନ ନିମନ୍ତେ ଏହା ଲାଗୁ ହେବନାହିଁ। ନୂଆ ଗାଇଡ୍‌ଲାଇନ୍‌ରେ ଏହା ସ୍ପଷ୍ଟ କରାଯାଇଛି। ଆମେରିକା ନାଗରିକ ଓ ଆପ୍ରବାସନ ସେବା (ୟୁଏସ୍‌ସିଆଇଏସ୍) ପକ୍ଷରୁ ସୋମବାର ଜାରି ଗାଇଡ୍‌ଲାଇନ ଭାରତୀୟ ଛାତ୍ରୀଛାତ୍ର ଏବଂ ପେସାଦାରମାନଙ୍କ ପାଇଁ ଆଶ୍ୱସ୍ତି ଆଣିଛି। କେଉଁମାନେ ଏଚ୍-୧ବି ଭିଜା ଦେୟ ଦେବେ, ପୈଠ କରିବା ପଦ୍ଧତି, ଆବେଦନ ପ୍ରକ୍ରିୟାରୁ ବାଦ୍ ଏବଂ ଛାତ୍ରୀଛାତ୍ରଙ୍କୁ ମିଳିବାକୁ ଥିବା ଆଶ୍ୱସ୍ତି ସମ୍ପର୍କରେ ଗାଇଡ୍‌ଲାଇନରେ ସ୍ପଷ୍ଟ କରାଯାଇଛି।

ନିର୍ଦ୍ଦିଷ୍ଟ ଅଣଆପ୍ରବାସୀ ଶ୍ରମିକମାନଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ସେପ୍ଟେମ୍ବର ୧୯ରେ ନୂଆ ଏଚ୍-୧ବି ଭିଜା ଦେୟକୁ ୧,୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା)କୁ ବୃଦ୍ଧି କରିଥିଲେ। ତେବେ ପୂର୍ବରୁ ଜାରି ହୋଇଥିବା କିମ୍ବା ବର୍ତ୍ତମାନ ବୈଧ ଥିବା ଏଚ୍-୧ବି ଭିଜା କ୍ଷେତ୍ରରେ ଏହି ଦେୟ ଲାଗୁ ହେବ ନାହିଁ। ସେହିପରି ୨୦୨୫ ସେପ୍ଟେମ୍ବର ୨୧ର ପୂର୍ବାହ୍ନ ୧୨.୦୧ ଇଷ୍ଟର୍ନ ଡେଲାଇଟ୍ ସମୟ ପୂର୍ବରୁ ଯେଉଁମାନେ ଭିଜା ଆବେଦନ କରିଥିବେ, ସେମାନଙ୍କ କ୍ଷେତ୍ରରେ ମଧ୍ୟ ଏହା ଲାଗୁ ହେବ ନାହିଁ ବୋଲି ୟୁଏସ୍‌ସିଆଇଏସ୍ କହିଛି। ସମ୍ପ୍ରତି ଏଚ୍୧-ବି ଭିଜା ଥିବା ଲୋକଙ୍କୁ ଆମେରିକା ଯିବା କିମ୍ବା ସେଠାରୁ ବାହାରକୁ ଯିବାରେ କୌଣସି କଟକଣା ଲାଗିବ ନାହିଁ। ବ୍ୟକ୍ତିବିଶେଷ ଦେଶ ନ ଛାଡ଼ି ବର୍ଗ ବଦଳାଇବାକୁ ଚାହୁଁଥିଲେ, ଅର୍ଥାତ୍ ଏଫ୍-୧ ଛାତ୍ର ଷ୍ଟାଟସ୍‌ରୁ ଏଚ୍-୧ବି ଷ୍ଟାଟସ୍‌କୁ ପରିବର୍ତ୍ତନ କରିବାକୁ ଚାହୁଁଥିଲେ, ଏଥିପାଇଁ ଦେୟ ଦେବାକୁ ପଡ଼ିବ ନାହିଁ। କେବଳ ଆମେରିକା ବାହାର ଲୋକଙ୍କ ପାଇଁ ଦେୟ ଲାଗୁ ହେବ ବୋଲି ୟୁଏସ୍‌ସିଆଇଏସ୍ ପକ୍ଷରୁ କୁହାଯାଇଛି।

# ଆଇଏନ୍‌ଏସ୍ ବିକ୍ରାନ୍ତରେ ଦୀପାବଳି ପାଳିଲେ ପ୍ରଧାନମନ୍ତ୍ରୀ

ପଣଜୀ,୨୧।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଚଳିତ ବର୍ଷର ଦୀପାବଳିକୁ ଗୋଆ ଉପକୂଳରେ ଆଇଏନ୍‌ଏସ୍ ବିକ୍ରାନ୍ତ ଯୁଦ୍ଧଜାହାଜରେ ଭାରତୀୟ ସଶସ୍ତ୍ର ବଳ ସହ ପାଳନ କରିଛନ୍ତି। ସେଠାରେ ସେ ନୌସେନା ଅଧିକାରୀମାନଙ୍କ ସହିତ କଥା ହେବା ସହ ମୋନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟର ପ୍ରଶଂସା କରିଥିଲେ। ୩ ସଶସ୍ତ୍ର ବଳ ମଧ୍ୟରେ ଅସାଧାରଣ ସମନ୍ୱୟ ରହିଛି। ଅପରେଶନ ସନ୍ଦୂର ବେଳେ ନୌସେନା ଭୟଭୀତ କରାଇବା ସହ ବାୟୁସେନାର ଅସାଧାରଣ ଦକ୍ଷତା ଏବଂ ସ୍ଥଳସେନାର ଦୁଃସାହସ ପାକିସ୍ତାନକୁ ଆଣ୍ଠେଇବାକୁ ବାଧ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ଆଇଏନ୍‌ଏସ୍ ବିକ୍ରାନ୍ତରେ ନୌସେନା ଅଧିକାରୀମାନଙ୍କ ସହ ପ୍ରଧାନମନ୍ତ୍ରୀ।

ଆଇଏସ୍‌ଏସ୍ ବିକ୍ରାନ୍ତରେ ଥିବା ନୌସେନା ଅଧିକାରୀ ଓ ଯବାନମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଯୁଦ୍ଧବିମାନବାହୀ ରଣତରୀ ଆତ୍ମନିର୍ଭର ଭାରତର ଶକ୍ତିଶାଳୀ ପ୍ରତୀକ। ଆଇଏନ୍‌ଏସ୍ ବିକ୍ରାନ୍ତ କିଛି ମାସ ପୂର୍ବେ କିପରି ପାକିସ୍ତାନର ନିଦ ହଜାଇ ଦେଇଥିଲା, ଆମେ ଦେଖିଛେ। ଆଇଏନ୍‌ଏସ୍ ବିକ୍ରାନ୍ତ ନାଁ ହିଁ ଶତ୍ରୁପକ୍ଷର ସାହସକୁ ଶେଷ କରିଦେଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଉକ୍ତ ଯୁଦ୍ଧଜାହାଜରେ ରାତି କଟାଇବା ସହ ଗଭୀର ସମୁଦ୍ରରେ ନୌସେନାର ଆକାଶ ମାର୍ଗରେ ଆକ୍ରମଣ ଶକ୍ତି ଦେଖିଥିଲେ। ମିଗ୍-୨୭ ଯୁଦ୍ଧବିମାନ ରଣକୌଶଳ ପ୍ରଦର୍ଶନ କରିଥିଲା।

## ଫୁରସତ୍

# ନବଜାତକର ନାମ ସିଙ୍ଗାପୁର

ଗାଜାରେ ସିଙ୍ଗାପୁରର ମାନବୀୟ ସହାୟତାରୁ ଉପକୃତ ହୋଇଥିଲେ ପାଲେଷ୍ଟିନୀୟ ଦମ୍ପତି

ଗାଜା ସିଟି





ହମାସ୍ ଓ ଇସ୍ରାଏଲ ମଧ୍ୟରେ ସଂଘର୍ଷ ୨ ବର୍ଷରୁ ଅଧିକ ସମୟ ଜାରି ରହିଛି। ଇସ୍ରାଏଲ ଆକ୍ରମଣରେ ପ୍ରତିଦିନ ଗାଜା ଷ୍ଟ୍ରିପ୍‌ରେ ଅନେକ ନିରୀହ ଲୋକଙ୍କ ଜୀବନ ଯାଉଛି। ତେବେ ନିକଟରେ ସେଠାରୁ ଏପରି ଖବର ଆସିଛି, ଯାହା ଯୁଦ୍ଧର ବର୍ବରତା ମଧ୍ୟରେ ମାନବିକତାର ଗୁରୁତ୍ୱକୁ ଦର୍ଶାଇଛି। ଏକ ପାଲେଷ୍ଟିନୀୟ ଦମ୍ପତି ସେମାନଙ୍କ ନବଜାତ କନ୍ୟାର ନାମ 'ସିଙ୍ଗାପୁର' ରଖିଛନ୍ତି। ସିଙ୍ଗାପୁର ଦ୍ୱାରା ଗାଜାର ଲୋକଙ୍କୁ ପ୍ରଦାନ କରାଯାଉଥିବା ମାନବୀୟ ସହାୟତାକୁ ଦୃଷ୍ଟିରେ ରଖି ଉକ୍ତ ଦମ୍ପତି ଝିଅର ଏପରି ନାମକରଣ କରିଛନ୍ତି।

କନ୍ୟାର ବାପା ଅବୁ ବକର କହିଛନ୍ତି, ତାଙ୍କ ସ୍ତ୍ରୀ ଗର୍ଭବତୀ ଥିବା ସମୟରେ ଗାଜାରେ ଚାଲିଥିବା ସଂଘର୍ଷ ଯୋଗୁ ସେ ଓ ତାଙ୍କ ପୂରା ପରିବାର ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଖାଦ୍ୟ ଏବଂ ଔଷଧର ଅତ୍ୟନ୍ତ ଅଭାବ ଥିଲା। ଏହି ସମୟରେ ସିଙ୍ଗାପୁରର 'ଲଭ୍ ଏଡ୍ ସିଙ୍ଗାପୁର' ସଙ୍ଗଠନ ଦ୍ୱାରା ପରିଚାଳିତ ଏକ ଫୁଡ୍ କିଚେନ୍ ତାଙ୍କୁ ବେଶ୍ ସହାୟକ ହୋଇଥିଲା। ତାଙ୍କ ସ୍ତ୍ରୀ ସେଠାରୁ ପ୍ରତିଦିନ ଗରମ ଖାଦ୍ୟ ପାଉଥିଲେ, ଯାହା ତାଙ୍କ ଶିଶୁକନ୍ୟା ପାଇଁ ଜୀବନ ରକ୍ଷାକାରୀ ପ୍ରମାଣିତ ହୋଇଛି। ସିଙ୍ଗାପୁର ତାଙ୍କ ପରିବାରକୁ ସହାୟତା କରି ସେମାନଙ୍କୁ ଏକ ନୂତନ ଜୀବନ ଦେଇଛି ଏବଂ ତାଙ୍କ ଝିଅ ସୁସ୍ଥ ଭାବେ ଜନ୍ମ ହୋଇଛି। ସିଙ୍ଗାପୁର ସରକାରଙ୍କ ଏହି କୃତଜ୍ଞତାକୁ ସର୍ବଦା ମନେ ରଖିବା ପାଇଁ ସେ ଓ ତାଙ୍କ ସ୍ତ୍ରୀ ଝିଅର ନାମକୁ ସିଙ୍ଗାପୁର ରଖିଛନ୍ତି ବୋଲି ବକର କହିଛନ୍ତି। ତାଙ୍କ ଝିଅ ଗତ ୧୫ ତାରିଖରେ ଜନ୍ମ ହୋଇଥିଲା ଏବଂ ନାମକରଣ ଉତ୍ସବରେ ବକର ଓ ତାଙ୍କ ପରିବାର ସିଙ୍ଗାପୁର ପତାକା ଉଡ଼ାଇଥିଲେ।

ଲଭ୍ ଏଡ୍ ସିଙ୍ଗାପୁର ହେଉଛି ଏକ ବେସରକାରୀ ସଙ୍ଗଠନ, ଯାହା ୨୦୨୩ରୁ ଗାଜାରେ ସକ୍ରିୟ ରହିଛି। ଏହା ପାଲେଷ୍ଟିନୀୟମାନଙ୍କୁ ଖାଦ୍ୟ, ସ୍ୱଚ୍ଛ ପାଣି, ଔଷଧ ଏବଂ ଅସ୍ଥାୟୀ ଆଶ୍ରୟ ଯୋଗାଇ ଆସୁଛି। ଏହି ସଙ୍ଗଠନର ଫୁଡ୍ କିଚେନ୍ ପ୍ରତିଦିନ ୧୦ ହଜାରରୁ ଅଧିକ ଲୋକଙ୍କୁ ଗରମ ଖାଦ୍ୟ ପରିବେଷଣ କରିଥାଏ। ଲଭ୍ ଏଡ୍ ସିଙ୍ଗାପୁରର ପ୍ରତିଷ୍ଠାତା ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଲେଖିଛନ୍ତି, ଜଣେ ନବଜାତ କନ୍ୟାର ନାମକୁ ସିଙ୍ଗାପୁର ରଖାଯିବା ନିଶ୍ଚିତ ଭାବେ ମାନବିକ ସହାୟତା ପାଇଁ ସିଙ୍ଗାପୁରର ପ୍ରୟାସର ସର୍ବୋତ୍ତମ ସ୍ୱୀକୃତି। ସିଙ୍ଗାପୁରର ସହାୟତା ବକର ଓ ତାଙ୍କ ପରିବାରକୁ ଆଶା ପ୍ରଦାନ କରିଥିବା ସେ କହିଛନ୍ତି।

# ସାଇକୋଲୋଜି ଅନର୍ସ ପଢୁଛନ୍ତି ହର୍ଷବର୍ଦ୍ଧନ

ମୁମ୍ବାଇ




ହର୍ଷବର୍ଦ୍ଧନ ରାଣେ

ବଲିଉଡ୍‌ରେ ଏପରି ଅନେକ କଳାକାର ଅଛନ୍ତି, ଯେଉଁମାନେ ଖୁବ୍ କମ୍ ପଢ଼ି ମଧ୍ୟ ନିଜ ଟ୍ୟାଲେଣ୍ଟ ଏବଂ ପରିଚୟ ବଳରେ ଫିଲ୍ମ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେହିପରି କିଛି କଳାକାର ଏପରି ମଧ୍ୟ ରହିଛନ୍ତି, ଯେଉଁମାନେ ବଲିଉଡ୍‌ରେ ନିଜ ପରିଚୟ ସୃଷ୍ଟି କରିବା ପରେ ମଧ୍ୟ ପଢ଼ା ଛାଡ଼ିନାହାନ୍ତି ଏବଂ ଉଚ୍ଚଶିକ୍ଷା ଅଧ୍ୟୟନ ଜାରି ରଖିଛନ୍ତି। ଏହି ତାଲିକାରେ ୪୧ ବର୍ଷୀୟ ଅଭିନେତା ହର୍ଷବର୍ଦ୍ଧନ ରାଣେ ରହିଛନ୍ତି। ବିଭିନ୍ନ ଫିଲ୍ମର ଶୁଟିଂ କରିବା ସହ ସମ୍ପ୍ରତି ଡିଗ୍ରୀ ପାଇବା ପାଇଁ ସାଇକୋଲୋଜି ଅନର୍ସ ପଢୁଛନ୍ତି। ଏନେଇ ମଙ୍ଗଳବାର ସେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏହି ପୋଷ୍ଟରେ ହର୍ଷବର୍ଦ୍ଧନ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କୁ ଶୁଟିଂ ବେଳେ ପଢୁଥିବାର ଦେଖିବାକୁ ମିଳିଛି। କ୍ୟାପ୍‌ଶନ୍‌ରେ ହର୍ଷବର୍ଦ୍ଧନ ଲେଖିଛନ୍ତି, ସାଇକୋଲୋଜି ଅନର୍ସର ଦ୍ୱିତୀୟ ବର୍ଷ। ୨୦୨୫ ଶେଷ ଭାଗରେ ପରୀକ୍ଷା ହେବ। ସେଥିପାଇଁ ପରିଶ୍ରମ କରୁଛି। ଏହି ପୋଷ୍ଟରେ କମେଣ୍ଟ କରି ଅନେକ ୟୁଜର୍ସ ହର୍ଷବର୍ଦ୍ଧନଙ୍କୁ ପ୍ରଶଂସା କରିଛନ୍ତି। ସମ୍ପ୍ରତି ହର୍ଷବର୍ଦ୍ଧନ ନିଜ ଫିଲ୍ମ 'ଏକ ଦିୱାନେ କି ଦିୱାନିୟତ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ମଙ୍ଗଳବାର ରିଲିଜ୍ ହୋଇଥିବା ଏହି ଫିଲ୍ମରେ ହର୍ଷବର୍ଦ୍ଧନଙ୍କ ବିପକ୍ଷରେ ଅଭିନେତ୍ରୀ ସୋନମ ବାଜୱା ନଜରକୁ ଆସିଛନ୍ତି।




# ମାଦଳ ବଜାଇ ଦୀପାବଳି ପାଳିଲେ ମୁଖ୍ୟମନ୍ତ୍ରୀ

## ଅଭିଯୋଗ ଶୁଣିଲେ, ସୁଖ ଓ ସମୃଦ୍ଧି କାମନାକଲେ

କେନ୍ଦୁଝର,୨୧।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସିଛନ୍ତି। ସୋମବାର ଅପରାହ୍ଣରେ ଜନ୍ମମାଟି ରାଇକଳା ଗ୍ରାମରେ ପହଞ୍ଚି ସମ୍ପର୍କୀୟ, ବନ୍ଧୁବାନ୍ଧବ ତଥା ପରିବାର ଲୋକଙ୍କୁ ଭେଟିଥିଲେ। ଏହି ଅବସରରେ ତାଙ୍କୁ ସେଠାରେ ପ୍ରଶାସନ ତଥା ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଗ୍ରାମବାସୀଙ୍କ ସହ ପାରମ୍ପରିକ ବାଦ୍ୟ ମାଦଳ ବଜାଇ ଓ ନୃତ୍ୟଗୀତରେ ସାମିଲହୋଇ ଦୀପାବଳି ପାଳନ କରିଥିଲେ। ପୂଜାର୍ଚ୍ଚନା କରିବା ସହ ଦୀପ ଜଳାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ କେନ୍ଦୁଝରର ମାଟିର ମହାନ୍ ସଂସ୍କୃତି, ପରମ୍ପରା ଓ ଆତ୍ମୀୟତା ସର୍ବଦା ଶକ୍ତି ଓ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ପାରମ୍ପରିକ ରୀତିନୀତି ଅନୁସାରେ ସମସ୍ତଙ୍କ ସହ ମାଦଳ ବଜାଇ ଉତ୍ସବ


ଦୀପାବଳି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଗାଁ କେନ୍ଦୁଝର ଜିଲା ରାଇକଳାରେ ଲୋକଙ୍କ ସହ ମାଦଳ ବଜାଉଛନ୍ତି।

ପାଳିବା ଏକ ଅନନ୍ୟ ଅନୁଭବ ଥିଲା। ଏହି ପର୍ବ କେବଳ ଆଲୋକର ପର୍ବ ନୁହେଁ ବରଂ ଆମ ସମୃଦ୍ଧ ସଂସ୍କୃତି, ଓଡ଼ିଆ ଅସ୍ମିତା ଏବଂ ପ୍ରକୃତି ପ୍ରତି ଆମର ଭକ୍ତିଭାବର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମା' କାଳୀ ଏବଂ ମା' ଲକ୍ଷ୍ମୀଙ୍କ ନିକଟରେ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣିବା ସହ ଅଭିଯୋଗପତ୍ର ଗ୍ରହଣକରି ସମାଧାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସହରର ବିଭିନ୍ନ ସ୍ଥାନରେ ଥିବା ମା' କାଳୀଙ୍କ ମେଢ଼ ବୁଲି ଦେଖିବା ସହ ମେଳା ବୁଲିଥିଲେ। ପରେ ଦଳୀୟ କର୍ମୀ, ନେତାଙ୍କ ସହ ଆଲୋଚନା କରିଥିଲେ।

# ଧରିତ୍ରୀ ଖବରଦାତାଙ୍କ ପରଲୋକ

ଛତ୍ରପୁର,୨୧।୧୦
(ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁରର ଧରିତ୍ରୀ ଖବରଦାତା ସନ୍ତୋଷ କୁମାର ପାଢୀଙ୍କ ସୋମବାର ଅପରାହ୍ଣ ୩ଟା୨୫ରେ କାଳିଆବାଲିସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ସେ ଜଣେ ଦକ୍ଷ ଓ ନିର୍ଭୀକ ଖବରଦାତା ଭାବରେ ସମଗ୍ର ଗଞ୍ଜାମ ଜିଲାରେ ପରିଚିତ ଥିଲେ। ସେ ଦୀର୍ଘ ବର୍ଷ ଧରି ଧରିତ୍ରୀର ଜିଲା ଖବରଦାତା ରୂପେ କାର୍ଯ୍ୟ କରିଆସୁଥିଲେ। ଗତ କିଛିଦିନ ଧରି ସନ୍ତୋଷ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ସାନଭାଇ ସୁଶାନ୍ତ ପାଢ଼ୀ ଓ ତିନି ବଡଭଉଣୀ ଉପସ୍ଥିତ ଥିଲେ। ସନ୍ତୋଷଙ୍କ ବିୟୋଗରେ ଛତ୍ରପୁର ପ୍ରେସ୍‌କ୍ଲବ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ମେଳାପୀ, ଭଦ୍ର ଓ ନମ୍ର ବ୍ୟକ୍ତି


ସନ୍ତୋଷ କୁମାର ପାଢୀ

ଥିଲେ। ତାଙ୍କ ପରଲୋକ ଖବର ପାଇ ସବୁ ଖବରଦାତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପରଲୋକ ଖବର ଶୁଣି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀମାନେ ଗଭୀର ଦୁଃଖ ପ୍ରକାଶ କରି ସେ ଜଣେ ନିର୍ଭୀକ ଓ ସାହସୀ ଖବରଦାତା ଥିଲେ ବୋଲି ମତ ପ୍ରକାଶ କରିଥିଲେ।

# ନିଶାମୁକ୍ତ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା

## ଗଣ୍ଡଗୋଳରୁ ଘଟିଛି ହତ୍ୟାକାଣ୍ଡ, ୪ ଅଟକ

କଟକ/ଫୁଲନଖରା,୨୧।୧୦
(କାର୍ତ୍ତିକ ସାହୁ/ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଉତ୍ତମାପୁର ଗ୍ରାମରେ ଥିବା ଏକ ନିଶାମୁକ୍ତି କେନ୍ଦ୍ରରେ ସୋମବାର ଜଣେ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ସୌମ୍ୟରଞ୍ଜନ ଦାସ। ନିଶାମୁକ୍ତ କେନ୍ଦ୍ରରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରିଛି। ଏଥିସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ସୂଚନାନୁସାରେ, ଉତ୍ତମାପୁରର କାବୁଲି ମୂଳିଆ ନାମକ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣା ନାମରେ ଏକ ନିଶାମୁକ୍ତ କେନ୍ଦ୍ର ରହିଛି। ସୌମ୍ୟରଞ୍ଜନ ଇଞ୍ଜିନିୟରିଂ ପାସ୍ କରିବା ପରେ ମୁମ୍ବାଇରେ ଚାକିରି କରୁଥିଲେ। ହେଲେ ଗତ କିଛି ମାସ ହେଲା ସେ ମାନସିକ ଅବସାଦରେ ରହୁଥିବାରୁ ୪ ମାସ ହେବ ସେହି ନିଶାମୁକ୍ତ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। କୌଣସି କାରଣରୁ ନିଶାମୁକ୍ତ କେନ୍ଦ୍ରରେ ରହୁଥିବା ଅନ୍ତେବାସୀମାନଙ୍କ ମଧ୍ୟରେ ସୋମବାର ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳରେ ୪ଜଣ ଅନ୍ତେବାସୀ ମିଶି ସୌମ୍ୟରଞ୍ଜନଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

# ବାହୁଦା ମୁହାଣରେ ନୂଆ ପ୍ରଜାତିର ମାଛ

ବ୍ରହ୍ମପୁର,୨୧।୧୦
(ସୁବାସ ଚନ୍ଦ୍ର ପାଢ଼ୀ)

ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ଏଷ୍ଟୁଆରାଇନ୍ ବାୟୋଲୋଜି ରିଜିଓନାଲ ସେଣ୍ଟରର ଗବେଷକମାନେ ଓଡ଼ିଶାର ବାହୁଦା ମୁହାଣରେ ଏକ ନୂଆ ପ୍ରଜାତିର ମାଛର ସନ୍ଧାନ ପାଇଛନ୍ତି। ଏହି ନୂଆ ମାଛକୁ ସୁଡୋରୋମ୍ବସ ବାହୁଦାଏନ୍‌ସିସ୍ ନାମ ଦିଆଯାଇଛି। ପୂର୍ବରୁ ଜଣାଶୁଣା ଥିବା ସୁଡୋରୋମ୍ବସ ଆର୍ସିଅସ (ଗଙ୍ଗାର ବଡ଼ଦାନ୍ତ ଫ୍ଲାଉଣ୍ଡର) ମାଛ ସହିତ ଏହାର ସାମଞ୍ଜସ୍ୟ ରହିଥିଲା। ଗବେଷକ ଡ. ଅନିଲ ମହାପାତ୍ରଙ୍କ ସୂଚନା ଅନୁଯାୟୀ,


ସୁଡୋରୋମ୍ବସ ବାହୁଦାଏନ୍‌ସିସ୍

ଆଧୁନିକ ଡିଏନ୍‌ଏ ବାରକୋଡିଂ ଓ ଫାଇଲୋଜେନେଟିକ ଉପକରଣ ବ୍ୟବହାର କରି ଏହି ନୂଆ ପ୍ରଜାତି ଚିହ୍ନଟ ହୋଇଛି। ସୁଡୋରୋମ୍ବସ ଆର୍ସିଅସ ଓ ସୁଡୋରୋମ୍ବସ ବାହୁଦାଏନ୍‌ସିସ୍ ପ୍ରାୟ ୧୭ ନିୟୁତ ବର୍ଷ ପୂର୍ବେ ଅଲଗା ହୋଇଥିଲେ, କିନ୍ତୁ ବାହ୍ୟ ରୂପରେ ଏମାନେ ପ୍ରାୟ ଏକାଭଳି ଦେଖାଯାଉଛନ୍ତି। ଗବେଷକ ଶୁଭ୍ରେନ୍ଦୁ ଶେଖର ମିଶ୍ର କହିଛନ୍ତି, ସୁଡୋରୋମ୍ବସ ବାହୁଦାଏନସିସି ମାଛ ପ୍ରଥମେ ଓଡ଼ିଶା-ଆନ୍ଧ୍ର ସୀମାରେ ଥିବା ବାହୁଦାରେ ଦେଖାଯାଇଥିଲା ଏବଂ ପରେ ଗୋପାଳପୁର ଓ ପୁରୀର ପେଣ୍ଠକଟାରେ ମଧ୍ୟ ମିଳିଛି। ଏହି ପ୍ରଜାତି ଇଣ୍ଡୋ-ପାସିଫିକ ଅଞ୍ଚଳରେ ବ୍ୟାପକ ହୋଇପାରେ ବୋଲି ଗବେଷକମାନେ ଅନୁମାନ କରୁଛନ୍ତି। ଗବେଷକ ସ୍ମୃତିରେଖା ଆଚାର୍ଯ୍ୟ, ରାଜେଶ କୁମାର ବେହେରା, ସ୍ୱରୂପ ରଞ୍ଜନ ମହାନ୍ତି, ଦୀପାଞ୍ଜନ ରାୟ, ଶେଷଦେବ ପାତ୍ର, ଶୁଭ୍ରେନ୍ଦୁ ଶେଖର ମିଶ୍ର ଓ ଅନିଲ ମହାପାତ୍ର ଏହି ନୂତନ ପ୍ରଜାତିର ମାଛ ସମ୍ପର୍କରେ ଗବେଷଣାରେ ସାମିଲ ହୋଇଥିଲେ।

# କାଜୁ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ

ପାରଳାଖେମୁଣ୍ଡି,୨୧।୧୦
(ଗିରିଧାରୀ ପରିଚ୍ଛା)

- ୧୨୦୦ରୁ ଊର୍ଦ୍ଧ୍ୱ କାଜୁବସ୍ତା ପୋଡ଼ି ପାଉଁଶ
- ୨୦ ଘଣ୍ଟା ବିତିଲାଣି, ଆୟତ୍ତ ହୋଇପାରୁନି ନିଆଁ

ଗଜପତି ଜିଲା ଗୋଷାଣି ବ୍ଲକ ଗାରାବନ୍ଧ ଥାନା ଲାବଣ୍ୟଗଡ଼ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମ ନିକଟରେ ଥିବା ଜଗନ୍ନାଥ କାଜୁ ଫ୍ୟାକ୍ଟ୍ରିରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ କାଜୁ ଫ୍ୟାକ୍ଟ୍ରି ମାଲିକ ବି.ଭି. ଜଗନ୍ନାଥ ରାଓ ଗୁରୁତର ହୋଇ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଗ୍ନିକାଣ୍ଡରେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ କାଜୁ ପୋଡି ପାଉଁଶ ହୋଇଯାଇଛି।

ଖବରରୁ ଜଣାପଡ଼ିଛି, ସୋମବାର ବିଳମ୍ବିତ ରାତିରେ ଜଗନ୍ନାଥପୁରଠାରେ ଥିବା କାଜୁ ଫ୍ୟାକ୍ଟ୍ରିରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖି ମାଲିକ ଜଗନ୍ନାଥଙ୍କୁ ଖବର ଦେଇଥିଲେ।


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଛନ୍ତି।

ମାଲିକ କାଜୁ ଫ୍ୟାକ୍ଟ୍ରିରେ ପହଞ୍ଚି ଫ୍ୟାକ୍ଟ୍ରିର କବାଟ ବାହାର କରିଦେଇଥିଲେ। ଫଳରେ ଫ୍ୟାକ୍ଟ୍ରି ଭିତରେ ଜଳୁଥିବା ନିଆଁ ଝାସରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସଙ୍ଗେସଙ୍ଗେ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଅଞ୍ଚଳବାସୀ ଗାରାବନ୍ଧା ଥାନା ଅଧିକାରୀ ପ୍ରଶାନ୍ତ ନିଶିକାଙ୍କୁ ଖବର ଦେଇଥିଲେ। ନିଶିକା ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀଙ୍କୁ ସୂଚନା ଦେଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଘଣ୍ଟାଘଣ୍ଟା ଧରି ଉଦ୍ୟମ ଜାରି ରଖିଥିଲେ ସୁଦ୍ଧା ଦୀର୍ଘ ୨୦ ଘଣ୍ଟା ହେଲା ନିଆଁ ଆୟତ୍ତ ହୋଇପାରିନି। ଖବର ଲେଖିବା ବେଳକୁ ଫ୍ୟାକ୍ଟ୍ରିରୁ ଧୂଆଁ ବାହାରୁଥିଲା। ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛି। ଏନେଇ ଅଗ୍ନିଶମ ଅଧିକାରୀ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ଫ୍ୟାକ୍ଟ୍ରିରୁ ଧୂଆଁ ବାହାରୁଛି। ସମ୍ଭବତଃ କାଜୁ ଚୋପାରେ ତେଲ ଥିବାରୁ ନିଆଁ କୁହୁଳୁଛି ଏବଂ ଆୟତ୍ତ କରିବା କଷ୍ଟକର ହେଉଛି। ଏପରି ଅଗ୍ନିକାଣ୍ଡ ଶର୍ଟସର୍କିଟ ଯୋଗୁ ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଗାରାବନ୍ଧ ଥାନା ଅଧିକାରୀ ନିଶିକା କହିଛନ୍ତି, ଏହାର ତଦନ୍ତ ଜାରି ରହିଛି। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ପରେ ଅଗ୍ନିକାଣ୍ଡର କାରଣ ଜଣାପଡିବ। ଅନ୍ୟପକ୍ଷରେ କାଜୁ ଫ୍ୟାକ୍ଟ୍ରିରେ ୧୨ ଶହରୁ ୧୩ ଶହ କାଜୁ ବସ୍ତା ଥିଲା । ଏହାର ବଜାର ମୂଲ୍ୟ ୧ କୋଟି ୭୦ ଲକ୍ଷ ଟଙ୍କା ହେବ ବୋଲି ଫ୍ୟାକ୍ଟ୍ରି ମାଲିକ କହିଛନ୍ତି।

# ଅନ୍ୟ ଜାତିରେ ବାହା ହୋଇଥିଲେ ବୋଲି ମିଳିଲାନି କାନ୍ଧ

ଝାରସୁଗୁଡ଼ା, ୨୧।୧୦
(ଆଶିଷ ରଞ୍ଜନ ଦାଶ)

- ମୃତଦେହ ପାଖରେ ବସି କାନ୍ଦୁଥିଲେ ସ୍ତ୍ରୀ, ୨ ଝିଅ
- ସରପଞ୍ଚ, ପଶ୍ଚିମେଶ୍ୱର ଯୁବକ ସଂଘ ସଦସ୍ୟ କଲେ ମୃତଦେହ ସତ୍କାର

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ତେଲେନପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଅନ୍ୟ ଜାତିର ଯୁବତୀଙ୍କୁ ବିବାହ କରିଥିଲେ ବୋଲି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ମୃତଦେହ ସତ୍କାର ପାଇଁ ପରିବାର ସଦସ୍ୟ କିମ୍ବା ଜାତିବନ୍ଧୁ ଆସିଲେନି। ଶେଷରେ ତେଲେନପାଲି ସରପଞ୍ଚ ଓ ସ୍ଥାନୀୟ ପଶ୍ଚିମେଶ୍ୱର ଯୁବକ ସଂଘ ସଦସ୍ୟଙ୍କ ମିଳିତ ଉଦ୍ୟମରେ ମଙ୍ଗଳବାର ମୃତଦେହ ସତ୍କାର କରାଯାଇଛି।

ସୂଚନା ଅନୁଯାୟୀ, ତେଲେନପାଲି ଗ୍ରାମର ରଘୁ ଧୂରୁଆ(୪୨) ପ୍ରାୟ ୧୦ ବର୍ଷ ପୂର୍ବେ ଅନ୍ୟ ଜାତିର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଏଥିପାଇଁ ତାଙ୍କୁ ପରିବାର ସଦସ୍ୟ ଓ ତାଙ୍କ ଜାତିର ଲୋକମାନେ ସାମାଜିକ ବାସନ୍ଦ କରିଥିଲେ। ଫଳରେ ସେ ଉକ୍ତ ଗ୍ରାମର ଅନ୍ୟଏକ ସ୍ଥାନରେ ଖୁସିରେ ରହୁଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ୨ଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ହେଲେ କୌଣସି ରୋଗରେ ଆକ୍ରାନ୍ତ ହୋଇ ସୋମବାର ଘରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ନିକଟରେ ସ୍ତ୍ରୀ ଓ ୨ ଝିଅ କାନ୍ଦୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରଘୁଙ୍କ ମୃତଦେହ ସତ୍କାର ପାଇଁ ପରିବାର କିମ୍ବା ବନ୍ଧୁ ପରିଜନ ଆଗେଇ ଆସିଲେ ନାହିଁ। କାରଣ ସେମାନଙ୍କୁ ସାମାଜିକ ବାସନ୍ଦ କରିଦିଆଯିବ ବୋଲି ଭୟ ରହିଥିଲା। ସ୍ୱାମୀଙ୍କ ଶେଷକୃତ୍ୟ କିପରି ସମ୍ପନ୍ନ ହେବ ସେ ନେଇ ତାଙ୍କ ସ୍ତ୍ରୀ କିଛି ବୁଝି ପାରୁ


ରଘୁଙ୍କ ସ୍ତ୍ରୀ ଏବଂ ୨ ଶିଶୁକନ୍ୟା।

ନ ଥିଲେ। ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହୋଇଥିଲା। ତେଲେନପାଲି ସରପଞ୍ଚ ଆକାଶ ସାହୁଙ୍କ ଉଦ୍ୟମରେ ପଶ୍ଚିମେଶ୍ୱର ବାବା ଯୁବକ ସଂଘର ସଦସ୍ୟମାନେ ମଙ୍ଗଳବାର ସକାଳେ ରଘୁଙ୍କ ଘରେ ପହଞ୍ଚିଥିଲେ। ଶେଷରେ ସେମାନେ ମୃତଦେହକୁ କାନ୍ଧରେ ନେଇ ଗ୍ରାମ ଶ୍ମଶାନରେ ସତ୍କାର କରିଥିଲେ। ଏନେଇ ସରପଞ୍ଚ ସାହୁ, ପଶ୍ଚିମେଶ୍ୱର ଯୁବକ ସଂଘ ସଭାପତି ସଞ୍ଜୟ ସ୍ୱାଇଁ, ସଦସ୍ୟ ଶଙ୍କର ଖମାରୀ କହିଛନ୍ତି, ରଘୁଙ୍କ ଶୁଦ୍ଧିକ୍ରିୟା ଏବଂ ପରିବାରକୁ ଆବଶ୍ୟକ ସହଯୋଗ ପଞ୍ଚାୟତ ଓ ଯୁବକ ସଂଘ ପକ୍ଷରୁ ଯୋଗାଇ ଦିଆଯିବ।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ପାଳନ ଅବସରରେ ସୂର୍ଯ୍ୟ ପୂଜା ଓ ଚଣ୍ଡିପାଠ, ସ୍ଥାନ: ରସୁଲଗଡ଼ ଜି ଜି ପି କଲୋନୀସ୍ଥିତ ମା' ଦକ୍ଷିଣ କାଳୀ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଜୟନ୍ତ ମହାପାତ୍ର ସ୍ମାରକୀ ବକ୍ତୃତାମାଳା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ କେଦାରନାଥ ମହାପାତ୍ରଙ୍କ ୧୧୪ତମ ଜୟନ୍ତୀ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା।

**କଟକ**

- ତିଗିରିଆ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମହେଶ୍ୱର ନୋଡାଲ ବିଦ୍ୟାପୀଠ, ପୁରୁଣା ତିଗିରିଆ, ସମୟ: ସକାଳ ୯ଟା।
- ବଡ଼ମ୍ବା ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ମ୍ବା, ସମୟ: ସକାଳ ୯ଟା ୩୦।

**ଖୋର୍ଦ୍ଧା**

- ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସମାରୋହ, ସ୍ଥାନ: ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।

**ବାଲେଶ୍ୱର**

- ଯୁଗପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମହାମହୋତ୍ସବ, ସ୍ଥାନ: ଜଳସୋହରିଆ ପାନ ମାର୍କେଟ, ଭୋଗରାଇ, ସମୟ: ସକାଳ ୬ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ଉତ୍ସବ ସୁରଭି, ସ୍ଥାନ: ଉତ୍ତର ଦେଉଳା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୮ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ଉତ୍ସବ ସୁରଭି, ସ୍ଥାନ: ଖାରୁବଣୀ ଉଚ୍ଚ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମାର୍କୋଣା ରଘୁନାରାୟଣ ହାଇସ୍କୁଲ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ସମାବେଶ, ସ୍ଥାନ: ଥାନାଛକ ହେଲିପ୍ୟାଡ ପଡିଆ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ତୃତୀୟ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**

- ମା' ଭଦ୍ରକାଳୀଙ୍କ ରାଜରାଜେଶ୍ୱରୀ ବେଶ, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ଦ୍ୱିତୀୟ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- କାଳୀପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**

- କାଳୀପୂଜା ଅବସରରେ ଚଣ୍ଡୀପାଠ, ପୂଜାର୍ଚ୍ଚନା, ସ୍ଥାନ: ବନେଇକଳା, ଶାସ୍ତ୍ରୀନଗର, ଯୋଡ଼ା, ସମୟ: ସକାଳ ୮ଟା ୩୦।
- କାଳୀମନ୍ଦିରରେ ଚଣ୍ଡୀପାଠ, ହୋମଯଜ୍ଞ, ସ୍ଥାନ: ରଣାଶାଳ, ଯୋଡ଼ା, ସମୟ: ସକାଳ ୯ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ :ଶାଳନିଆଁ ମେଡିକାଲ, ହାଟଡିହୀ, ସମୟ :ସକାଳ ୯ଟା।
- ବ୍ଲକସ୍ତରୀୟ ଶିଶୁ ସୁରଭି ଉତ୍ସବ, ସ୍ଥାନ: ବାଲିବରେଇ, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- ତୁରୁମୁଙ୍ଗା ବଣିକ ସଂଘ ପକ୍ଷରୁ ମ୍ୟାଜିକ ଶୋ' ଓ ଡ୍ୟାନ୍ସ, ସ୍ଥାନ: ନିହୁଆ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**

- ଓମ୍ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଡୁମାପଦା କପ୍-୨୦୨୫, ସ୍ଥାନ:ବାରିପଦା ବ୍ଲକର ଡୁମାପଦା,ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଚିତ୍ରଡ଼ା, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

**ଢେଙ୍କାନାଳ**

- ଏକତା ପଦଯାତ୍ରା ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହ, ସମୟ: ଅପରାହ୍ନ ୪ଟା।

**ଅନୁଗୋଳ**

- ଚୋରି ଓ ହଜିଥିବା ମୋବାଇଲ ଫେରସ୍ତ ମେଳା, ସ୍ଥାନ: ଅନୁଗୋଳ ପୋଲିସ ମୁଖ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**

- ତିର୍ତ୍ତୋଲ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସାରସ୍ୱତ ପରିକ୍ରମା ସାହିତ୍ୟ ଅନୁଷ୍ଠାନର ହେମନ୍ତ କବିତା ଆସର,ବୃନ୍ଦ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର, ଗଡପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**

- ଗୋବର୍ଦ୍ଧନ ପୂଜା ଓ ଭଜନ ସମାରୋହ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଗୋବର୍ଦ୍ଧନ ପୂଜା ଓ ଭଜନ ସମାରୋହ, ସ୍ଥାନ: ଭକ୍ତବିଳାସ ମଠ, ଧୂମାତ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ମା' ଶ୍ୟାମାକାଳୀଙ୍କ ପୂଜାଷୋବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଳାବାଙ୍କ, ଡେରାବିଶ, ଜଗତିଜୋର ପୀଠ, ଛପାଲି, ପ୍ରଭାକରପୁର, ରାମନଗର, ବଟିଘର, ତଣ୍ଟିଆପାଳ, ପଙ୍କପାଳ, ଟିକରପଙ୍ଗା, ମହାକାଳପଡ଼ା, ନୂଆପଡ଼ା, ଖରିଷଣ, ସଟଲା, ମଇଁଦିପୁର, ଚମ୍ପୁର, ଗରଦପୁର, ପଞ୍ଚପଲ୍ଲୀ, ରାଧାନଗର ପଡ଼ିଆ, ଆଳି, ଗରାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**

- ବ୍ୟାସନଗର ପୌରାଞ୍ଚଳର ୧୦ ସ୍ଥଳର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ସନ୍ତରାଠାରୁ ବ୍ୟାସସରୋବର ପର୍ଯ୍ୟନ୍ତ ୧୦ଟି ସ୍ଥାନ, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ସହରର କାଳୀପୂଜା ନିମନ୍ତେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବଜାର, ମେଡିକାଲ ଛକ, ମାନସାପୋଲ, ଯୋଡିପୁଅ କାଳୀପୂଜା ମଣ୍ଡପ ପରିସର, ସମୟ : ସନ୍ଧ୍ୟା ୬ଟା।
- ଯାଜପୁର ରୋଡ ସହରର କାଳୀପୂଜା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: କୋପଣ୍ଡ କାଳୀପ ମଣ୍ଡପ ପରିସର, ସମୟ : ସନ୍ଧ୍ୟା ୬ଟା।

**ନୟାଗଡ଼**

- ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ, ସ୍ଥାନ: କଣ୍ଟିଲୋ ରାଧାମୋହନ ଜୀଉ ମଠ, ସମୟ:ସକାଳ ୮ଟା।
- ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ:ପୂର୍ବାହ୍ନ ୯ଟା।
- ୫ମ ବାର୍ଷିକ ରାମଚରିତ ମାନସ ପାରାୟଣ ଶୁଭାରମ୍ଭ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ପୂର୍ବାହ୍ନ ୯ଟା।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ରଣପୁର ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ପଥରଦ୍ୱାର ପୂର୍ଣ୍ଣବାସୀ ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ଇସ୍କନ ନୟାଗଡ ଦ୍ୱାରା କଥା କୀର୍ତ୍ତନ ଓ ଗୋବର୍ଦ୍ଧନ ଲୀଳା, ସ୍ଥାନ: ନୟାଗଡ ସହର ନିକଟବର୍ତ୍ତୀ ଶିଆଳିଖୋଲ ରେଲୱେ ଓଭରବ୍ରିଜ ପାଖ, ସମୟ: ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା।
- ମହାବୀର ପରିବା ବ୍ୟବସାୟୀ ସଂଘ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ:ନୟାଗଡ ଦୁଃଖି ବଜାର, ସମୟ: ପୂର୍ବାହ୍ନ ୧୧ଟା।
- ଗିରି ଗୋବର୍ଦ୍ଧନ ପୂଜାର ଆରମ୍ଭ, ସ୍ଥାନ: ଭାପୁର ବ୍ଲକ ଧାନଚାଙ୍ଗଡା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗାଁ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ୟାମାକାଳୀ ପୂଜାର ୫୨ ବର୍ଷ ପୂର୍ତ୍ତି ଅବସରରେ ଭଜନ ସମାରୋହ, ସ୍ଥାନ: ନୟାଗଡ ବ୍ଲକ ଷଠିଆପଲ୍ଲୀ ଶ୍ୟାମାକାଳୀ ପୀଠ, ସମୟ: ସଂଧ୍ୟା ୭ଟା।
- ଶ୍ୟାମାକାଳୀ ପୂଜା ମହୋତ୍ସବରେ ରାମ ନାଟକ, ସ୍ଥାନ: ଖଣ୍ଡପଡା ବ୍ଲକ କୁମ୍ଭାରପଡ଼ା, ସମୟ: ସଂଧ୍ୟା ୭ଟା।

**ରାୟଗଡ଼ା**

- ମା' ତ୍ରିପୁରା ସୁନ୍ଦରୀ ପୂଜା ଓ ଆରତୀ, ସ୍ଥାନ: କାଳୀ ମଣ୍ଡପ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

**ନବରଙ୍ଗପୁର**

- ଟାସ୍କ ଫୋର୍ସ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପୌରାଞ୍ଚଳ ଉନ୍ନୟନ କାର୍ଯ୍ୟ ସମୀକ୍ଷା, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚତୁଃଗ୍ରହ ଯୋଗ ପାରିବାରିକ ଜୀବନକୁ ସରସ, ସୁନ୍ଦର କରିବା ସହ ନୂତନ ସମ୍ପର୍କ ସୃଷ୍ଟିକରିବ। ଅବୁଝା ବନ୍ଧୁଙ୍କୁ ବୁଝାଇବାରେ ସମର୍ଥ ହେବେ। ମନ ଚାହୁଁଥିବା ଜିନିଷ ଲାଭ କରିବା ଦିଗରେ ଚେଷ୍ଟା ଅବ୍ୟାହତ ରଖନ୍ତୁ, ଆଶା ମଧ୍ୟ ଅପୂରଣୀୟ ରହିବ ନାହିଁ। ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନଜନିତ ସମୟ କଟାଇବେ।

**ବୃଷ**
ସାମାନ୍ୟ ବିଳମ୍ବରେ ଆଶା କରୁଥିବା ଦିଗରୁ ଧନପ୍ରାପ୍ତି ସହ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ବନ୍ଧୁଙ୍କ ପରାମର୍ଶରେ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ଯୁକ୍ତିତର୍କଜନିତ ବିବାଦୀୟ ପରିସ୍ଥିତି ଉପୁଜିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ**
ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ ସକାଶେ ବନ୍ଧୁଙ୍କୁ ନେହୁରା ହେବେ। ପରିବାରର ଆବଶ୍ୟକତାକୁ ନେଇ ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଫିସ୍ କାମରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥତା ଆଶା କରାଯାଇ ନ ପାରେ। ଅଧିକାଂଶ ସମୟ ଆଗନ୍ତୁକ ନୂତନ ବନ୍ଧୁଙ୍କ ସହ ଆଳାପରେ ସମୟ କଟାଇବେ। ଷ୍ଟେସନାରୀ, ଧାତୁ ଅଳଙ୍କାର ଓ ପୋଷାକପତ୍ର କାରବାରରୁ ଉପକୃତ ହେବେ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ପାଇଁ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ସିଂହ**
କଥା ଓ କାମରେ ମେଳ ନ ରହିବାରୁ ଅନ୍ୟମାନଙ୍କ ନିକଟରେ ଅବିଶ୍ୱାସର ପାତ୍ର ହେବେ। ପରିବାରରେ ବ୍ୟୟର ମାତ୍ରା କ୍ରମଶଃ ବୃଦ୍ଧି ହେତୁ ମାନସିକ ଅବସାଦ ବୃଦ୍ଧି ପାଇବ। ବିଭିନ୍ନ କାମରେ ଅନୁପ୍ରବେଶ କାରଣରୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**କନ୍ୟା**
ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ପରୋକ୍ଷ ଶତ୍ରୁତା, ଋଣ ଉଠାଣ, ଯୋଗାଣ କାରବାରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅନିୟମିତ ଭୋଜନଜନିତ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେବାର ସୂଚନା ରହିଛି।

**ତୁଳା**
ପରିବାରର ସମସ୍ୟା ସମାଧାନ ଚେଷ୍ଟା କରି ସଫଳ ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାର ସୂଚନା ରହିଛି। ଆଧ୍ୟାତ୍ମିକ ପ୍ରବଚନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ନୂତନ ସ୍ଥାନ ପରିଦର୍ଶନଜନିତ ଅହେତୁକ କଳ୍ପନାରେ ମସ୍‌ଗୁଲ୍ ରହିବେ।

**ବିଛା**
କାର୍ଯ୍ୟହାନି ସାଙ୍ଗକୁ ପରିବେଶ ଓ ପରିସ୍ଥିତିକୁ ନେଇ ଅସ୍ଥିରତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା କରିବାକୁ ପ୍ରସ୍ତୁତିପର୍ବରେ ଲାଗିପାରନ୍ତି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ। ରାଜନୈତିକ ସ୍ଥିତି, ଅର୍ଥନୈତିକ ପ୍ରଗତି ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ।

**ଧନୁ**
ନିଜ ଲୋକଙ୍କ ଚକ୍ଷୁଶୂଳର କାରଣ ସ୍ୱରୂପ ଶ୍ରଦ୍ଧା, ସମ୍ମାନ ଓ ଆଦରର ନ୍ୟୂନତା ଉପଲବ୍ଧି କରିବେ। କର୍ମକ୍ଷେତ୍ରରେ ଅସହଯୋଗଜନିତ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। କୌଣସି ବିଶ୍ୱସନୀୟ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ଯୋଗୁ କେତେକାଂଶରେ ଉପକୃତ ହେବେ।

**ମକର**
କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ପୃଷ୍ଠ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ସାମାଜିକ ସ୍ତରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା ଭଲ କାମ ଦେଇପାରେ।

**କୁମ୍ଭ**
ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଘର ସାଜସଜ୍ଜାରେ, ନିର୍ମାଣରେ, ଆନୁଷ୍ଠାନିକ କାମରେ, ମେଳା ମଉଚ୍ଛବରେ, ନୃତ୍ୟ ଓ ସଙ୍ଗୀତରେ ମଜିରହିପାରନ୍ତି। କୌଣସି ଜନହିତକର କାମରେ ତାହାକୁ ବିନିଯୋଗ ଚିନ୍ତା କରିବେ। କୌଣସି ବନ୍ଧୁଙ୍କ ସହ ଆଜିର ଆଲୋଚନା ନିଷ୍ଫଳ ହେବନାହିଁ।

**ମୀନ**
ମତାନ୍ତରଜନିତ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ଆଶଙ୍କା ରହିଛି। ଜଣେ ବ୍ୟକ୍ତି କର୍ମକ୍ଷେତ୍ରରେ ହଠାତ ଅସହଯୋଗ କରି ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ଆମଦାନୀ କାରବାର ଓ ରାଜନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଅକ୍ଟୋବର ୨୨ ତାରିଖ, କାର୍ତ୍ତିକ ଶୁକ୍ଳ ପ୍ରତିପଦା ବୁଧବାର। ଗିରି ଗୋବର୍ଦ୍ଧନ ପୂଜା, ଅନ୍ନକୂଟ, ବଲ୍ୟୁତ୍ସବ, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୭ମି. ଗତେ ଘ.୦୮.୦୪ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୧ମି. ଗତେ ଘ.୧୨.୫୩ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଦୀପାବଳି: ବଢ଼ିଲା...

୨୫୩ରେ ପହଞ୍ଚିଥିବାବେଳେ ନୟାପଲ୍ଲୀ ଅଞ୍ଚଳରେ ୨୨୦ରହିଛି। ସେହିପରି କଟକରେ ବାୟୁ ପ୍ରଦୂଷଣସ୍ତର ଅସ୍ୱାସ୍ଥ୍ୟକର ସ୍ଥିତିରେ ରହିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ବାୟୁ ପ୍ରଦୂଷଣ ସୂଚକାଙ୍କ ୧୭୩ ଥିବା ରେକର୍ଡ ହୋଇଛି। ବାୟୁରେ ପ୍ରଦୂଷଣ ସୂଚକାଙ୍କ ୧୫୦ରୁ ୨୦୦ମଧ୍ୟରେ ରହିଲେ ତାହା ଅସ୍ୱାସ୍ଥ୍ୟକର ହୋଇଥାଏ। କଟକ ବାୟୁମଣ୍ଡଳରେ ବର୍ତ୍ତମାନ ଏକ୍ୟୁଆଇ ୧୨୨ ଥିବାବେଳେ ପିଏମ୍ ୨. ୫ କଣିକାର ମାତ୍ରା ୮୭ ରହିଛି। ସମ୍ବଲପୁର ସହରରେ ବାଣ ଫୁଟା ପ୍ରଦୂଷଣ ଅପେକ୍ଷା ଭାସମାନ ଧୂଳିକଣା ଜନିତ ପ୍ରଦୂଷଣ ଅଧିକ ବୋଲି ସମ୍ବଲପୁରସ୍ଥିତ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ କହିଛନ୍ତି। ସହରରେ ବାଣ ବ୍ୟବସାୟୀମାନଙ୍କୁ ସବୁଜ ବାଣ ବିକ୍ରୟ ପାଇଁ କୁହାଯାଇଥିଲା। ଏଥିଯୋଗୁ ପୂର୍ବ ବର୍ଷ ଅପେକ୍ଷା ବାୟୁ ପ୍ରଦୂଷଣ କମ୍ ରହିଥିବା ସତ୍ୟନାରାୟଣ କହିଛନ୍ତି। ମୁଦିପଡ଼ା ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପାଣିଟାଙ୍କି ଛକରେ ବାୟୁ ପ୍ରଦୂଷଣ ସର୍ବାଧିକ ୨୧୭ ମାଇକ୍ରୋଗ୍ରାମ ପ୍ରତି ଘନମିଟର, ବରେଇପାଲି ଜଳ ବିଶୋଧନାଗାର ନିକଟରେ ୧୭୩ ମାଇକ୍ରୋଗ୍ରାମ ପ୍ରତି ଘନମିଟର ଓ ଦଳେଇପଡ଼ା ପୁରୁଣା ପୌରପରିଷଦ କାର୍ଯ୍ୟାଳୟ ନିକଟରେ ଏହାର ମାତ୍ରା ୧୪୯ ମାଇକ୍ରୋଗ୍ରାମ ପ୍ରତି ଘନମିଟର ରହିଛି।

ବ୍ରହ୍ମପୁରରେ ମଧ୍ୟ ଚଳିତବର୍ଷ ୨ ଦିନ ଦୀପାବଳି ପାଳିତ ହୋଇଥିବାରୁ ବର୍ତ୍ତମାନ ସୁଦ୍ଧା ପ୍ରଦୂଷଣର ପ୍ରଭାବ ଅଧିକ ରହିଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହାକୁ ମନିଟରିଂ କରାଯାଉଛି। ପ୍ରାୟ ୧୪ ଦିନ ଧରି ମନିଟରିଂ ହେବ। ବୁଧବାର ଏହାର ପ୍ରଭାବ ଜଣାପଡ଼ିବ ବୋଲି ବ୍ରହ୍ମପୁର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଇଂ. ଦୀପକ କୁମାର ସାହୁ କହିଛନ୍ତି।

ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ସାହୁ କହିଛନ୍ତି ଯେ, ବାଣ ଫୁଟାଇବା ନେଇ ପ୍ରଦୂଷଣ ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ନିର୍ଦ୍ଦେଶନାମା ଜାରି ହୋଇଛି। ସବୁଜ ବାଣ ଫୁଟାଇବା ଉପରେ ବୋର୍ଡ ପକ୍ଷରୁ ସଚେତନ କରାଯାଉଛି। ହେଲେ ସାଧାରଣ ଲୋକେ ଏଥିପ୍ରତି ସଚେତନ ହେଉନାହାନ୍ତି। ଫଳରେ ଏହାର ପ୍ରଭାବ ପରିବେଶ ଉପରେ ପଡୁଛି। ଦୀପାବଳି ପାଇଁ ବୋର୍ଡ ପକ୍ଷରୁ ବିଭିନ୍ନ ସହରରେ ଅଧିକାଂଶ ସ୍ଥାନରେ ଚଢ଼ଉ କରାଯାଇଛି, ବାଣ ଦୋକାନୀଙ୍କୁ ଜୋରିମାନା କରାଯାଇଛି। ଏହାସତ୍ତ୍ୱେ ଜନସାଧାରଣ ବାଣ କିଣିବାପାଇଁ ଯେପରି ଆଗ୍ରହ ଦେଖାଉଛନ୍ତି ତାକୁ ନେଇ ଦୋକାନୀ ଅନୁରୂପ ଭାବେ ବାଣ ବିକୁଛନ୍ତି। ଏଥିପ୍ରତି ସବୁବର୍ଗର ଲୋକେ ସଚେତନ ହେବା ନିହାତି ଜରୁରୀ।

ରାଜ୍ୟ ଭେଷଜ, ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର ଡା. ଉମାକାନ୍ତ ଶତପଥୀ କହିଛନ୍ତି, ବାୟୁ ପ୍ରଦୂଷଣ ଅଧିକ ହେଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ଚର୍ମରୋଗଠାରୁ ଆରମ୍ଭ କରି ଶ୍ରବଣଶକ୍ତି ହ୍ରାସ ପାଇଥାଏ। ୮୫ ଡେସିବଲରୁ ଅଧିକ ବାୟୁ ପ୍ରଦୂଷଣ ହେଲେ ଶ୍ରବଣଶକ୍ତି ଉପରେ ଗୁରୁତର ପ୍ରଭାବ ପଡ଼େ। ଆଜମା, ବ୍ରୋଙ୍କାଇଟସ୍ ଭଳି ରୋଗ ଦେଖାଦେଇଥାଏ। ଲୋକେ ସତର୍କ ନହେଲେ ସମସ୍ୟା ହିଁ ସମସ୍ୟା ଦେଖାଦିଏ ବୋଲି ଡା. ଶତପଥୀ କହିଛନ୍ତି।

ଦୀପାବଳି ରାତିରେ ହିମାଚଳ ପ୍ରଦେଶର ଶିମ୍ଲା ସମେତ ବିଭିନ୍ନ ସହରରେ ବାଣ ଫୁଟାବେଳେ ଅନେକ ଦୋକାନ ଜଳିଯାଇଛି। ଶିମ୍ଲାରେ ବହୁ କୋଟି ଟଙ୍କାର ସମ୍ପତ୍ତି ଜଳିପୋଡ଼ି ଛାରଖାର ହୋଇଯାଇଛି। ସୋମବାର ରାତିରୁ ଅଦ୍ୟାବଧି ୪୭ଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। କୁଲ୍ଲୁ ଜିଲାର ଏକ ବହୁତଳ ବିଶିଷ୍ଟ ହୋଟେଲ ଜଳିଯାଇଛି। ଫଳରେ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ବାଣ ଫୁଟାଇବା ବେଳେ ଛିଣ୍ଡିଲା ଯୁବକଙ୍କ ହାତ ପାପୁଲି

**ସୋର,୨୧।୧୦(ଜନ୍ମେଜୟ ମିଶ୍ର)**

ଦୀପାବଳିରେ ବାଣ ଫୁଟାଇବା ବେଳେ ଅଘଟଣ ଘଟି ଜଣେ ଯୁବକଙ୍କ ହାତ ପାପୁଲି ଛିଣ୍ଡିଥିବା ବେଳେ ୬ଜଣ ନାବାଳକଙ୍କ ସମେତ ୧୨ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଗୁରୁତର ଯୁବକ ହେଲେ ସୋର ଥାନା ଗୋବିନ୍ଦପୁର ଗ୍ରାମର ବାବୁ ମହାନ୍ତି (୩୬)। ବାବୁ ସୋମବାର ସନ୍ଧ୍ୟାରେ ଚାଇନା ବାଣ ଫୁଟାଉଥିବା ବେଳେ ହଠାତ୍ ବାଣଟି ତାଙ୍କ ଡାହାଣ ହାତ ପାପୁଲିରେ ଫାଟିଯାଇଥିଲା। ଫଳରେ ହାତରୁ ପାପୁଲି ଅଲଗା ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସନ୍ଧ୍ୟାରେ ବାଣ ଫୁଟାଉଥିବା ବେଳେ ସୋରର ବିଭିନ୍ନ ଅଞ୍ଚଳରୁ ମୁକ୍ତିକାନ୍ତ ନାୟକ(୪୦), ଅନିମା ରାଉତ (୩୮), ସୌଭଗ୍ୟ ଜେନା (୧୪), ଖଗେଶ ମହାକୁଡ, ସୋମେଶ ପଲେଇ(୧୨), ଶୁଭ୍ରଜିତ ସ(୧୪), ବିଷ୍ଣୁପ୍ରସାଦ ସାହୁ(୧୩), ସାଇ ରାଉତ(୫) ପ୍ରମୁଖ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଷୁନା ଧାନ କି ଗଜା ହୋଇବ ରାମ ରାଇଜ କି ସତେ ଫେରିବ ?**

ତ୍ରେତୟାଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଶାସନ ପ୍ରଣାଳୀ ଖୁବ୍ ଆଦର୍ଶ ହୋଇପାରିଥିଲା। ଉଷୁନା ଧାନ ଯେପରି ଗଜା ହେବା ଅସମ୍ଭବ ବର୍ତ୍ତମାନ ଶାସନ ପ୍ରଣାଳୀ ଶ୍ରୀରାମଙ୍କ ଭଳି ହୋଇପାରିବ ନାହିଁ ବୋଲି ଆଶଙ୍କା ପ୍ରକାଶ କରାଯାଇଛି।

**ଉତ୍ତରରେ କଳା ପୂର୍ବେ ନଳା ଦକ୍ଷିଣେ ଜଳା ପଶ୍ଚିମେ ଖଳା ।**

ଉତ୍ତରରେ ହାଣ୍ଡିଶାଳ ଓ ପୂର୍ବପଟେ ନଳା ରଖିବା ଭଲ ହୋଇଥାଏ। ସେହିପରି ଦକ୍ଷିଣପଟରେ ଝରକା ଏବଂ ପଶ୍ଚିମ ଦିଗରେ ଖଳା ରଖିବା ଶୁଭପ୍ରଦ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବାଣଫୁଟି ୬୦ରୁ ଊର୍ଦ୍ଧ୍ୱ ଆହତ

**ଭୁବନେଶ୍ୱର,୨୧।୧୦(ସତ୍ୟଜିତ ରାଉତ)**

ଦୀପାବଳି ପାଇଁ ରାଜଧାନୀ ଭୁବନେଶ୍ୱର ଉତ୍ସବମୁଖର ହୋଇପଡ଼ିଥିବାବେଳେ ବିଭିନ୍ନ ସ୍ଥାନରେ ଅଘଟଣ ଘଟିଛି। ବାଣ ଫୁଟି ୬୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ସୋମବାର ଅପରାହ୍ନ ୨ଟାରୁ ରାତି ୧୦ଟା ୩୦ ମଧ୍ୟରେ କ୍ୟାପିଟାଲ ହସ୍ପିଟାଲରେ ପ୍ରାୟ ୬୨ ଜଣ ଆହତ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ଆହତଙ୍କ ସଂଖ୍ୟା ବଢ଼ିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ଅପରପକ୍ଷରେ ବାଣ ଫୁଟାଇବାକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ସମୟ କଟକଣା ଜାରି କରାଯାଇଥିବା ସତ୍ତ୍ୱେ ଲୋକେ ଏହାକୁ ମାନି ନ ଥିଲେ। ସନ୍ଧ୍ୟା ୭ଟାରୁ ରାତି ୯ ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ପୋଲିସ ଅନୁମତି ଦେଇଥିଲା। ନିର୍ଦ୍ଦେଶନାମା ନ ମାନି ରାତି ୯ଟା ପରେ ବାଣ ଫୁଟାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନରେଟ୍ ପୋଲିସ ଚେତାବନୀ ଦେଇଥିଲା। ହେଲେ ଲୋକେ ଏହି ନିୟମକୁ ମାନି ନ ଥିଲେ। ସନ୍ଧ୍ୟା ହେବା ମାତ୍ରେ ବିଭିନ୍ନ ସ୍ଥାନରେ ବାଣ ଫୁଟା ଆରମ୍ଭ ହୋଇଯାଇଥିଲା। ଏପରିକି ରାତି ୯ଟା ପରେ ବାଣଫୁଟା ବନ୍ଦ ହୋଇ ନ ଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅମାନିଆମାନେ ବାଣ ଫୁଟାଇ ଉତ୍ସବ ମନାଇଥିଲେ। ବାଣ ଫୁଟା ଯୋଗୁ ରାଜଧାନୀର ପରିବେଶ ବିଗିଡ଼ି ଯାଇଥିଲା। ବାଣ ଧୂଆଁରେ ପରିବେଶ ଆଚ୍ଛାଦିତ ହୋଇଯାଇଥିଲା। ରାସ୍ତାରେ ଗାଡ଼ି ଚଳାଚଳ କରିବା କଷ୍ଟକର ହୋଇପଡ଼ିଥିଲା।

## କଫ୍ ସିରପ୍ ମୃତ୍ୟୁ...

ଔଷଧରେ ଡାଇ-ଇଥାଇଲିନ୍ ଏବଂ ଇଥାଇଲିନ୍ ଗ୍ଲାଇକୋଲ ଭଳି ପ୍ରଦୂଷିତ ଉପାଦାନ ରହିଛି ନାହିଁ, ତାହାର ପରୀକ୍ଷା କରିବା ବ୍ୟବସ୍ଥା ରହିଛି। କିନ୍ତୁ ଘରୋଇ ବଜାରରେ ସିରପ୍ ବିକ୍ରି ପାଇଁ ସେଭଳି କୌଣସି ନିୟମାବଳୀ ନାହିଁ। ଏହା ନିୟାମକ ବ୍ୟବଧାନ ବୋଲି ଡବ୍ଲ୍ୟୁଏଚ୍‌ଓ ସତର୍କ କରାଇଛନ୍ତି। ନିମ୍ନମାନର ଏବଂ ତ୍ରୁଟିପୂର୍ଣ୍ଣ ଔଷଧଗୁଡ଼ିକ ସହ ସମ୍ପୃକ୍ତ ଘଟଣାରେ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ଡବ୍ଲ୍ୟୁଏଚ୍‌ଓ ଟିମ୍ ଏଥିରେ ଅଗ୍ରଣୀ ଭୂମିକା ନେଇଥିବା କୁଓ୍ୱାନା କହିଛନ୍ତି। ତେବେ ଆହୁରି ଅନେକ କିଛି କରାଯିବାର ଆବଶ୍ୟକତା ରହିଛି। ଅନେକ ହଜାର ଉତ୍ପାଦନକାରୀଙ୍କୁ ନେଇ ଏହା ଏକ ବିଶାଳ ବଜାର ହୋଇଥିବାରୁ ଅନେକ ରାଜ୍ୟକୁ ଏଥିରେ ଡିଲ୍ କରିବାକୁ ହେବ।

କମ୍ପାନୀଗୁଡ଼ିକ ବର୍ଷେ ସୁଦ୍ଧା ସେମାନଙ୍କ କାରଖାନାଗୁଡ଼ିକୁ ଅନ୍ତର୍ଜାତୀୟ ଗୁଣବତ୍ତାରେ ଉନ୍ନତ କରିବା ପରେ ରପ୍ତାନି ନିୟମାବଳୀକୁ ରଦ୍ଦ କରିବାକୁ ଭାରତ ଯୋଜନା ରଖିଥିବା ଗତ ସପ୍ତାହରେ ରଏଟର୍ସ ପ୍ରକାଶ କରିଥିଲା। ଅନୁରୋଧ ସତ୍ତ୍ୱେ ଭାରତର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ କେନ୍ଦ୍ରୀୟ ଔଷଧ ଗୁଣବତ୍ତା ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ) କୌଣସି ମନ୍ତବ୍ୟ ଦେଇ ନ ଥିଲେ। ଯୋଜନା ଉପରେ ମନ୍ତବ୍ୟ ଦେବା ନିମନ୍ତେ ବାରମ୍ବାର ଫୋନ୍ କରିବା ସତ୍ତ୍ୱେ ସ୍ରେସାନ ଫାର୍ମାର ପ୍ରତିନିଧିମାନେ କୌଣସି ଜବାବ ରଖି ନ ଥିଲେ। ଔଷଧ ଗୁଣବତ୍ତାରେ ଉନ୍ନତି ଆଣିବା ଦିଗରେ ସମସ୍ତ ପଦକ୍ଷେପକୁ ଏଜେନ୍ସି ସ୍ୱାଗତ କରିଥିବା ଡବ୍ଲ୍ୟୁଏଚ୍‌ଓ ମୁଖପାତ୍ର କହିଛନ୍ତି। ତେବେ ରପ୍ତାନି ପରୀକ୍ଷା କରା ନ ଯିବା ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, କେବଳ ଶେଷରେ ନୁହେଁ, ଉତ୍ପାଦନ ପ୍ରକ୍ରିୟା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କଞ୍ଚାମାଲ ସମେତ ଔଷଧକୁ ପରୀକ୍ଷା କରାଯିବା ଆବଶ୍ୟକ। ଆଇନ ଅନୁଯାୟୀ ଭାରତୀୟ ଔଷଧ କମ୍ପାନୀଗୁଡ଼ିକୁ କଞ୍ଚାମାଲ୍‌ର ପ୍ରତ୍ୟେକ ବ୍ୟାଚ୍ ଏବଂ ଚୂଡ଼ାନ୍ତ ଉତ୍ପାଦର ନିଶ୍ଚୟ ପରୀକ୍ଷା କରିବାକୁ ହେବ। ତେବେ କେତେକ କମ୍ପାନୀ ତାହା କରୁ ନ ଥିବା ସିଡିଏସ୍‌ସିଓ କହିଛନ୍ତି। ପଡ଼ୋଶୀ ପାକିସ୍ତାନ ବିଷାକ୍ତ ଉପାଦାନଗୁଡ଼ିକର ପରୀକ୍ଷା ପାଇଁ ଡବ୍ଲ୍ୟୁଏଚ୍‌ଓରୁ ତାଲିମ ନେବା ସହ ଏକ ନୂଆ ଓ ଶସ୍ତା ପରୀକ୍ଷାର ବିକାଶ କରିଛି। ଭାରତର ପ୍ରତିନିଧି ଯୋଗଦେଇ ନ ଥିଲେ କିନ୍ତୁ ଏହି ପଦ୍ଧତି ବ୍ୟବହାର କରୁଥିବା ଡବ୍ଲ୍ୟୁଏଚ୍‌ଓକୁ ନିଶ୍ଚିତ କରାଇଥିଲେ ବୋଲି କୁଓ୍ୱାନା କହିଛନ୍ତି। ପୂର୍ବ ଘଟଣାରେ କେହି ଉତ୍ତରଦାୟୀ ନ ରହିବା ଅତ୍ୟନ୍ତ ଦୁଃଖଦାୟକ। ବିଦେଶରେ ଔଷଧ ଖାଇ ପିଲାଙ୍କ ମୃତ୍ୟୁ ସତ୍ତ୍ୱେ ଭାରତରେ କେହି ଜେଲ ଯାଇଥିବାର ରେକର୍ଡ ନାହିଁ ବୋଲି ଡବ୍ଲ୍ୟୁଏଚ୍‌ଓ ଅଧିକାରୀ କହିଛନ୍ତି। ଏହା ନକଲି ଜୋତା ବିକିବା ଭଳି ନୁହେଁ, ଏହା ଏକ ନୈତିକ ପ୍ରସଙ୍ଗ। ଯଦି ଆପଣମାନେ ନିୟମାବଳୀ ଅନୁପାଳନ ନ କରନ୍ତି, ତେବେ ତାହା ଅପରାଧ, କାରଣ ତାହାର ଭୟଙ୍କର ପରିଣାମ ରହିଥିବା କୁଓ୍ୱାନା କହିଛନ୍ତି।

## ୫ ଦିନ ଯାଏ...

ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସେହିପରି ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ତେବେ ଲଘୁଚାପ ପ୍ରଭାବରେ ଓଡ଼ିଶାରେ ଆଗାମୀ ୫ ରୁ ୭ ଦିନ ଧରି ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ କହିଛି। ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶା ସମେତ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ରହିବ। ବିଜୁଳି, ଘଡ଼ଘଡ଼ି ସହ ଝଟକା ପବନର ସମ୍ଭାବନା ଥିବାବେଳେ ଏହି ସମୟରେ ଚାଷୀଙ୍କୁ ସାବଧାନତା ଅବଲମ୍ବନ ସହ ସତର୍କ ରହିବାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ସହିତ ଘଡ଼ଘଡ଼ି ସହିତ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ଆକଳନ କରାଯାଇଛି। ୨୩ ତାରିଖରେ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଅକ୍ଟୋବର ୨୪, ୨୫ ଓ ୨୬ରେ ବର୍ଷା ବଢ଼ିବାର ସମ୍ଭାବନା ଥିବା ନେଇ ନିର୍ଦ୍ଦେଶିକା ମହାନ୍ତି ସୂଚନା ଦେଇଛନ୍ତି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ଥିବାରୁ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଥିସହ ଚାଷୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଅନୁଗୋଳ ଜିଲା ଟିକରପଡ଼ାରେ ସର୍ବାଧିକ ୬୨.୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଖୋର୍ଦ୍ଧାର ଟାଙ୍ଗୀରେ ୫୫ମି.ମି., ନୟାଗଡ଼ ଜିଲା ଗଣିଆରେ ୪୭ ମି.ମି., କଟକ ବାଙ୍କୀରେ ୪୫ ମି.ମି., ନୟାଗଡ଼ ଜିଲା ଦଶପଲ୍ଲାରେ ୪୨.୮ ମି.ମି., ବଲାଙ୍ଗୀରରେ ୪୧.୩ ମି.ମି., କଟକରେ ୩୯.୮ ମି.ମି. ଏବଂ କଳାହାଣ୍ଡି ଜିଲା ନର୍ଲାରେ ୩୭ ମି.ମି ବର୍ଷା ହୋଇଛି।

## ସମ୍ଭାବ୍ୟ ବାତ୍ୟା, ଲଘୁଚାପଜନିତ ବର୍ଷା ପାଇଁ ପ୍ରଶାସନକୁ ସତର୍କ କରାଯାଇଛି: ମନ୍ତ୍ରୀ ପୂଜାରୀ

**ଭୁବନେଶ୍ୱର,୨୧।୧୦(ସୁନିତ୍ ମିଶ୍ର)**

ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପଜନିତ ପ୍ରବଳ ବର୍ଷା ପାଇଁ ଜିଲା ପ୍ରଶାସନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କ କରାଯାଇଛି। ବିଦେଶୀ ପାଣିପାଗ ମଡେଲ ଓ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ଦେଖି ସବୁ ସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ବଙ୍ଗୋପସାଗରରେ ୨ଟି ଲଘୁଚାପ ହେବାର ଆକଳନ ହୋଇଛି। ବାତ୍ୟା ନେଇ ଆମେରିକାର ଏକ ସଂସ୍ଥା ଆକଳନ କରୁଛି। କିନ୍ତୁ ଭାରତୀୟ ପାଣିପାଗ ସଂସ୍ଥା କେବଳ ବର୍ଷା ହେବ ବୋଲି ବର୍ତ୍ତମାନ ସୁଦ୍ଧା ଆକଳନ କରିଛି। ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ ଦକ୍ଷିଣ ଓଡ଼ିଶାରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି। ତେଣୁ ତାକୁ ରେଡ୍ ଆଲର୍ଟରେ ରଖାଯାଇଛି। ଉପକୂଳ ଜିଲାଗୁଡ଼ିକୁ ଅରେଞ୍ଜ ଆଲର୍ଟରେ ରଖାଯାଇଛି। ବର୍ଷା ଅଧିକ ପରିମାଣରେ ହେବା ସମ୍ଭାବନା ଥିବାରୁ ସରକାର ଜିଲା ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି। ପ୍ରଭାବ ଅଧିକ ହେଲେ ବି ତା'ର ମୁକାବିଲା କରାଯିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ସାନେ ତାକାଇଚି...

ଶୂନ୍ୟତାର ଅନ୍ତ ଘଟିଛି। ଜୁଲାଇରେ ଅନୁଷ୍ଠିତ ନିର୍ବାଚନରେ ଇଶିବାଙ୍କ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି ପରାଜିତ ହେବା ପରେ ରାଜନୈତିକ ଶୂନ୍ୟତା ଓ ବିବାଦ ଲାଗି ରହିଥିଲା। ଇଶିବା ମାତ୍ର ଗୋଟିଏ ବର୍ଷ ପ୍ରଧାନମନ୍ତ୍ରୀ ରହିବା ପରେ ଇସ୍ତଫା ଦେଇ ଉତ୍ତରାଧିକାରୀ ବାଛିବାର ପଥ ପରିଷ୍କାର କରିଦେଇଥିଲେ। ଓସାକାର ଜାପାନ ଇନୋଭେଶନ ପାର୍ଟି ସହ ଏଲ୍‌ଡିପି ମେଣ୍ଟ କରିବା ଫଳରେ ସାନେଙ୍କ ପ୍ରଧାନମନ୍ତ୍ରିତ୍ୱ ସୁନିଶ୍ଚିତ ହୋଇଥିଲା। କାରଣ ବିରୋଧୀ ଏକାଠି ହୋଇପାରି ନ ଥିଲେ। ୬୪ ବର୍ଷୀୟ କଠୋର ରକ୍ଷଣଶୀଳ ନେତ୍ରୀ ସାନେ ପୁରୁଷପ୍ରାଧାନ୍ୟ ବ୍ୟବସ୍ଥା ମଧ୍ୟରେ ଉପରକୁ ଉଠିବାରେ ଜଣେ ବିରଳ ମହିଳା। ସେହିପରି ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ନେତୃତ୍ୱ ନେବାରେ ମଧ୍ୟ ସେ ପ୍ରଥମ ମହିଳା।

## ବୋହୂ ସ୍ୱୀକୃତି ଦାବିରେ...

ଶାଶୁଘର ଲୋକେ ବାହାର କରିଦେଲେ। ଏପରି କି ତାଙ୍କଠାରୁ ଦୂରେଇ ଦେବାକୁ ସ୍ୱାମୀଙ୍କୁ ରାଜ୍ୟ ବାହାରକୁ ପଠାଇ ଦେଲେ। ତେଣୁ ବୋହୂର ସ୍ୱୀକୃତି ଦାବି କରି ଗତମାସ ୨୬ ତାରିଖରେ ଥାନାର ଦ୍ୱାରସ୍ଥ ହୋଇଥିଲେ ଗର୍ଭବତୀ ଯୁବତୀ। ଏଥିସହ ଗତ ୨ ତାରିଖରୁ ଶାଶୁଘର ବାରଣ୍ଡାରେ ଧାରଣା ଦେଇଥିଲେ ହେଁ ବୋହୂର ସ୍ୱୀକୃତି ମିଳିବା ପରିବର୍ତ୍ତେ ତାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ କରାଯାଇଥିବା ସମ୍ପୃକ୍ତା ଯୁବତୀ ଅଭିଯୋଗ କରିଛନ୍ତି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ କୁମୁସୀ ପଞ୍ଚାୟତ ବସନ୍ତପଡ଼ା ଗ୍ରାମରେ ଘଟିଥିବା ଏହି ଘଟଣା ଏବେ ଆଲୋଚନାର ବିଷୟ ହୋଇଛି।

ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ବିବାହର ଦୀର୍ଘଦିନ ପରେ ମଧ୍ୟ ତାଙ୍କୁ ବୋହୂର ମାନ୍ୟତା ମିଳିନାହିଁ। ସ୍ୱାମୀଙ୍କ ସହ ସେ ଶାଶୁଘରକୁ ଆସିବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଜାତିଭାଇ ଧରିବାର ଭୟ ଦେଖାଇ ରାତି ପ୍ରାୟ ୩ଟା ବେଳେ ତାଙ୍କୁ ବାହାର କରିଦିଆଗଲା। ସ୍ୱାମୀଙ୍କ ସହ ସେ ଗାଁର ସ୍କୁଲ ଘରେ ଆଶ୍ରୟ ନେଲେ। ଭୋର ସମୟରେ ସ୍ୱାମୀଙ୍କ ସମ୍ପର୍କୀୟମାନେ ତାଙ୍କଠାରୁ ସ୍ୱାମୀଙ୍କୁ ଅଲଗା କରି ରାଜ୍ୟ ବାହାରକୁ ପଠାଇ ଦେଲେ। ଏହାପରଠାରୁ ସେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଅଛନ୍ତି। ସେପ୍ଟେମ୍ବର ୨୬ ତାରିଖରୁ ସେ ଶାଶୁଘରର ୫ ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେବଳ ନଂ. ୪୫୧/୨୫ରେ ମାମଲା ରୁଜୁ କରିବା ବ୍ୟତୀତ ତାଙ୍କୁ ନ୍ୟାୟ ପ୍ରଦାନ ଦିଗରେ କୌଣସି ପଦକ୍ଷେପ ନେଇନାହିଁ। ତେଣୁ ବାଧ୍ୟ ହୋଇ ସେ ଗତ ୨ ତାରିଖରୁ ଶାଶୁଘର ବାରଣ୍ଡାରେ ଧାରଣା ଦେଇଛନ୍ତି। ଶାଶୁଘର ଲୋକେ ସେବେଠାରୁ ଘର ଛାଡ଼ି ଅନ୍ୟତ୍ର ପଳାଇଥିବା ବେଳେ ସେ ଏକା ରୋଷେଇଘର ବାରଣ୍ଡାରେ ରହୁଥିଲେ। ହେଲେ ମଙ୍ଗଳବାର ଭୋର୍ ୪ ଟାରେ ରୋଷେଇ ଘରେ ନିଆଁ ଲଗାଇ ଦିଆଯିବା ସହ ତାଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ କରାଯାଇଛି। ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିବା ପରେ ସାଆନ୍ଦା ଫାଣ୍ଡି ଅଧିକାରୀ ଜୋସେଫ ପଟ୍ଟନାୟକ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ତାଙ୍କୁ ରାସ୍ତାରୁ ହଟାଇ ଦେବାକୁ ଶାଶୁଘର ଲୋକେ ପୂର୍ବରୁ ବାରମ୍ବାର ଧମକ ଦେଉଥିବାରୁ ସେମାନେ ପୋଡ଼ି ହତ୍ୟା ଉଦ୍ୟମ କରିଥିବା ଯୁବତୀ ଜଣକ କହିଛନ୍ତି। ଚିକିତ୍ସା ପରେ ସେ ଏ ନେଇ ଲିଖିତ ଅଭିଯୋଗ କରିବାକୁ ଚାହୁଁଥିଲେ ସୁଦ୍ଧା ତାଙ୍କ ଟଙ୍କା ଓ ଆସବାବପତ୍ର ପୋଡ଼ି ଯାଇଥିବାରୁ ସେ ଲିଖିତ ଅଭିଯୋଗ କରିପାରିନାହାନ୍ତି। ଫାଣ୍ଡି ଅଧିକାରୀ ମଧ୍ୟ ତାଙ୍କୁ ସହଯୋଗ କରୁ ନ ଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସାଆନ୍ଦା ଫାଣ୍ଡି ଅଧିକାରୀ ପଟ୍ଟନାୟକ କହିଛନ୍ତି, ଯୁବତୀଙ୍କୁ ମେଡିକାଲ ପଠାଇ ଦିଆଯାଇଥିଲା। ପରେ ସେ କୁଆଡେ ଗଲେ ଜାଣିନାହିଁ।

## ବୋନସ୍ ପାଇଲେନି...

କରୁଥିଲେ ମଧ୍ୟ କମ୍ପାନୀ ସେମାନଙ୍କୁ ଠିକ୍ ସମୟରେ ଦରମା ଦେଉନାହିଁ। ଛଟେଇ ନେଇ କମ୍ପାନୀ ପକ୍ଷରୁ ବାରମ୍ବାର ଧମକ ଦିଆଯାଉଛି। ସୋମବାର ୧୦ ଘଣ୍ଟା ଧରି ଟୋଲ୍ କର୍ମଚାରୀମାନଙ୍କ ଧାରଣା ଜାରି ରହିଥିଲା। ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୀପାବଳି ବୋନସ୍ ପ୍ରଦାନର ପ୍ରତିଶ୍ରୁତି ଏବଂ ତୁରନ୍ତ ୧୦% ଦରମା ବୃଦ୍ଧିର ପ୍ରତିଶ୍ରୁତି ପାଇ କର୍ମଚାରୀମାନେ ଧାରଣାରୁ ଓହରିଥିଲେ।

# ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ ହେଲା ମାମଲା

## ସେକ୍ସ ର୍‍ୟାକେଟରେ ଝାଡ଼ଖଣ୍ଡ ନାବାଳିକାଙ୍କୁ ବଳାତ୍କାର ଘଟଣା

■ ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ଆଇଜି ମାମଲାକୁ ତଦାରଖ କରିବେ

■ ତଦନ୍ତରେ ସହଯୋଗ କରିବେ ୪ ମହିଳା ଡିଏସ୍‌ପି

ଭୁବନେଶ୍ୱର,୨୧।୧୦(ସତ୍ୟଜିତ ରାଉତ)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ସେକ୍ସ ର୍‍ୟାକେଟରେ ଫସିଥିବା ଝାଡ଼ଖଣ୍ଡ ନାବାଳିକାଙ୍କୁ ବଳାତ୍କାର ଘଟଣାକୁ ଓଡ଼ିଶା ପୋଲିସ ଗୁରୁତ୍ୱର ସହ ନେଇ ଛାନ୍‌ଭିନ ଚଳାଇଛି। ଏହି ଘଟଣାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରିବାକୁ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଝାଡ଼ଖଣ୍ଡ ପୋଲିସ ସହ ଓଡ଼ିଶା ପୋଲିସ ଯୋଗାଯୋଗରେ ରହିବ। କ୍ରାଇମ୍‌ବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା(ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ) ପକ୍ଷରୁ ଏହି ଘଟଣାର ତଦନ୍ତ କରାଯିବ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ରାଜ୍ୟ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ବୁଧବାରଠାରୁ ବିଧିବଦ୍ଧ ଭାବେ ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିବ ବୋଲି ଜଣାପଡ଼ିଛି। ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ଆଇଜି ଏସ୍. ସାଇନି ମାମଲାକୁ ତଦାରଖ କରିବେ। ଏଥିସହ ୪ଜଣ ମହିଳା ଡିଏସ୍‌ପି ମାମଲାର ତଦନ୍ତରେ ସହଯୋଗ କରିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଏହି ଘଟଣାରେ କ୍ୟାପିଟାଲ ଥାନା ପୋଲିସ ପକ୍ଷରୁ ୨ ଦଲାଲ ମଞ୍ଜୁ ସେଠୀ, ମମତା ସାହୁ, ଘର ମାଲିକ ବାପି ଓରଫ ସଞ୍ଜୀବ କୁମାର ଦାସ ଓ ଗ୍ରାହକ ଅବିନାଶ ମୁଦୁଲିଙ୍କୁ ଗିରଫ କରାଯାଇ ଜେଲ ପଠା ଯାଇଥିବାବେଳେ ଏମାନଙ୍କ ଲିଙ୍କ୍‌ରେ ଅଧିକ ଖୋଳତାଡ଼ କରାଯାଉଛି। ଏପରିକି ଅଭିଯୁକ୍ତଙ୍କ ପଛରେ ଅନ୍ୟ ଜଣେ ମାଷ୍ଟରମାଇଣ୍ଡ ଥିବା ପୋଲିସ ଜାଣିବାକୁ ପାଇଛି। ଘଟଣାସ୍ଥଳରୁ ଏକ କାର୍ ଜବତ କରାଯାଇଥିବାବେଳେ ସେକ୍ସ ର୍‍ୟାକେଟ୍‌ରେ ନିୟୋଜିତ ଯୁବତୀମାନଙ୍କୁ ଏଥିରେ ଅନ୍ୟସ୍ଥାନକୁ ଚାଲାଣ କରାଯାଉଥିଲା ବୋଲି ସୂଚନା ମିଳିଛି। ଏଥିସହ ଆଉ ଜଣେ ମହିଳାଙ୍କୁ ମଧ୍ୟ ପୋଲିସ ଖୋଜାଖୋଜି କରୁଛି। ସାଇଣ୍ଟିଫିକ୍ ଟିମ୍ ଆସିବା ପୂର୍ବରୁ ଉକ୍ତ ମହିଳା ଜଣକ ସେଠାରୁ ସ୍କୁଟି ନେଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକଙ୍କ ହୋହଲ୍ଲା ପରେ ସେ ଗାଡ଼ି ନେଇପାରି ନ ଥିଲେ। ମହିଳା ଜଣକ ମଞ୍ଜୁଙ୍କ ସହଯୋଗୀ ବୋଲି ପୋଲିସ ସନ୍ଦେହ କରୁଛି। ପୀଡ଼ିତା କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଆସୁଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, କିଛିଦିନ ତଳେ ଗ୍ରାହକ ଅବିନାଶ ଆସି ନାବାଳିକା ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଦଲାଲ ଦ୍ୱୟ ଅକ୍ଟୋବର ୧୬ ସନ୍ଧ୍ୟାରେ ଏକ ଅଟୋ ବୁକ୍ କରି ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇ ଦେଇଥିଲେ। ଚିକିତ୍ସା ସମୟରେ ନାବାଳିକା ଜଣକ ଯୌନ ନିର୍ଯାତନାର ଶିକାର ହୋଇଥିବା ଡାକ୍ତର ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ତେବେ ପୀଡ଼ିତାଙ୍କୁ ଆଣିଥିବା ଅଟୋଚାଳକ ଜଣକୁ ଚିହ୍ନଟ କରି ପଚରାଉଚରା କରାଯିବା ପରେ ସେ ଦଲାଲଙ୍କ ଠିକଣା କହିଥିଲେ। ଏହାପରେ କ୍ୟାପିଟାଲ ଥାନା ପୋଲିସ ସେକ୍ସ ର୍‍ୟାକେଟ୍ ଚାଲିଥିବା ଲକ୍ଷ୍ମୀସାଗର ଫ୍ଲାଟ ନଂ. ଇବି ୩୨୪ସ୍ଥିତ ଘର (ଯାଜ୍ଞସେନୀ ନିବାସ)କୁ ଯାଇ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# କେନ୍ଦୁଝରରେ ସେକ୍ସ ର୍‍ୟାକେଟ୍, ୬ ଗିରଫ



## ୫ ଯୁବତୀ ଉଦ୍ଧାର

କେନ୍ଦୁଝର,୨୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମସ୍ଥିତ ଏକ ୩ ମହଲା ଘରେ ପୋଲିସ ଚଢ଼ାଉକରି ସେକ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିବା ବେଳେ ୫ ଯୁବତୀ ଉଦ୍ଧାର ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଘର ମାଲିକାଣୀ ବନରାଣୀ ବାରିକ, ଯୋଡ଼ାର ଫିରୋଜ ଅହମଦ ଓ ମନୋଜ ବେହେରା, ସ୍ଥାନୀୟ ନରଣପୁର ଗ୍ରାମର ଅଭିଷେକ ବେହେରା, ଡୁରୁମୁଙ୍ଗାର ପଙ୍କଜ ନାୟକ ଓ ନାରାୟଣ ମହାପାତ୍ର। ଚଢ଼ାଉ ବେଳେ ଝାଡ଼ଖଣ୍ଡର ଜଣେ ଯୁବତୀ, ବାରିପଦାର ୨ଜଣ, ବାଲେଶ୍ୱରର ଜଣେ ଓ ଜଗତ୍‌ସିଂହପୁରର ଜଣେ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଛି। ସେଠାରୁ ଦୁଇଟି ବାଇକ୍, ବ୍ୟବହୃତ ଓ ଅବ୍ୟବହୃତ କଣ୍ଡୋମ ଓ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଆଦି ପୋଲିସ ଜବତ କରିଛି। ଉଦ୍ଧାର ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ପରୀକ୍ଷା କରାଯାଇଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ଅଧିକ ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗିରଫ ବନରାଣୀ କିଛି ବର୍ଷ ତଳେ କେନ୍ଦୁଝର ସହରରେ ଏକ ଭଡ଼ାଘରେ ଅନୈତିକ କାମ କରୁଥିବା ନେଇ ଗିରଫ ହୋଇଥିଲେ। ସେ ବାହାର ଅଞ୍ଚଳର ଯୁବତୀମାନଙ୍କୁ ଆଣି କେନ୍ଦୁଝର ସହରରେ ରଖି ଏଭଳି ଅନୈତିକ କାମ କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ତେବେ ସେ ଗୋବିନ୍ଦପୁରରେ ଏକ ୩ ମହଲା ଘର ତିଆରିକରି ଏଭଳି କାମ ଚଳାଇ ଆସୁଥିଲା ବେଳେ ପୁଣି ଥରେ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। କେନ୍ଦୁଝର ସହରର କେତେକ ସ୍ଥାନର ଘରେ ତଥା ହୋଟେଲଗୁଡ଼ିକରେ ମଧ୍ୟ ଏଭଳି ଅନୈତିକ କାର୍ଯ୍ୟକଳାପ ଚାଲିଥିବାରୁ ପୋଲିସ ଧରପଗଡ଼ କରିବାକୁ ଦାବି ହେଉଛି।

# ବୋମା ଫୁଟି ପୁଅ ମୃତ, ବାପା ଗୁରୁତର

## ଭାଇଙ୍କୁ ଆକ୍ରମଣ ଉଦ୍ୟମ ବେଳେ ଅଘଟଣ

ପବିତ୍ରନଗର,୨୧।୧୦(ନିରୋଜ ପ୍ରଧାନ)

ଦୀପାବଳି ରାତିରେ ୨ ଭାଇଙ୍କ ଭିତରେ ଝଗଡ଼ା ବେଳେ ଘଟିଛି ଅଘଟଣ। ଜନ୍ତୁଶିକାର ପାଇଁ ଘରେ ଥିବା ବୋମା ଧରି ଭାଇଙ୍କୁ ଆକ୍ରମଣ ଉଦ୍ୟମ କରୁଥିବା ସମୟରେ ବୋମା ଫୁଟିଯିବାରୁ ଆକ୍ରମଣକାରୀ ଭାଇ ଗୁରୁତର ହୋଇଥିବା ବେଳେ ତାଙ୍କ ପୁଅଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ଶିପୁର ଗ୍ରାମରେ ସୋମବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଶିପୁର ଗ୍ରାମର ସରୋଜ ପ୍ରଧାନ (୨୬ ବର୍ଷ) ଓ ଗୁରୁତର ହେଉଛନ୍ତି ପ୍ରମୋଦ ପ୍ରଧାନ(୫୫ ବର୍ଷ)।

ସୂଚନା ଅନୁଯାୟୀ, ସମଲ ଥାନା ଶିପୁର ଗ୍ରାମର ପ୍ରମୋଦ ଓ ତ୍ରିନାଥ ହେଉଛନ୍ତି ୨ ଭାଇ। ରାତି ପ୍ରାୟ ୯ଟା ବେଳେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ପ୍ରମୋଦ ଘରେ ରଖିଥିବା ବୋମା ଧରି ତ୍ରିନାଥଙ୍କୁ ଆକ୍ରମଣ ପାଇଁ ଗୋଡ଼ାଉଥିଲେ। ଏହି ସମୟରେ ପ୍ରମୋଦଙ୍କ ପୁଅ ସରୋଜ ଆସି ବାପାଙ୍କୁ ଅଟକାଇଥିଲେ। ଏତିକିବେଳେ ପ୍ରମୋଦ ଧରିଥିବା ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ବାପପୁଅ ଗୁରୁତର ହୋଇଥିଲେ। ପରିବାର ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଖମାର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିବା ବେଳେ ପ୍ରମୋଦଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏ ନେଇ ସମଲ ଆଇଆଇସି ଅରୁଣ କୁମାର ଖିଲାର କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାଲଲହଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି।

# ଆଉ ଜଣେ ରାଜନେତାଙ୍କୁ ଉଠାଇନେଲା ପୋଲିସ

## ପୀତବାସ ହତ୍ୟା ମାମଲା

ବ୍ରହ୍ମପୁର,୨୧।୧୦
(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୋଲିସ ସୋମବାର ବ୍ରହ୍ମପୁର ସହରର ଆଉ ଜଣେ ରାଜନେତାଙ୍କୁ ଉଠାଇନେଇ ପଚରାଉଚରା କରୁଛି। ଏହା ପୂର୍ବରୁ ୨ ଜଣ କର୍ପୋରେଟରଙ୍କୁ ନେଇ ଜେରା କରିଥିଲା। ଜଣଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଅନ୍ୟ ଜଣଙ୍କ ଏବେ ବି ଅଟକ ଅଛନ୍ତି। ପୀତବାସ ହତ୍ୟା ଘଟଣାରେ ପୋଲିସ ଶେଷ ଲିଙ୍କ୍ ପର୍ଯ୍ୟନ୍ତ ପହଞ୍ଚି ସାରିଥିବା କୁହାଯାଉଛି। ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଏହି ହତ୍ୟା ମାମଲାର ରହସ୍ୟ ଉନ୍ମୋଚନ ହେବ ବୋଲି ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର କହିଛନ୍ତି। ପୀତବାସଙ୍କୁ କିଏ ଓ କାହିଁକି ହତ୍ୟାକଲେ ସେ ବିଷୟରେ ବ୍ରହ୍ମପୁର ଏସ୍‌ପି ଶୀଘ୍ର ସୂଚନା ଦେବେ ବୋଲି ଆଇଜି କହିଛନ୍ତି। ପୀତବାସ ହତ୍ୟା ଘଟଣାକୁ ନେଇ ସସ୍‌ପେନ୍ସ ଜାରି ରହିଛି। ପୂର୍ବରୁ ପୋଲିସ ବାଲି, ଜମି ଓ ବ୍ୟବସାୟିକ ଶତ୍ରୁତା ଦିଗରେ ତଦନ୍ତ କରିଥିଲା। ହେଲେ ଏହି ହତ୍ୟା ପଛରେ ରାଜନୈତିକ ଶତ୍ରୁତା ଲିଙ୍କ୍ ମିଳିବା ପରେ ପୋଲିସ ନିଜ ତଦନ୍ତର ଦିଗ ବଦଳାଇ ଜଣକ ପରେ ଜଣେ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଉଠାଇ ନେଉଛି। ଅନ୍ୟପକ୍ଷରେ ପୀତବାସଙ୍କୁ ବାହାର ରାଜ୍ୟର ନୁହେଁ, ଦିଗପହଣ୍ଡି ଥାନା ଅଞ୍ଚଳର ୨ଜଣ ଯୁବକ ଗୁଳି କରିଥିବା କୁହାଯାଉଛି। ଏହା ଏକ ସୁଚିନ୍ତିତ ହତ୍ୟା। ଏହା ପଛରେ ବହୁ ପୁରୁଣା ରାଜନୈତିକ ବ୍ୟକ୍ତି, ବ୍ୟବସାୟୀ ଓ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ବ୍ୟକ୍ତି ରହିଥିବା ମଧ୍ୟ କୁହାଯାଉଛି। ପୀତବାସଙ୍କୁ ରାସ୍ତାରୁ ହଟାଇବାକୁ ଷଡ଼ଯନ୍ତ୍ରକାରୀମାନେ ୨ମାସ ତଳୁ ଯୋଜନା କରିଥିଲେ। ଗତ ୬ ତାରିଖରେ କୁମାର ପୂର୍ଣ୍ଣିମା ରାତିରେ ସ୍ଥାନୀୟ ସୁପାରିକିଲରଙ୍କ ଦ୍ୱାରା ହତ୍ୟାକାଣ୍ଡ ଭିଆଇଥିଲେ। ପୋଲିସ କବ୍‌ଜାରେ ଥିବା ଜଣେ ପରିଚିତ ବ୍ୟକ୍ତି ଏହି ହତ୍ୟାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ତେବେ ହତ୍ୟା ଘଟଣାର ୧୫ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଏ ପର୍ଯ୍ୟନ୍ତ ହତ୍ୟାକାରୀଙ୍କୁ ଗିରଫ କରି ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

No.F-

୭୧-ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ
ଉପ ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଇଁ
କଲ କରନ୍ତୁ
ଶ୍ରୀ ପ୍ରକାଶ ବିନ୍ଦୁ, ଭା.ପ୍ର.ସେ.
ସାଧାରଣ ପର୍ଯ୍ୟବେକ୍ଷକ
୯୦୭୮୭୫୨୪୫୨
ଶ୍ରୀ ବି.ଶଙ୍କର ଜୟସ୍ୱାଲ ଭା.ପୁ.ସେ. — ପୋଲିସ ପର୍ଯ୍ୟବେକ୍ଷକ — ୯୯୩୮୫୪୫୦୨୮
ଶ୍ରୀ ଅତୁଲ୍ ପାଣ୍ଡେ, ଭା.ରା.ସେ. — ଖର୍ଚ୍ଚ ପର୍ଯ୍ୟବେକ୍ଷକ — ୭୦୭୭୮୩୬୪୨୮
କାର୍ଯ୍ୟାଳୟ ଠିକଣା
ସର୍କିଟ୍ ହାଉସ, ନୂଆପଡ଼ା
ସାକ୍ଷାତ ସମୟ: ସକାଳ ୧୧:୦୦ ରୁ ମଧ୍ୟାହ୍ନ ୧୨:୦୦
ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ନୂଆପଡ଼ା
OIPR-24432/11/0002/2526

ରାଜ୍ୟ ଖବର

# ଆଜି ଯାଞ୍ଚ ; ୨୪ରେ ପ୍ରତ୍ୟାହାର

■ ନାମାଙ୍କନ କଲେ ୧୯ ଜଣ

■ ମଇଦାନ ପାଇଁ ୧୧ ସ୍ୱାଧୀନ ପ୍ରାର୍ଥୀ

## ନୂଆପଡା ଉପନିର୍ବାଚନ

ଭୁବନେଶ୍ୱର/ ନୂଆପଡ଼ା, ୨୧।୧୦
(ରବିନାରାୟଣ ଜେନା/ ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ତାହାକୁ ନେଇ ସେତିକି ରାଜନୈତିକ ଉଷ୍ମତା ବଢୁଛି। ୨୦ ତାରିଖ ସୁଦ୍ଧା ଲାଗି ୧୯ ଜଣ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ପ୍ରାର୍ଥିପତ୍ର ବୁଧବାର ଯାଞ୍ଚ କରାଯିବ। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ପ୍ରାର୍ଥିପତ୍ର ନାକଚ ହେବ ତାହା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଅବଗତ କରାଯିବ। ଏହାପରେ ୨୪ତାରିଖକୁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ରଖାଯାଇଛି। ତେବେ ଏହି ୧୯ ଜଣଙ୍କ ମଧ୍ୟରୁ କେତେଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଉଛନ୍ତି ତାହା ୨୪ରେ ସ୍ପଷ୍ଟ ହେବ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ତଥ୍ୟ ଅନୁଯାୟୀ, ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ବିଜୁ ଜନତା ଦଳର ସ୍ନେହାଙ୍ଗିନୀ ଛୁରିଆ, ଭାରତୀୟ ଜନତା ପାର୍ଟିର ଜୟ ଢୋଲକିଆ ଏବଂ ଭାରତୀୟ ଜାତୀୟ କଂଗ୍ରେସର ଘାସିରାମ ମାଝୀ ରହିଥିବାବେଳେ ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିର ହେମନ୍ତ ତାଣ୍ଡି, ବହୁଜନ ସମାଜ ପାର୍ଟିର ରାଜାରାମ ସାହୁ, ଓଡ଼ିଶା ଜନତା ଦଳର ଶୁକଧର ଦଣ୍ଡସେନା, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା ରହିଛନ୍ତି। ଏହାସହିତ ୧୧ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଶ୍ରୟ ମହାନନ୍ଦ, ଇଂ. ଚକ୍ରାନ୍ତ ଜେନା, ପୁରୁଷୋତ୍ତମ ବେହେରା, କମଳ କୁମାର ଛତ୍ରିଆ, ଭୁବନଲାଲ୍ ସାହୁ, ଲୋଚନ ମାଝୀ, ଭୁଜବଳ ଆଡ଼ବଙ୍ଗ, କିଶୋର କୁମାର ବାଗ୍, ଭକ୍ତବନ୍ଧୁ ଧରୁଆ, ନୀତା ବାଗ୍ ଏବଂ ଲକ୍ଷ୍ମୀକାନ୍ତ ତାଣ୍ଡି ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅକ୍ଟୋବର ୨୪(ଶୁକ୍ରବାର) ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ହୋଇଥିବା ବେଳେ ନଭେମ୍ବର ୧୧ରେ ମତଦାନ ହେବାକୁ ରହିଛି।

# କଂଗ୍ରେସ ପ୍ରାର୍ଥୀଙ୍କ ନାମରେ ଅଧିକ ଆପରାଧିକ ମାମଲା: ଭାଜପା

ନୂଆପଡ଼ା,୨୧।୧୦
(ମକାରୁ ବେମାଲ)



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ନୂଆପଡ଼ା ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟଠାରେ ମଙ୍ଗଳବାର ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ ସୂଚନା ଦେଇ କହିଥିଲେ, ଜାତୀୟ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କ ନାମରେ ଅନେକ ଆପରାଧିକ ମାମଲା ରହିଛି। ସେ ତାଙ୍କର କିଛି ମାମଲାକୁ ଲୁଚାଇ ରିଟର୍ନିଂ ଅଧିକାରୀଙ୍କଠାରେ ଆଫିଡେଭିଟ ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ୧୯ ଆପରାଧିକ ମାମଲା ଆଫିଡେଭିଟରେ ଉଲ୍ଲେଖ କରି ରିଟର୍ନିଂ ଅଧିକାରୀଙ୍କଠାରେ ଦାଖଲ କରିଥିଲେ। ୨୦୨୫ ଉପନିର୍ବାଚନରେ ୭ ମାମଲା ଲୁଚାଇ ୧୨ ମାମଲା ରହିଛି ବୋଲି ଆଫିଡେଭିଟରେ ଉଲ୍ଲେଖ ରହିଛି। ଦୁଇଟି ମାମଲା କେସ୍ ନଂ.୧୦୧/୨୦୧୮ ଓ ୧୪୬/୨୦୨୨ ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି। ଏହି ଦୁଇ ମାମଲାକୁ ପ୍ରାର୍ଥୀ ଆଫିଡେଭିଟରେ ଉଲ୍ଲେଖ କରିନାହାନ୍ତି। ଏପରି ମିଥ୍ୟା ତଥ୍ୟ ଦେଇ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ରଦ୍ଦ କରାଯାଉ ବୋଲି ଭାଜପା ଜିଲ୍ଲା ସଭାପତି ଦୀକ୍ଷିତ ଦାବି କରିଛନ୍ତି। ଏହାସହ ବୁଧବାର ଜିଲ୍ଲାପାଳଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରିବେ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ଜାତୀୟ କଂଗ୍ରେସ ପ୍ରାର୍ଥୀ ମାଝିଙ୍କୁ ପଚାରିବାରୁ ୨୦୨୪ରେ ୧୯ ମାମଲା ରହିଥିଲା ସତ। କିଛିମାସ ଭିତରେ ୭ ମାମଲାର ବିଚାର ହୋଇ ସମାଧାନ ହୋଇସାରିଛି। ତାଙ୍କ ନାମରେ ଯେତେ ମାମଲା ରହିଛି ଆଫିଡେଭିଟ କରି ରିଟର୍ନିଂ ଅଧିକାରୀଙ୍କଠାରେ ଦାଖଲ କରିଛନ୍ତି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ବିଜେପୁର ବିଧାୟକ ସନତ ଗଡତିଆ, ଭଟ୍‌ଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରିୟ ରଞ୍ଜନ ମେହେର, ଦଳର ଅଧିବକ୍ତା ପୁନମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ ଦୁର୍ଘଟଣାରେ ବିଏସ୍‌ଏଫ୍ ଯବାନ ମୃତ, ୬ ଗୁରୁତର

ମାଲକାନଗିରି,୨୧।୧୦
(ଦୁର୍ଯ୍ୟୋଧନ ପାତ୍ର)

ଆନ୍ଧ୍ରପ୍ରଦେଶର ଚିତ୍ତୁରଠାରେ କାର୍ ଦୁର୍ଘଟଣାରେ ଜଣେ ବିଏସ୍‌ଏଫ୍ ଯବାନଙ୍କ ମୃତ୍ୟୁ ଘଟିଥିବାବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଯବାନ ହେଲେ ମାଲକାନଗିରି ଜିଲ୍ଲା ବାଲିମେଲା ୧୪୨ ବାଟାଲିୟନରେ କାର୍ଯ୍ୟରତ ବିଏସ୍‌ଏଫ୍ ଯବାନ ଗୌରବ ପାଣ୍ଡେ। ଯବାନମାନେ ଛୁଟିରେ ଯାଇ ସୋମବାର ରାତିରେ କାର୍ ଯୋଗେ ଡ୍ୟୁଟିକୁ ଫେରିବା ସମୟରେ ଚିତ୍ତୁର ନିକଟରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭରଙ୍କ ସମେତ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଚିତ୍ତୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରିବା ସହ ଆହତଙ୍କୁ ଚିତ୍ତୁର ଓ ଖମାମ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିତ୍ତୁର ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ‘ସିଦ୍ଧାନ୍ତର ପୁନର୍ବିଚାର କରୁ ଇସ୍କନ’

## ଅଦିନିଆ ରଥଯାତ୍ରା ନେଇ ଗଜପତି ମହାରାଜା ଚିଠି ଲେଖିଲେ

ଭୁବନେଶ୍ୱର,୨୧।୧୦(ବନ୍ଦନା ସେଠୀ)

ଓଡ଼ିଶା ସଂସ୍କୃତିର ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପରମ୍ପରାକୁ ଇସ୍କନ କର୍ତ୍ତୃପକ୍ଷ ବାରମ୍ବାର ଅଣଦେଖା କରୁଛନ୍ତି। ଏହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଗଭୀର ଆଘାତ ଦେଉଛି। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏନେଇ ପୂର୍ବରୁ ଅନେକ ଥର ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଏହାସତ୍ତ୍ୱେ ଇସ୍କନ ବାରମ୍ବାର ଅଦିନରେ ରଥଯାତ୍ରା ଆୟୋଜନ କରୁଛି। ଇସ୍କନର ଏଭଳି ପଦକ୍ଷେପ ନେଇ ପୁରୀ ଗଜପତି ମହାରାଜା ମଙ୍ଗଳବାର ଇସ୍କନ ଗଭର୍ଣ୍ଣିଂ ବଡି କମିଶନ (ଜିବିସି) ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସଙ୍କୁ ପୁନର୍ବାର ଚିଠି ଲେଖିଛନ୍ତି।

ଚିଠିରେ ଉଲ୍ଲେଖ, ହୋଇଛି ଯେ, ଇସ୍କନ କର୍ତ୍ତୃପକ୍ଷ ସିଦ୍ଧାନ୍ତର ପୁନଃ ବିଚାର କରନ୍ତୁ। ସମସ୍ତ ଦେଶରେ ଇସ୍କନ ଆଷାଢ଼ ଶୁକ୍ଳ ଦ୍ୱିତୀୟାରୁ ୯ଦିନ ମଧ୍ୟରେ ରଥଯାତ୍ରା କରୁ। ଇସ୍କନକୁ ଗଜପତିଙ୍କ ଚିଠିନେଇ ଗଜପତି ମହାରାଜାଙ୍କ ବ୍ୟକ୍ତିଗତ ସଚିବ ରାଧାକୃଷ୍ଣ ପଣ୍ଡା ମଙ୍ଗଳବାର ଗଣମାଧ୍ୟମକୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।




ହେ ଭଗବାନ ! ସକଳ ଆଖିରୁ ଲୁହ ଶୁଖିଯାଉ। ସକଳ ବେଦନା ଦୂର ହୋଇଯାଉ। ସକଳ ଯନ୍ତ୍ରଣା ମିଳାଇଯାଉ। ସକଳ ହୃଦୟରେ ବିରାଜିତ ହେଉ ସ୍ଥିର ପ୍ରଶାନ୍ତି। ଏବଂ ସକଳ ମସ୍ତିଷ୍କ ସୁଦୃଢ ହୋଇଉଠୁ ଏକ ଶକ୍ତିଶାଳୀ ସଂଶୟ-ହୀନତାରେ। -ଶ୍ରୀମା

-ଗୋବର୍ଦ୍ଧନ ପୂଜା

# ନିଶାମୁକ୍ତ କେନ୍ଦ୍ର

ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ସମୟ ଅନ୍ତରରେ ଖବର ଶୁଣିବାକୁ ମିଳେ ଡି-ଆଡିକ୍ସନ ସେଣ୍ଟର ବା ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟିଛି। ଏ କ୍ଷେତ୍ରରେ ଘରଲୋକ ଅଭିଯୋଗ କରିଥାଆନ୍ତି ସେମାନଙ୍କ ପିଲାଙ୍କୁ ନିଶା ମୁକ୍ତ କେନ୍ଦ୍ରର କର୍ମଚାରୀ ମାରି ଦେଇଛନ୍ତି। କେତେକ ଏଭଳି ମୃତ୍ୟୁକୁ ରହସ୍ୟଜନକ ବୋଲି ଆଖ୍ୟା ଦେଇ ତଦନ୍ତ ଦାବି କରିଥାଆନ୍ତି। ସଦ୍ୟ ଘଟଣାକୁ ଦେଖିଲେ କଟକ ସଦର ଥାନା ଅନ୍ତର୍ଗତ ଉଲମପୁରରେ ଥିବା ଏକ ନିଶା ମୁକ୍ତ କେନ୍ଦ୍ରରେ ଜଗତି ଅଞ୍ଚଳର ଜଣେ ଯୁବକ ଭର୍ତ୍ତି ହୋଇଥିଲେ। ଇଞ୍ଜିନିୟରିଂ ଡିଗ୍ରୀ ଅର୍ଜନ କରି ସେ ମୁମ୍ବାଇରେ ଚାକିରି କରୁଥିଲେ। ନିଶାରେ ବୁଡ଼ି ରହିବାରୁ ଘର ଲୋକେ ତାଙ୍କୁ ଆଣି ସମ୍ପୃକ୍ତ କେନ୍ଦ୍ରରେ ରଖିଥିଲେ। ଆଶା ଥିଲା ସେ ନିଶା ଦୁନିଆରୁ ଫେରିଆସି ସ୍ୱାଭାବିକ ଜୀବନଯାପନ କରିବେ। ହେଲେ ତାଙ୍କ ମୃତ୍ୟୁରେ ପରିବାର ଲୋକଙ୍କର ସବୁ ପରିଶ୍ରମ ଓ ଅର୍ଥ ବୃଥା ହୋଇଗଲା। ଗତ ୪ ସେପ୍ଟେମ୍ବରରେ ଭୁବନେଶ୍ୱର ଭରତପୁର ପୋଲିସ ଅଞ୍ଚଳରେ ଥିବା ନିଶା ନିବାରଣ କେନ୍ଦ୍ରରେ ଜଣେ ୨୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଥିଲା। କେବଳ ଦୁଇଟି ସ୍ଥାନର ଦୃଷ୍ଟାନ୍ତ ଦିଆଗଲା। ତାଲିକା ପ୍ରସ୍ତୁତ କଲେ ଲମ୍ବି ଚାଲିବ। ଏଭଳି କ୍ଷେତ୍ରରେ ବାସ୍ତବ ସ୍ଥିତି ଗୋଟିଏ ଘଟଣାରୁ ଆଉ ଗୋଟିଏ ଅଲଗା ଥାଏ। ଶୁଣିବାକୁ ମିଳେ ନିଶା କରି ନ ପାରି ବା ନିଶାଦ୍ରବ୍ୟ ନ ପାଇ କିଛି ଆତ୍ମହତ୍ୟା କରିଛନ୍ତି। କେତେକ କାଗଜରେ ନିଶାଗ୍ରସ୍ତଙ୍କ ଦୌରାତ୍ମ୍ୟ ଏତେ ବଢ଼ିଯାଏ ଯେ, ନିଶା ମୁକ୍ତ କେନ୍ଦ୍ରର କର୍ମଚାରୀମାନେ ମାଡ଼ ମାରି ନିଶା ଛଡ଼ାଇବାର ଉଦ୍ୟମ କରିଥାଆନ୍ତି। ବାଡ଼ର ଆଘାତରେ ମାଡ଼ ବସିଗଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରାଣବାୟୁ ଉଡ଼ିଯାଏ। ଏଭଳି ଘଟଣା କାହିଁକି ଘଟୁଛି ତାହାର ତଦନ୍ତ ହେଉଥିଲେ ହେଁ ମୂଳକୁ ଯାଇ ସେସବୁର ଗଭୀର ଅନୁଧ୍ୟାନ କରାଯାଉ ନ ଥିବାରୁ ପ୍ରକୃତ ଘଟଣା ଲୋକଲୋଚନକୁ ଆସିପାରୁ ନାହିଁ। ସାଧାରଣତଃ ଏଭଳି କେନ୍ଦ୍ରଗୁଡ଼ିକର ନିୟମିତ ଯାଞ୍ଚ ହୋଇ ନ ଥାଏ। ନିଶା ଛଡ଼ାଇଥାଉଛି କହି ବାହ୍ୟ ଅନୁଦାନ ପାଇବା ସହ ନିଶାରେ ବୁଡ଼ ହୋଇଥିବା ବ୍ୟକ୍ତିଙ୍କୁ ଠିକ୍ ରାସ୍ତାକୁ ଆଣିବା ନାମରେ ନିଶା ନିବାରଣ କେନ୍ଦ୍ର ପକ୍ଷରୁ ସମ୍ପୃକ୍ତ ପରିବାରବର୍ଗଙ୍କଠାରୁ ମଧ୍ୟ ଭଲ ରକମର ଅର୍ଥ ନିଆଯାଇଥାଏ। ଯେହେତୁ ଅର୍ଥ ନେଇଛନ୍ତି ପରିବାର ଲୋକଙ୍କୁ ତୁରନ୍ତ ଫଳ ଦେବା ଲକ୍ଷ୍ୟରେ ନିଶାଗ୍ରସ୍ତଙ୍କ ଉପରେ ମାନସିକ ଓ ଶାରୀରିକ ଚାପ ପକାଉଥାଆନ୍ତି। ମନେରଖିବାକୁ ହେବ ଯେ, ଦୀର୍ଘ ସମୟ ଧରି ନିଶାସକ୍ତ ଥିବା ବ୍ୟକ୍ତିଙ୍କୁ ରାତାରାତି ବଦଳାଇ ଦେବା ଅସମ୍ଭବ। ସେଥିପାଇଁ ସେମାନଙ୍କୁ କାଉନ୍‌ସେଲିଂ ବା ପରାମର୍ଶ ଦେବା ସହ ସେମାନଙ୍କ ମନର କଥା ବୁଝିବା ଦରକାର। ତେଣୁ କାଉନ୍‌ସେଲିଂ ଦେଉଥିବା ବ୍ୟକ୍ତି ଜଣେ ବିଶେଷଜ୍ଞ ହେବା ସହିତ ଧୈର୍ଯ୍ୟବାନ୍ ହୋଇଥିବା ବାଞ୍ଛନୀୟ। ପ୍ରତି ନିଶା ନିବାରଣ କେନ୍ଦ୍ରରେ ସେଭଳି ଲୋକ ଅଛନ୍ତି କି ନାହିଁ, ତାହାକୁ ଭଲ ଭାବେ ଜାଣିବା ପରେ ପରିବାରବର୍ଗ ସେମାନଙ୍କ ଆତ୍ମୀୟଙ୍କୁ ସେଠାକୁ ପଠାଇବା ଦରକାର। ନିଶା ମୁକ୍ତ କେନ୍ଦ୍ର ଲେଖାଥିବା ଦେଖି ବା ଅନ୍ୟ କାହାଠାରୁ ଶୁଣି ଯେଉଁଠି ପାରେ ସେଇଠିକୁ ନିଶାଗ୍ରସ୍ତଙ୍କୁ ପଠାଇ ଦିଆଯାଉଥିବାରୁ ସ୍ଥିତି ସୁଧୁରୁ ନ ଥିବା ଲକ୍ଷ୍ୟ କରାଯାଉଛି। ଏଠି ଗୋଟେ କଥା କୁହାଯାଇପାରେ ଯେ, କାଉନ୍‌ସେଲିଂ ଦେଉଥିବା ବ୍ୟକ୍ତି କେତେ ଅଭିଜ୍ଞ ଓ ସେ ପାଉଥିବା ଅର୍ଥରାଶି ଉପରେ ମଧ୍ୟ ତାଙ୍କ ପରାମର୍ଶର ପରିମାଣ ନିର୍ଭର କରିଥାଏ। କୁହାଯାଉଥିବ ଅଭିଜ୍ଞ ପରାମର୍ଶଦାତା, ମାତ୍ର ସ୍ୱଳ୍ପ ବେତନ ପାଉଥିବେ। ସେମିତି ହେଲେ ଚଳିବନି। ବିଧିବଦ୍ଧ ଭାବେ ଗଢ଼ି ଉଠିଥିବା ନିଶାମୁକ୍ତ କେନ୍ଦ୍ରଗୁଡ଼ିକ ଉତ୍ତମ ଧରଣର ବିଶେଷଜ୍ଞଙ୍କୁ ରଖିବାର ସମୟ ଆସିଲାଣି। ଯାହିତାହିଙ୍କୁ ରଖି ଦେଇ ଶାରୀରିକ ଦଣ୍ଡ ମାଧ୍ୟମରେ ନିଶା ଛଡ଼େଇ ଦେବା କଦାପି ସମ୍ଭବ ନୁହେଁ। ଅନ୍ୟପଟେ ନିଶା ଛଡ଼ାଇବାର ଏହିଭଳି ଅଧିକାଂଶ କେନ୍ଦ୍ର ଘରୋଇ ବା ଏନ୍‌ଜିଓ ଦ୍ୱାରା ପରିଚାଳିତ ହେଉଛି। ଏହି କେନ୍ଦ୍ରଗୁଡ଼ିକ ଲୁକ୍କାୟିତ, କିନ୍ତୁ ଲାଭଦାୟକ ବ୍ୟବସାୟରେ ପରିଣତ ହେଲେଣି। ସରକାରଙ୍କ ସମେତ ଅନେକ ବିଦେଶୀ ସଂସ୍ଥା ଏହି କେନ୍ଦ୍ରଗୁଡ଼ିକୁ ବିପୁଳ ଅର୍ଥ ଯୋଗାଉଛନ୍ତି। ଏହାର ମାଲିକମାନେ କୌଣସି ଭାବେ ବିଜ୍ଞାପନ ଦେଇ ଲୋକଲୋଚନକୁ ଆସିବାକୁ ଚାହିଁ ନ ଥାଆନ୍ତି। ସେମାନେ ଅଜଣା, ଅଚିହ୍ନା ହୋଇ କାର୍ଯ୍ୟ କରି ଲାଭ ଉଠାଇବାକୁ ପସନ୍ଦ କରିଥାଆନ୍ତି। ଏହି ଲୁଚାଛପା ପଥରେ ଯଦି କେଉଁ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଲା, ତେବେ ସେମାନେ ଲୋକଲୋଚନକୁ ଆସନ୍ତି ଓ ସେମାନଙ୍କ ସମସ୍ୟା ବଢ଼େ। ଏଭଳି ସଂସ୍ଥାଗୁଡ଼ିକ ମୂଲ୍ୟବୋଧ ବୁଝି କାଉନ୍‌ସିଲର ନିଯୁକ୍ତ କରୁଥିବେ ବୋଲି ବିଶ୍ୱାସ ହେଉନାହିଁ। ଡି-ଆଡିକ୍ସନ ସେଣ୍ଟରରେ ପରିବାରର କୌଣସି ବ୍ୟକ୍ତିଙ୍କୁ ଭର୍ତ୍ତି କରିବା ପୂର୍ବରୁ ନିକଟ ସମ୍ପର୍କୀୟମାନେ ସଂସ୍ଥାର ମାନ, ମାଲିକ ଓ ପରାମର୍ଶଦାତାଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା ଦରକାର। ଆଜିର ସ୍ଥିତିରେ ସେହିସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଅଣସ୍ୱୀକୃତିପ୍ରାପ୍ତ ନିଶା ମୁକ୍ତ କେନ୍ଦ୍ର ସହରଠାରୁ ଉପସହରଗୁଡ଼ିକରେ ବଢ଼ିବାରେ ଲାଗିଛି। ଯେଉଁଠାରେ ମୃତ୍ୟୁ ଅଭିଯୋଗ ହେଉଛି ସେହିଠାରେ ସ୍ଥିତିକୁ ଗେଦେଇ ଦିଆଯାଉଛି।

ଡି-ଆଡିକ୍ସନ ସେଣ୍ଟରରେ ପରିବାରର କୌଣସି ବ୍ୟକ୍ତିଙ୍କୁ ଭର୍ତ୍ତି କରିବା ପୂର୍ବରୁ ନିକଟ ସମ୍ପର୍କୀୟମାନେ ସଂସ୍ଥାର ମାନ, ମାଲିକ ଓ ପରାମର୍ଶଦାତାଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା ଦରକାର। ଆଜିର ସ୍ଥିତିରେ ସେହିସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଅଣସ୍ୱୀକୃତିପ୍ରାପ୍ତ ନିଶା ମୁକ୍ତ କେନ୍ଦ୍ର ସହରଠାରୁ ଉପସହରଗୁଡ଼ିକରେ ବଢ଼ିବାରେ ଲାଗିଛି। ଯେଉଁଠାରେ ମୃତ୍ୟୁ ଅଭିଯୋଗ ହେଉଛି ସେହିଠାରେ ସ୍ଥିତିକୁ ଗେଦେଇ ଦିଆଯାଉଛି

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | |
| 3 | | | | | 8 | | 2 | |
| 1 | | | | 2 | | | 4 | 8 |
| | 2 | | | | 5 | 9 | | |
| 5 | | | | | 4 | 7 | 8 | |
| 4 | | | | 6 | 9 | | 5 | |
| 2 | | | | | | 3 | | |
| | | 5 | 1 | | | | | |
| 8 | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 5 | 7 | 8 | 2 | 3 | 9 | 4 |
| 8 | 3 | 2 | 4 | 5 | 9 | 7 | 1 | 6 |
| 9 | 4 | 7 | 6 | 1 | 3 | 2 | 8 | 5 |
| 3 | 2 | 6 | 8 | 9 | 4 | 5 | 7 | 1 |
| 4 | 5 | 1 | 2 | 7 | 6 | 9 | 3 | 8 |
| 7 | 9 | 8 | 1 | 3 | 5 | 4 | 6 | 2 |
| 5 | 7 | 4 | 3 | 6 | 8 | 1 | 2 | 9 |
| 6 | 1 | 9 | 5 | 2 | 7 | 8 | 4 | 3 |
| 2 | 8 | 3 | 9 | 4 | 1 | 6 | 5 | 7 |

ଗତ ସଂସ୍କରଣର ଉତ୍ତର

# ଜନସଂଖ୍ୟା ଏବଂ ଖାଦ୍ୟାଭାବ



ବିଷ୍ଣୁ ପ୍ରସାଦ ଦାସ

ପୃଥିବୀର ଜନସଂଖ୍ୟା ୮୨୩ କୋଟିରେ ପହଞ୍ଚି ଗଲାଣି। ଜନସଂଖ୍ୟା ବୃଦ୍ଧି ସହିତ ପୁଷ୍ଟିକର ଖାଦ୍ୟପେୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶର ସନ୍ତୁଳନ, ଶୃଙ୍ଖଳିତ ଜୀବନଯାପନ ତଥା ଉତ୍ତମ ଶାସନ ଉପରେ ଏବେ ଧ୍ୟାନ ଦେବାର ସମୟ ଉପନୀତ। ଅନ୍ୟଥା ଏହା ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିବ। ଅଳ୍ପେ ବହୁତେ ସବୁ ଦେଶ ଉପରେ ଏହାର ଅନେକ ପ୍ରଭାବ ପଡ଼ିପାରେ। ମିଳିତ ଜାତିସଂଘର ଆକଳନ ଅନୁଯାୟୀ ଦ୍ରୁତ ଗତିରେ ବଢ଼ୁଥିବା ଜନସଂଖ୍ୟା ପୃଥିବୀ ପାଇଁ ଆହ୍ୱାନ ହୋଇଛି। ଏକଶହ କୋଟି ଜନସଂଖ୍ୟାରୁ ଦୁଇଶହ କୋଟି ଜନସଂଖ୍ୟାରେ ପହଞ୍ଚିବାକୁ ଯେତେବେଳେ ୧୨୫ ବର୍ଷ ଲାଗିଥିଲା ସେହି ସଂଖ୍ୟା ଏବଂ ଅନୁପାତ ବର୍ତ୍ତମାନ ୭୦୦ କୋଟି ଜନସଂଖ୍ୟାରୁ ୮୦୦ କୋଟି ଜନସଂଖ୍ୟା ହେବାକୁ ମାତ୍ର ୧୨ ବର୍ଷ ଲାଗିଲା। ଏହି ଗତିରେ ଯଦି ଜନସଂଖ୍ୟା ବଢ଼ିଚାଲେ ତେବେ ୨୦୩୦ ସୁଦ୍ଧା ଏହା ୮୫୦ କୋଟି ଛୁଇଁବ ୨୦୫୦ ବେଳକୁ ୯୭୦ କୋଟିରେ ଏବଂ ୨୦୮୦ ବେଳକୁ ୧୦୦୦ କୋଟି, ୨୧୦୦ ମସିହା ବେଳକୁ ୧୦୪୦ କୋଟି ଜନସଂଖ୍ୟା ହୋଇଯିବ। ତେବେ ମିଳିତ ଜାତିସଂଘର ଆକଳନ ଅନୁଯାୟୀ ଏହି ଜନସଂଖ୍ୟା ବିସ୍ଫୋରଣର ମୁଖ୍ୟ ଦେଶଗୁଡିକ ହେଲା- ଆଫ୍ରିକା ମହାଦେଶର କଙ୍ଗୋ, ଇଥିଓପିଆ, ଇଜିପ୍ଟ, ତାଞ୍ଜାନିଆ ଓ ନାଇଜେରିଆ ଏବଂ ଏସିଆ ମହାଦେଶର ଭାରତ, ପାକିସ୍ତାନ ଏବଂ ଫିଲିପାଇନ୍ସ। ଭାରତର ଜନସଂଖ୍ୟା ଚାଇନାକୁ ଟପି ଯାଇଛି, ଏହା ଶୁଣିବାକୁ ଯେତେ ସହଜ ପ୍ରକୃତ ପକ୍ଷେ ଏହାକୁ ମୁକାବଲା କରିବା ତାହା ଠାରୁ କଷ୍ଟ। ସରକାରୀ ତଥା ବେସରକାରୀ ସ୍ତରରେ ପ୍ରତ୍ୟେକ ଦେଶ ବର୍ଦ୍ଧିତ ଜନସଂଖ୍ୟା ଉପରେ ଗୁରୁତ୍ୱର ସହ ବିଚାର କରିବା ଉଚିତ।

ଜନସଂଖ୍ୟା ବୃଦ୍ଧି ହେଲେ କ'ଣ ଅସୁବିଧା ହେବ? ଏହି ପ୍ରଶ୍ନ ହୁଏତ ଅନେକଙ୍କ ମନରେ ଉଙ୍କି ମାରୁଥିବ, ସମ୍ୟକ ଜ୍ଞାନରୁ ଉତ୍ତର ହେଲା, ପରିବେଶର ସନ୍ତୁଳନ ବଜାୟ ରହିବ ନାହିଁ, ଖାଦ୍ୟପେୟ, ପାନୀୟଜଳ, ବାସସ୍ଥାନର ଘୋର ଅଭାବ ପରିଲକ୍ଷିତ ହେବ, ଯାହାକି ବର୍ତ୍ତମାନ ସମୟରେ ଅନେକ ଦେଶରେ ଦେଖା ଦେଲାଣି।

ପୃଥିବୀର ଗଚ୍ଛିତ ଜଳ ମଧ୍ୟରୁ ୯୭ ପ୍ରତିଶତ ଲବଣ ଯୁକ୍ତ ସମୁଦ୍ର ଜଳ, ଯାହାକି ପାନୀୟ ପାଇଁ ଅନୁପଯୁକ୍ତ। ବରଫ ପାହାଡ଼, ଗ୍ଲେସିଅର ଏବଂ ସ୍ଥାୟୀ ବରଫ ୧.୬ ଭାଗ, ଭୂତଳ ଜଳ ୧.୬୪ ଭାଗ, ସତେଜ ଜଳ ୦.୭୬ ଭାଗ, ତେଣୁ ଅନୁମାନ କରନ୍ତୁ ତିନି ଚତୁର୍ଥାଂଶ ଜଳ ମଧ୍ୟରୁ କେତେ ଭାଗ ଆମେ ବ୍ୟବହାର କରିପାରିବା? ସାଧାରଣତଃ ଆମେମାନେ ନଦୀଗୁଡିକ ଉପରେ ନିର୍ଭରଶୀଳ,



କିଛି ସ୍ଥାନରେ ଭୂତଳ ଜଳର ମଧ୍ୟ ଉପଯୋଗ କରାଯାଇ ଥାଏ, କିଛି ବିକଶିତ ରାଷ୍ଟ୍ର ଏବେ ବର୍ଷା ଜଳ ଅମଳ ଉପରେ ଗୁରୁତ୍ୱ ଦେଇ ସାରିଲେଣି। ଜଳ ସଂରକ୍ଷଣ ନ କଲେ ଆଗାମୀ ପିଢ଼ି ଆମକୁ ଆମର ଦାୟିତ୍ୱ ହୀନତା ପାଇଁ ଦାୟୀ କରିବେ। ସ୍ୱଚ୍ଛ ପାନୀୟ ଜଳକୁ ସଞ୍ଚିତ କରି ରଖିବା ତଥା ନିତ୍ୟ ବ୍ୟବହୃତ ଜଳକୁ ବିଶୋଧିତ କରି ପୁନଃ କାର୍ଯ୍ୟରେ ଲଗା ଯାଇପାରେ। ବର୍ଦ୍ଧିତ ଜନସଂଖ୍ୟାକୁ ନଜରରେ ରଖି ନୂତନ ଜଳ ଉତ୍ସର ସନ୍ଧାନ କରିବାକୁ ପଡିବ ନଚେତ ଜୀବନର ସତ୍ତା ରହିବ ନାହିଁ।

ବର୍ତ୍ତମାନ ପୃଥିବୀ ପୃଷ୍ଠରେ ଆଠ ଶହ ତେଇଶ କୋଟି ଲୋକଙ୍କ ପାଇଁ ଖାଦ୍ୟ ହୁଏତ ଠିକ୍ ରୂପେ ମିଳି ଯାଉଛି କିନ୍ତୁ ଆଗାମୀ ଦିନରେ ଯଦି କୃଷି ଉପରେ ଗୁରୁତ୍ୱ ଦିଆ ନ ଯାଏ ତେବେ ବିଶ୍ୱରେ ଉତ୍କଟ ଖାଦ୍ୟାଭାବ ପରିଲକ୍ଷିତ ହେବ। ମନୁଷ୍ୟ ସାଧାରଣତଃ ଖାଦ୍ୟ ପାଇଁ କୃଷି ଜାତ ଦ୍ରବ୍ୟ, ଜଙ୍ଗଲରୁ ଆମଦାନୀ ହେଉଥିବା ଖାଦ୍ୟ, ପଶୁ ପକ୍ଷୀଙ୍କ ମାଂସ, ନଦୀ ସମୁଦ୍ରରୁ ଉତ୍ପାଦିତ ମାଛ ତଥା ଅନ୍ୟ ଜଳଚର ଜୀବଙ୍କ ଉପରେ ନିର୍ଭରଶୀଳ। ଅନେକ କୃଷି କ୍ଷେତ୍ର ସମୟ ଚକ୍ରରେ କଂକ୍ରିଟ ଜଙ୍ଗଲରେ ପରିଣତ ହେଲାଣି ଲୋକଙ୍କର କୃଷି ପ୍ରତି ଆଗ୍ରହ ଧୀରେ ଧୀରେ କମି ଯାଉଛି। ଜୈବିକ ସାର ବଦଳରେ ରାସାୟନିକ ସାର ପ୍ରୟୋଗ ଦ୍ୱାରା ଚାଷ ଜମିର ଉତ୍ପାଦିକା ଶକ୍ତି କମି କମି ଯାଉଛି।

ପ୍ରତି ମନୁଷ୍ୟ ପ୍ରତିଦିନ ହାରାହାରି ୧.୮୭ କି:ଗ୍ରା ଖାଦ୍ୟ ଗ୍ରହଣ କରିଥାଏ ଏବଂ ବାର୍ଷିକ ହାରାହାରି ୬୭୫ କି:ଗ୍ରା ଖାଦ୍ୟ ଗ୍ରହଣ କରେ। ଏହା ମଧ୍ୟରେ ଦୁଗ୍ଧ ଜାତୀୟ ପାନୀୟ, ଚାଉଳ, ଗହମ, ପନିପରିବା, ଆଳୁ, ପଶୁ ମାଂସ, ସାମୁଦ୍ରିକ ମାଛ ଇତ୍ୟାଦି ଖାଦ୍ୟ ଅନ୍ତର୍ଭୁକ୍ତ। ପରିସଂଖ୍ୟନରୁ ଅନୁମାନ କରନ୍ତୁ ଆଠ ଶହ ତେଇଶ କୋଟି ଲୋକଙ୍କ ପାଇଁ କେତେ ଖାଦ୍ୟର ଆବଶ୍ୟକତା ରହିଛି? ଆଜି ମଧ୍ୟ ଅନେକ ଦେଶ ଖାଦ୍ୟାଭାବ ଭିତରେ ଗତି କରୁଛି ଏବଂ ଅନେକ ଦେଶରେ ସଚେତନତା ଅଭାବରୁ ଅନେକ ଖାଦ୍ୟ ନଷ୍ଟ ହେଉଛି। ଆଫ୍ରିକା ମହା ଦେଶର ନାମ୍ବିଆ ଦେଶ ଗତ ବର୍ଷ ଅଗଷ୍ଟ ମାସରେ ୭୨୩ ଜଙ୍ଗଲୀ ଜନ୍ତୁ ମଧ୍ୟରୁ ୮୩ ଟି ହାତୀ, ୩୦ଟି ଜଳ ହସ୍ତୀ ୩୦୦ ଜେବ୍ରା ହତ୍ୟାକରି ମନୁଷ୍ୟ ମାନଙ୍କର ଖାଦ୍ୟାଭାବ ଦୂର କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲା। ଠିକ ସେହିପରି, ଜିମ୍ବାୱେ ଖାଦ୍ୟାଭାବ ପାଇଁ ୨୦୦ ହାତୀ ମାରିବାର ଆଦେଶ ଦେଇଥିଲା। ଏଥିରୁ ଅନୁମାନ କରନ୍ତୁ ବିଶ୍ୱ ଆଜି କେଉଁଠି ପହଞ୍ଚି ଗଲାଣି। ବର୍ତ୍ତମାନ ଖାଦ୍ୟାଭାବ ଦେଇ ଗତି କରୁଥିବା କିଛି ଦେଶର ନାମ ହେଲା - ୧. ସୋମାଲିଆ, ୨. ୟେମେନ, ୩. ଚାଡ଼, ୪. ମାଡାଗାସ୍କର, ୫. କଙ୍ଗୋ, ୬. ହାଇତି, ୭. ନାଇଜର, ୮. ଲାଇବେରିଆ, ୯. ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ, ୧୦. ରିପବ୍ଲିକ ଅଫ କୋରିଆ। କିଛି ଏସିଅ ଦେଶ ମଧ୍ୟ ଖାଦ୍ୟ ସଙ୍କଟ ମଧ୍ୟରେ ଗତି କରୁଛି, ଆଗାମୀ ଦିନର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏବେ ଠାରୁ ସମସ୍ତେ ସଚେତନ ହେବା ଉଚିତ ଅନ୍ୟଥା ଦିନେ ଆମକୁ ପଶ୍ଚାତ୍ତାପ କରିବାକୁ ସମୟ ମିଳିବ ନାହିଁ।

ମିଳିତ ଜାତିସଂଘ ଦ୍ୱାରା ଭବିଷ୍ୟବାଣୀ କରାଯାଇଥିବା ଆଠ ଗୋଟି ଦେଶ ସମୂହ ଯଦି ଏହି ଭବିଷ୍ୟବାଣୀକୁ ଗୁରୁତ୍ୱ ଦେଇ ଜନସଂଖ୍ୟା ହ୍ରାସ ବା ସୀମିତ ରଖିବାକୁ ଚେଷ୍ଟିତ ନ'ହେବେ ତେବେ ଏହାର କୁପରିଣାମ ପାଇଁ ହୁଏତ ସାରା ବିଶ୍ୱକୁ କଷ୍ଟ ଭୋଗିବାକୁ ପଡିବ। ଆଫ୍ରିକୀୟ ଦେଶ କଙ୍ଗୋ, ଇଥିଓପିଆ, ଇଜିପ୍ଟ ଏବଂ ତାଞ୍ଜାନିଆ ଦେଶର ଜଳବାୟୁ, ଧାର୍ମିକ ଭାବନା ତଥା ସରକାରଙ୍କ ଦୃଷ୍ଟିହୀନତା ପାଇଁ ହୁ ହୁ ହୋଇ ଜନସଂଖ୍ୟା ବଢ଼ି ଚାଲିଛି, ସେହିପରି ଏସୀୟ ଦେଶ ଭାରତ, ପାକିସ୍ତାନ, ଫିଲିପାଇନ୍ସ, ବାଂଲାଦେଶ ଇତ୍ୟାଦି ଦେଶରେ ଜନ ସଚେତନତାର ଅଭାବ, କିଛି ଧାର୍ମିକ ଭାବନା, ଅଜ୍ଞତା, ସରକାରଙ୍କ କୋହଳ ମନୋଭାବ ଲାଗି ପରିବାର କଲ୍ୟାଣ କାର୍ଯ୍ୟକ୍ରମର ସୁଫଳ ମିଳୁନାହିଁ। ଆମର ଭୁଲ ଯୋଗୁ ଉତ୍ତର ପିଢ଼ି ଏହାର ମୁକାବିଲା କରିବେ। ତେଣୁ ବେଳହୁଁ ସାବଧାନ ରହିବା ଦରକାର। ଖାଦ୍ୟ ନିୟମ ଅନୁଯାୟୀ ଖାଦ୍ୟ ନଷ୍ଟ କରିବା ଏକ ଅପରାଧ, ଏହି ନିୟମକୁ କଡାକଡି ପାଳନ କରାଯାଉ, ବିବାହ ଠାରୁ ଆରମ୍ଭ କରି ଅନେକ ଭୋଜି ଭାତ, ହୋଟେଲ, ରେଳଗାଡ଼ି, ଉଡ଼ାଜାହାଜ ଇତ୍ୟାଦିରେ ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ଖାଦ୍ୟ ନଷ୍ଟ ହୁଏ ଯାହାକୁ ଆମେ ଚାହିଁଲେ ରୋକି ପାରିବା ଏବଂ ବଳକା ଖାଦ୍ୟକୁ ଭୋକିଲା ମନୁଷ୍ୟ /ଜୀବ ଜନ୍ତୁଙ୍କୁ ଦେଇପାରିବା। ଏଥିପାଇଁ କେବଳ ଆମର ଦୃଢ଼ ମାନସିକତାର ଆବଶ୍ୟକତା ସହିତ ସରକାରୀ ନିୟମକୁ କଠୋର ଭାବେ କାର୍ଯ୍ୟକାରୀ କରିବାକୁ ହେବ।

**ବରିଷ୍ଠ ନାଗରିକ, ସ୍ନେହ କୁଟୀର,**
**ଝାଞ୍ଜିରୀ ମଙ୍ଗଳା, କଟକ**
**ମୋ: ୯୯୩୭୧୭୪୦୯୭**

# ପାଲେଷ୍ଟାଇନ କାହାର



ଲଳିତେନ୍ଦୁ ପଲାଉରୀ

ଇସ୍ରାଏଲ-ପାଲେଷ୍ଟାଇନ ବିବାଦ ୧୦୦ବର୍ଷରୁ ଅଧିକ ପୁରୁଣା। ଉଭୟଙ୍କ ମଧ୍ୟରେ ବିବାଦ ଜେରୁଜେଲମକୁ ନେଇ। ଇସ୍ରାଏଲ ପାଲେଷ୍ଟାଇନ ମଧ୍ୟରେ ଅନେକ ଯୁଦ୍ଧ ଘଟିଛି ଏବଂ ଅନେକ ଥର ମଧ୍ୟ ଯୁଦ୍ଧ ବିରତି ହୋଇଛି। କିନ୍ତୁ ମଧ୍ୟପ୍ରାଚ୍ୟର ଏହି ଅଞ୍ଚଳରେ ସ୍ଥାୟୀ ଶାନ୍ତି ଫେରିବା ନାଁ ନେଉନି। ୧୯୪୮ରୁ ଇସ୍ରାଏଲ ସ୍ୱାଧୀନ ରାଷ୍ଟ୍ର ହୋଇଛି। କିନ୍ତୁ ପାଲେଷ୍ଟାଇନକୁ ନେଇ ଏଯାଏ କୌଣସି ସ୍ପଷ୍ଟ ନିଷ୍କର୍ଷ ବାହାରି ପାରୁନି। ଜାତିସଂଘ କିମ୍ବା କୌଣସି ଅନ୍ତର୍ଜାତୀୟ ମଧ୍ୟସ୍ଥ ଏହି ଦୀର୍ଘ ବିବାଦ ସମାଧାନରେ ବିଫଳ ହୋଇଛନ୍ତି। ପାଲେଷ୍ଟାଇନର ଜନତାଙ୍କୁ ସେମାନଙ୍କ ନାଗରିକ ମର୍ଯ୍ୟାଦା ଦେବାରେ କାହିଁକି ଏତେ ପ୍ରତିବନ୍ଧକ।

ନିକଟରେ ଜାତିସଂଘର ମୋଟ ୧୯୩ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୫୭ଟି ଦେଶ ପାଖାପାଖି ୮୧ ପ୍ରତିଶତ ସଦସ୍ୟ ରାଷ୍ଟ୍ର ପାଲେଷ୍ଟାଇନକୁ ସାର୍ବଭୌମତ୍ୱ ଦେଶ ଭାବେ ସମର୍ଥନ କରିଛନ୍ତି। ୨୦୧୨ ନଭେମ୍ବରରୁ ପାଲେଷ୍ଟାଇନ ଜାତିସଂଘର ଅସ୍ଥାୟୀ ସଦସ୍ୟ ବା ଅବଜରଭର ଷ୍ଟେଟ ଭାବେ ଗଣାଯାଉଛି। ଜାତିସଂଘରେ ଭିଟୋ କ୍ଷମତାଧାରୀ ଆମେରିକା ପାଲେଷ୍ଟାଇନକୁ ଜାତିସଂଘରେ ସ୍ଥାୟୀ ସଦସ୍ୟତା ପ୍ରଦାନରେ ବାରମ୍ବାର ପ୍ରତିବନ୍ଧକ ସାଜୁଛି। ଭିଟୋ ପ୍ରୟୋଗ କରି ପ୍ରସ୍ତାବକୁ ଅଟକାଇ ଦେଉଛି। କିନ୍ତୁ ଅନ୍ୟ ୪ ଭିଟୋ କ୍ଷମତାଧାରୀ ଦେଶ ଚାଇନା, ଫ୍ରାନ୍ସ, ରୁଷିଆ ଓ ବ୍ରିଟେନ ପାଲେଷ୍ଟାଇନକୁ ଜାତିସଂଘରେ ସ୍ଥାୟୀ ସଦସ୍ୟତା ପ୍ରଦାନ ପାଇଁ ବାରମ୍ବାର ମତ ରଖିଆସୁଛନ୍ତି। ୧୯୮୮ରୁ ୱେଷ୍ଟବ୍ୟାଙ୍କ ବା ଇଷ୍ଟ ଜେରୁଜେଲମ ଓ ଗାଜା ଷ୍ଟ୍ରିପ୍‌କୁ ମିଶାଇ ଷ୍ଟେଟ ଅଫ୍ ପାଲେଷ୍ଟାଇନ ଭାବେ ଦାବି କରିଆସୁଛି ପାଲେଷ୍ଟାଇନ ଲିବରେଶନ ଅର୍ଗାନାଇଜେଶନ ବା ପିଏଲ୍‌ଓ। ୧୯୮୮ରେ ୭୮ଟି ଦେଶ ପାଲେଷ୍ଟାଇନ ରାଷ୍ଟ୍ର ସପକ୍ଷରେ ମତ ଦେଇଥିଲେ। ପାଲେଷ୍ଟାଇନ ଅଥରିଟିଙ୍କ ଦ୍ୱାରା ସ୍ୱୟଂ ଶାସିତ ପାଲେଷ୍ଟାଇନକୁ ୧୯୯୩-୯୫ ମସିହାରେ ଓସୋଲ ରାଜିନାମା ଅନୁସାରେ ଇସ୍ରାଏଲ ଓ ପିଏଲ୍‌ଓ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏଥିରେ ନିଷ୍ପତ୍ତି ହୋଇଥିଲା ପାଲେଷ୍ଟାଇନର ମଧ୍ୟବର୍ତ୍ତିକାଳୀନ କର୍ତ୍ତୃପକ୍ଷ ଗାଜା ସମେତ ୱେଷ୍ଟବ୍ୟାଙ୍କର ୪୦ପ୍ରତିଶତ ଅଞ୍ଚଳରେ ଶାସନ କରିବେ। କିନ୍ତୁ ୧୯୯୬ ରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଭାବେ ବେଞ୍ଜାମିନ ନେତାନ୍ୟାହୁ ଶାସନ ଭାର ସମ୍ଭାଳିବା ପରେ ପାଲେଷ୍ଟାଇନ ଶାନ୍ତି ଚୁକ୍ତିରେ ଝଟକା ଆସିଥିଲା। ନେତାନ୍ୟାହୁ ପାଲେଷ୍ଟାଇନକୁ ରାଷ୍ଟ୍ର ମାନ୍ୟତା ଦେବାକୁ ମନା କରି ଦେଇଥିଲେ। ପାଲେଷ୍ଟାଇନ ଲିବରେଶନ ଅର୍ଗାନାଇଜେଶନ ଶେଷରେ ହମାସ୍ ହାତରେ ଗାଜାର ଶାସନ ଭାର ଟେକି ଦେଇଥିଲା। ହମାସ୍ ନେତାମାଙ୍କ ଇଚ୍ଛାରେ ଚାଲିଥିଲା ଗାଜାରେ ଶାସନ। ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହମାସ୍ ଆକ୍ରମଣ କରି ପାଖାପାଖି ୧୩ଶହ ଇସ୍ରାଏଲବାସୀଙ୍କୁ ହତ୍ୟା କରିଥିଲେ।



ଅନେକଙ୍କୁ ପଣବନ୍ଦୀ କରି ନେଇଥିଲେ। ଏହାପରେ ଇସ୍ରାଏଲ ଗାଜାରେ ଆରମ୍ଭ କରିଥିଲା ହମାସ ନିପାତ ଅଭିଯାନ ବା ଅପରେଶନ ଆଇରନ ସୋର୍ଡ। ଗାଜାର ୯୦ ପ୍ରତିଶତ ଭିତ୍ତିଭୂମି ଧୂଳିସାତ ହୋଇଯାଇଛି। ଇସ୍ରାଏଲ ହମାସ୍ ଯୁଦ୍ଧ ବିରତି ଓ ଶାନ୍ତି ରାଜିନାମା ପାଇଁ କତାରର ଦୋହାରେ ବାରମ୍ବାର ମଧ୍ୟସ୍ଥ ବସୁଛନ୍ତି। କିନ୍ତୁ କୌଣସି ସମାଧାନ ସୂତ୍ର ବାହାରିପାରୁନି।

ଲୋକଙ୍କ ଜୀବନ ରକ୍ଷା ଓ ଇସ୍ରାଏଲ-ପାଲେଷ୍ଟାଇନ ବିବାଦକୁ ନେଇ ଟୁ ଷ୍ଟେଟ ସଲ୍ୟୁଶନ ଆଧାରରେ ଦେଶ ଗଠନ ପାଇଁ ଅନେକ ଦେଶ ମତ ରଖୁଛନ୍ତି। ଭାରତ ମଧ୍ୟ ଇସ୍ରାଏଲ ପାଲେଷ୍ଟାଇନ ବିବାଦ କେବଳ ଟୁ ଷ୍ଟେଟ ସଲ୍ୟୁଶନ ଦ୍ୱାରା ସମ୍ଭବ ବୋଲି କହିସାରିଛି। ଏହାସହ ଜି ୨୦ ଦେଶ ସମୂହ ପାଲେଷ୍ଟାଇନକୁ ନୂଆ ରାଷ୍ଟ୍ର ଭାବେ ଦେଖିବାକୁ ମତ ରଖିଛନ୍ତି। କିନ୍ତୁ ଇସ୍ରାଏଲ, ଆମେରିକା, ଜର୍ମାନୀ, ଇଟାଲି, ଜାପାନ, ଦକ୍ଷିଣ କୋରିଆ ଭଳି ରାଷ୍ଟ୍ର ପାଲେଷ୍ଟାଇନକୁ ସ୍ୱାଧୀନ ଦେଶ ଭାବେ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ନିକଟ ଅତୀତରେ ହଜାର ହଜାର ଇଟାଲିବାସୀ ପାଲେଷ୍ଟାଇନ ଷ୍ଟେଟ୍‌କୁ ସମର୍ଥନ କରି ଆନ୍ଦୋଳନ କରିଥିଲେ। ହେଲେ ଇଟାଲି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ପାଲେଷ୍ଟାଇନକୁ ଦେଶର ମାନ୍ୟତା ଦେବା ସପକ୍ଷରେ ନ ଥିବା ଜଣାଇଥିଲେ। ପାଲେଷ୍ଟାଇନ ସମର୍ଥକମାନେ ଇଟାଲିର ପ୍ରମୁଖ ସହର ମିଲାନ, ରୋମ, ନାପେଲ୍ସ, ସିସିଲି, ଟ୍ୟୁରିନ, ବୋଲଗ ଆଦି ସ୍ଥାନରେ ବିରୋଧ ପ୍ରଦର୍ଶନ ସହ ପୋଡ଼ାଜଳା କରିଥିଲେ।

କେବଳ ଇଟାଲି କାହିଁକି ବ୍ରିଟେନ, ଫ୍ରାନ୍ସରେ ମଧ୍ୟ ପାଲେଷ୍ଟାଇନଙ୍କୁ ସ୍ୱତନ୍ତ୍ର ଦେଶ ମାନ୍ୟତା ଦାବିରେ ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲାଇଥିଲା। ଅଷ୍ଟ୍ରେଲିଆ ଓ ବେଲଜିୟମ ସର୍ତ୍ତଭିତ୍ତିକ ପାଲେଷ୍ଟାଇନ ସମର୍ଥନରେ ମତ ରଖିଥିଲେ। ଗାଜାରୁ ତୁରନ୍ତ ହମାସ୍ ଆତଙ୍କୀଙ୍କୁ ମୂଳୋତ୍ପାଟନ, ସମସ୍ତ ଇସ୍ରାଏଲ ବନ୍ଧକଙ୍କୁ ମୁକ୍ତି ଦାବି କରିଛି ବେଲଜିୟମ। ପାଲେଷ୍ଟାଇନ ଲୋକତାନ୍ତ୍ରିକ ଦେଶ ହେବା ଜରୁରୀ ବୋଲି କାନାଡା ସରକାର ମତ ଦେଇଛନ୍ତି। କିନ୍ତୁ ଇସ୍ରାଏଲ ପ୍ରଧନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପାଲେଷ୍ଟାଇନକୁ କେବେ ବି ଦେଶ କରାଯାଇ ନ ପାରେ ବୋଲି ଯୁକ୍ତି ବାଢୁଛନ୍ତି। ପାଲେଷ୍ଟାଇନକୁ ସ୍ୱାଧୀନତା ମାନେ ହମାସ୍ ଆତଙ୍କବାଦୀଙ୍କୁ ସମ୍ମାନ ବା ବଡ଼ ପୁରସ୍କାର ବୋଲି ସେ କହୁଛନ୍ତି। ଏଭଳି ସ୍ଥିତିରେ ବ୍ରିଟେନ ମଧ୍ୟ ଇସ୍ରାଏଲକୁ ଚେତାବନୀ ଦେଇଛି। ୱେଷ୍ଟବ୍ୟାଙ୍କ ଅଞ୍ଚଳକୁ ଇସ୍ରାଏଲ କବ୍‌ଜା କରିବାକୁ ବୃଥା ଚେଷ୍ଟା ନ କରୁ। କେବଳ ସେତିକି ନୁହେଁ ପାଲେଷ୍ଟାଇନ ରାଷ୍ଟ୍ର ସପକ୍ଷରେ ନ ଥିବା ଆମେରିକା ରାଷ୍ଟ୍ରପତିଙ୍କ ଗାଜା ପ୍ଲାନ ମଧ୍ୟ ଆପଣଙ୍କୁ ଚକିତ କଲାଭଳି। ବଡ଼ କଥା ହେଉଛି ଗାଜାରୁ ବିସ୍ଥାପିତମାନେ କିନ୍ତୁ କୁଆଡ଼େ ଯିବେ ଏନେଇ ଟ୍ରମ୍ପଙ୍କର ଯୋଜନା ନାହିଁ। ତେବେ ଏତେ ସବୁ ଘଣ୍ଟା ଚକଟା ଭିତରେ ଏତିକି କୁହାଯାଇ ପାରେ ନିଜର ସ୍ୱାର୍ଥ ହାସଲ ପାଇଁ କିଛି ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତି ସାରା ବିଶ୍ୱକୁ ଭୁଆଁବୁଲାଇବାକୁ ଚେଷ୍ଟା କରୁଛନ୍ତି। ବିଶ୍ୱର ବିଭିନ୍ନ ସ୍ଥାନରେ ଯୁଦ୍ଧ ସଂଗଠିତ କରି ଅଶାନ୍ତି ଓ ହିଂସାତ୍ମକ ବାତାବରଣ ସୃଷ୍ଟି କରିଚାଲିଛନ୍ତି।

**ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ**
**ମୋ: ୯୭୭୮୬୯୭୦୩୬**

## ଏଇ ଭାରତରେ

ଦୀପାବଳିରେ ବାଣଫୁଟା ଉପରେ କଟକଣା ଲଗାଗଲେ ମଧ୍ୟ ପରମ୍ପରା ଆଗରେ ତାହା ଫିକା ପଡ଼ିଯାଉଛି। ଲୋକେ ପରିବେଶ ସୁରକ୍ଷା ଚିନ୍ତା କରୁ ନ ଥିବା ଏଥିରୁ ସ୍ପଷ୍ଟ ହେଉଛି। ହେଲେ ତାମିଲନାଡୁର ଶିବଗଙ୍ଗା ଜିଲାର ଭେଟାଙ୍ଗୁଡ଼ି ପକ୍ଷୀ ଅଭୟାରଣ୍ୟ ନିକଟରେ ଥିବା କୋଲ୍ଲୁକୁଡ଼ିପଟ୍ଟି, ଏସ୍.ମାମ୍‌ପଟ୍ଟି ଏବଂ ଭେଟାଙ୍ଗୁଡ଼ିପଟ୍ଟି ଗାଁର ଗ୍ରାମବାସୀ ଅଭୟାରଣ୍ୟରେ ପକ୍ଷୀଙ୍କ ସୁରକ୍ଷା ପାଇଁ ୩୦ ବର୍ଷ ହେଲା ଦୀପାବଳି ପାଳନ କରୁନାହାନ୍ତି। କେବଳ ଏତିକି ନୁହେଁ, ଏହିସବୁ ଗାଁରେ ଲୋକେ ବିବାହ କିମ୍ବା ମନ୍ଦିର ଉତ୍ସବଗୁଡ଼ିକରେ ମଧ୍ୟ ବାଣ ଫୁଟାଉ ନାହାନ୍ତି। ଦୀପାବଳି ସମୟରେ ବାହାର ଦେଶରୁ ପକ୍ଷୀମାନେ ଏଠାକୁ ଆସୁଥିବାରୁ ସେମାନଙ୍କ ଆଗମନରେ ବାଧା ସୃଷ୍ଟି ନ କରିବା ପାଇଁ ଗ୍ରାମବାସୀ ଏଭଳି ପଦକ୍ଷେପ ନେଉଛନ୍ତି। ପ୍ରାୟ ବର୍ଷସାରା ଗ୍ରାମବାସୀ ଏକ ନୀରବ ପରିବେଶ ବଜାୟ ରଖିଥାନ୍ତି। ୩୬ ହେକ୍ଟର ପରିବ୍ୟାପ୍ତ ଏହି ଅଭୟାରଣ୍ୟକୁ ଶୀତଦିନ ଆଗମନ ସମୟରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ରୁଷିଆ, ଶ୍ରୀଲଙ୍କା, ସୁଇଜରଲାଣ୍ଡ, ଇଣ୍ଡୋନେସିଆ ଆଦି ଦେଶରୁ ଆସିଥାନ୍ତି। ଗ୍ରାମବାସୀଙ୍କ ଏହି ପଦକ୍ଷେପ ଯୋଗୁ ବହିରାଗତ ପକ୍ଷୀଙ୍କ ସଂଖ୍ୟା ୪,୦୦୦ ଛୁଇଁଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ଅକ୍ଟୋବର ୧୯୭୬**

- କାବେରୀ ନଦୀଜଳ ବଣ୍ଟନ ସମସ୍ୟାର ଆଶୁ ସମାଧାନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି।
- ଇରାକରେ ଶିଳ୍ପ ଅଭିବୃଦ୍ଧି ଲାଗି ଭାରତର ସହଯୋଗ ସମ୍ପର୍କରେ ଇରାକର ଶିଳ୍ପମନ୍ତ୍ରୀ ଫ୍ଲେହାସାନ ଆଲଜସୀମ ଏବଂ ଭାରତର ଶିଳ୍ପମନ୍ତ୍ରୀ ଟି. ଏ. ପାଲଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

# ପାଠକ ଶ୍ରେଷ୍ଠ ବିଚାରକ

## ସମ୍ପତ୍ତି କିଣାବିକାରେ ନୋମିନି ବ୍ୟବସ୍ଥା କରାଯାଉ

ମହାଶୟ,

ବର୍ତ୍ତମାନ ପରିସ୍ଥିତିରେ ପ୍ରତି କାର୍ଯ୍ୟରେ ବ୍ୟାଙ୍କରେ ଇନ୍‌ସ୍ୟୁରାନ୍ସ ବା ଯେକୌଣସି ଦସ୍ତାବିଜ୍‌ରେ ନୋମିନର ଆବଶ୍ୟକତା ପଡୁଛି। ଭବିଷ୍ୟତରେ ଯଦି କିଛି ହୁଏ, ବୀମାଭୁକ୍ତ ବ୍ୟକ୍ତି ବଦଳରେ ନୋମିନକୁ ସମସ୍ତ ହକ୍ ମିଳୁଛି। କିନ୍ତୁ କୌଣସି ସମ୍ପତ୍ତି କିଣାବିକାରେ ନୋମିନ ବ୍ୟବସ୍ଥା ରହୁନାହିଁ। ଯାହାଫଳରେ ଭବିଷ୍ୟତରେ କାଳକ୍ରମେ ସମ୍ପର୍କୀୟ ଲୋକ ସେ ସମ୍ପତ୍ତିର ହକ୍‌ଦାର ହୋଇଯାଉଛନ୍ତି। କିଛି ବ୍ୟକ୍ତି ବିଦେଶରେ ରହୁଛନ୍ତି। ପ୍ରତ୍ୟେକ ସମ୍ପତ୍ତିର ସ୍ୱତଃପ୍ରବୃତ୍ତ ହକ୍‌ଦାର ହୋଇଯାଉଛନ୍ତି ଏବଂ ସେମାନେ ସମ୍ପତ୍ତି ବିଷୟରେ କିଛି ଜାଣୁନାହାନ୍ତି, କିନ୍ତୁ ସେମାନେ ତାଙ୍କର ଅଂଶ ଛାଡ଼ିବାକୁ ନାରାଜ। ଯାହାଫଳରେ ସବୁ ସମ୍ପତ୍ତି ସର୍ବସାଧାରଣଙ୍କ ଭଳି ପଡିରହୁଛି ଏବଂ କାହାର କାର୍ଯ୍ୟରେ ଲାଗୁନାହିଁ। ଆସ୍ତେ ଆସ୍ତେ ଅଂଶୀଦାରଙ୍କ ସଂଖ୍ୟା ବୃଦ୍ଧି ପାଉଛି। କେତେକ ସ୍ଥଳରେ ୧ ଗୁଣ୍ଠ ଜାଗାରେ ୪୦ ଜଣ ଅଂଶୀଦାର ହେଉଛନ୍ତି। ତେଣୁ ପ୍ରତ୍ୟେକ ସମ୍ପତ୍ତି କିଣାବିକା ସମୟରେ ନୋମିନ ରଖାଯିବାର ନିୟମ ପ୍ରଚଳନ କରାଯାଉ।

**-ଡି. ଉପେନ୍ଦ୍ର, ନୟାପାଲ୍ଲୀ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଭେଦ ପାଚେରି ଟେକି ଚଉପାଶେ ସଦା ସେ
ଥିଲେ ହେଁ ନିକଟେ ଯଥା ଅଛି ଦୂର ପ୍ରବାସେ
ନିଭୃତ ମାନସର ସୁନିବିଡ଼ ପରାସ
କ୍ଷତ ଅନ୍ତରେ ମମ ରକ୍ତର ଯବା ସେ !
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଦୋକାନରେ ପଶିଗଲା ବସ୍

## ଜଣେ ମୃତ, ଅନ୍ୟ ଜଣେ ଗୁରୁତର

ଠାକୁରମୁଣ୍ଡା,୨୧।୧୦ (ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଶିବା ନାମକ ଯାତ୍ରୀବାହୀ ବସ୍ ସୋମବାର ମଧ୍ୟାହ୍ନ ୧୨ଟା ସମୟରେ ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତାର ଅଖାପଲାଣ ଛକ ନିକଟରେ ଏକ ବାଇକ୍‌କୁ ଧକ୍କା ଦେଇ ରାସ୍ତା ପାର୍ଶ୍ୱ ଦୋକାନରେ ପଶି ଯାଇଥିଲା। ଏହି ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଠାକୁରମୁଣ୍ଡା ଥାନା ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅସନକୁଦର ଗ୍ରାମର ଗୁରୁଚରଣ ମହାଲି। ଗୁରୁତର ଫାଗୁ ମହାଲିଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତାରେ କରଞ୍ଜିଆରୁ ଯାତ୍ରୀ ନେଇ ଶିବା ବସ ଭୁବନେଶ୍ୱର ଯାଉଥିବା ବେଳେ ଅଖାପଲାଣ ଛକରେ ଦୁର୍ଘଟଣା ଘଟିଥିଲା। ଅସନକୁଦର ଗ୍ରାମର ଗୁରୁଚରଣ ଓ ଫାଗୁ ବାଇକ୍ ଯୋଗେ କେନ୍ଦୁଝିଆଣି ହାଟକୁ ଯାଉଥିଲା ବେଳେ ବସଟି ତାଙ୍କୁ ଧକ୍କା ଦେଇଥିଲା। ବାଇକ୍‌ଟି ବସ ଚକରେ ଲାଗି ଯାଇଥିବାବେଳେ ବାଇକ୍ ଆରୋହୀ ଦ୍ୱୟ ଛିଟିକି ପଡ଼ିଥିଲେ। ବସ୍ ଡ୍ରାଇଭର ବାଇକ୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ରାସ୍ତା କଡ଼ରେ ଥିବା ଏକ ଜଳଖିଆ ଦୋକାନକୁ ମାଡ଼ି ଯାଇଥିଲେ। ଜଳଖିଆ ଦୋକାନରେ ଥିବା ଗ୍ରାହକ ।ନେ ଦୌଡ଼ି ପଳାଇ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ।


ଦୋକାନରେ ପଶିଯାଇଥିବା ବସ୍।

## ଡାବାରେ ଭଙ୍ଗାରୁଜା, ୨ ଆହତ

ବାରିପଦା,୨୧।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ବାରିପଦା ସହର ଭଞ୍ଜପୁର ଥାନା ଅଧୀନ ଦୁର୍ଗାବାଡ଼ିସ୍ଥିତ ଏକ ଡାବାରେ ଦୁର୍ବୃତ୍ତମାନେ ଗଣ୍ଡଗୋଳ ଘଟାଇ ଆତଙ୍କରାଜ ସୃଷ୍ଟି କରିଛନ୍ତି। ବନ୍ଧୁକ ଦେଖାଇ ଭୟଭୀତ କରି ଡାବା ମାଲିକ ଓ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ସିସିଟିଭି ଭାଙ୍ଗିବା ସହ ଆସବାବପତ୍ର ଭାଙ୍ଗିରୁଜି ନଷ୍ଟ କରିଛନ୍ତି। ଆକ୍ରମଣରେ ୨ ଜଣ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କାରି ରଖିଛି। ସୂଚନାଯୋଗ୍ୟ, ସୋମବାର ରାତି ସାଢ଼େ ୧୧ଟା ସମୟରେ ୩ଟି ବାଇକ୍ ଓ ଗୋଟିଏ ସ୍କୁଟିରେ ୭ ଯୁବକ ଡାବା ମଧ୍ୟରେ ପଶି ଉତ୍ପାତ ଚଳାଇଥିଲେ। ଡାବାରେ ଥିବା ଆସବାବପତ୍ର ଭଙ୍ଗାରୁଜା କରିବା ସହ ମାଲିକଙ୍କୁ ମାଡ଼ ମାରିଥିଲେ । ପରେ ମାଲିକଙ୍କ ବେକରୁ ସୁନାହାର ଓ ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ଡାବା କର୍ମଚାରୀ ବିରୋଧ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରି ଆହତ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଘଟଣା ପ୍ରଘଟ ହେବାରୁ ସ୍ଥାନୀୟ ଲୋକେ ପହଞ୍ଚିବା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ତେବେ ଅଭିଯୁକ୍ତମାନେ ଛାଡି ଯାଇଥିବା ବୁଲେଟ୍‌କୁ ପୋଲିସ ଜବତ କରିଛି। ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଚାଲିଛି ବୋଲି ଭଞ୍ଜପୁର ଥାନା ଆଇଆଇସି ଅଜୟ କୁମାର ଜେନା କହିଛନ୍ତି।

## ଟ୍ୟୁଶନ ଶିକ୍ଷକଙ୍କୁ ଗୁଳିମାଡ଼ ଘଟଣା, ୨ ଗିରଫ

ବାରିପଦା,୨୧।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଧୀନ ଶିଳିଅଭିଘାଟୀ ପଞ୍ଚାୟତ ଶାଗୁଆ ଗ୍ରାମରେ ଟ୍ୟୁଶନ ଶିକ୍ଷକ ସଞ୍ଜୟ ନାୟକଙ୍କୁ ଗୁଳିମାଡ଼ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମାଙ୍କଡ଼ାପାଳ ଗ୍ରାମର ରାଜ କିଶୋର ନାୟକ(୨୫) ଓ ମାନଗୋବିନ୍ଦପୁର ଗ୍ରାମର ଅର୍ଜୁନ ସୋରେନ(୨୪)। ସୂଚନାଯୋଗ୍ୟ, ଅଙ୍ଗନୱାଡ଼ି କେନ୍ଦ୍ରରେ ପାଚିକା ନିଯୁକ୍ତିକୁ ନେଇ ସଞ୍ଜୟ ଓ ରାଜକିଶୋରଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଏହାକୁ ନେଇ ରାଜକିଶୋର ହତ୍ୟାକାଣ୍ଡ ଯୋଜନା କରିଥିଲେ। ଘଟଣା ଦିନ ସଞ୍ଜୟଙ୍କ ଫେରିବା ରାସ୍ତାରେ ଡାଳପତ୍ର ପକାଇ ୨ ଅଭିଯୁକ୍ତ ଛକି ରହିଥିଲେ। ସଞ୍ଜୟ ଚଳାଉଥିବା ବାଇକ୍ ଅଟକିବାରୁ ଅଭିଯୁକ୍ତମାନେ ଅତି ନିକଟରୁ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ସଞ୍ଜୟଙ୍କ ପେଟରେ ଗୁଳି ବାଜିବାରୁ ସେ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ସଞ୍ଜୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହା ସହିତ ଘଟଣାରେ ବ୍ୟବହୃତ ଦେଶୀ ବନ୍ଧୁକ, ବାରୁଦ ଭର୍ତ୍ତି କରିବା ପାଇଁ ଏକ ବାଉଁଶ ବାଡି ଓ ଏକ ମୋଟର ସାଇକେଲକୁ ପୋଲିସ ଜବତ କରିଛି।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

## ରାତି ତମାମ ଜଙ୍ଗଲରେ ପଡ଼ି ରହିଲେ

ମୋରଡ଼ା,୨୧।୧୦ (ସ୍ୱାରକ ମାଝୀ)

ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଟୁପୁରା ଗ୍ରାମର ସମରାଇ ହେମ୍ବ୍ରମ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବାରିପଦାସ୍ଥିତ ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ସମରାଇ ଗତ ରବିବାର ପାଖ ଗାଁ କପ୍ତିପଦାକୁ ଫୁଟବଲ ଖେଳ ଦେଖିବାକୁ ଯାଇଥିଲେ। ଖେଳ ଦେଖି ସାରି ସନ୍ଧ୍ୟାରେ ମନାକଷା ଜଙ୍ଗଲ ଦେଇ ଘରକୁ ଫେରିବା ସମୟରେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ଆକ୍ରମଣରେ ତାଙ୍କ ଗୋଡ଼ ଭାଙ୍ଗି ଯିବାରୁ ରାତି ତମାମ ଗୁରୁତର ଅବସ୍ଥାରେ ସେ ଜଙ୍ଗଲରେ ପଡ଼ି ରହିଥିଲେ। ସୋମବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଉଥିବା ବେଳେ ସମରାଇ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଫରେଷ୍ଟର ମାଳତୀ ସିଂ, ଫରେଷ୍ଟଗାର୍ଡ ଅରବିନ୍ଦ ଗିରି ଘଟଣାସ୍ଥଳରେ ପହଞ୍ଚି ସମରାଇଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ତେବେ ସମରାଇ ରାତି ତମାମ ଗୁରୁତର ଅବସ୍ଥାରେ ଜଙ୍ଗଲରେ ପଡ଼ିରହି ଛଟପଟ ହେବା ଘଟଣାରେ ବନ ବିଭାଗର ଅବହେଳାକୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। ଏନେଇ ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚାରିବାରୁ ଜଙ୍ଗଲ ପାର୍ଶ୍ୱ ଦେଇ ଥିବା ରାସ୍ତାରେ ବନ ବିଭାଗ କର୍ମଚାରୀ ଥିଲେ। ଉକ୍ତ ଜଙ୍ଗଲରେ ୩ ଦିନ ହେଲା ହାତୀ ଅଛନ୍ତି ବୋଲି ଗାଁ ଲୋକଙ୍କୁ ସୂଚନା ଦେବା ସତ୍ତ୍ୱେ ସମରାଇ କେନାଲ ରାସ୍ତାରେ ନ ଆସି ଜଙ୍ଗଲ ମଝିରେ ଘରକୁ ଫେରୁଥିଲେ। ତେବେ କ୍ଷତିଗ୍ରସ୍ତ ସମରାଇଙ୍କୁ ସରକାରୀ ସହାୟତା ମିଳିବ ବୋଲି ସେ କହିଛନ୍ତି।


ହାତୀ ଆକ୍ରମଣରେ ଗୁରୁତର ସମରାଇ ହେମ୍ବ୍ରମ।

# ନକଲି ବିଦେଶୀ ମଦ ଜବତ, ଜଣେ ଗିରଫ

ବେତନଟୀ,୨୧।୧୦(ଧରଣୀଧର ମହାନ୍ତି)

ବେତନଟୀ ଅବକାରୀ ବିଭାଗ ଚଢ଼ାଉ କରି ମାଟି ତଳୁ ବିପୁଳ ପରିମାଣରେ ବିଦେଶୀ ନକଲି ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କର୍ଣ୍ଣଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ କୁମାର ବେହେରା ଓ ବାରିପଦା ମୋବାଇଲ ୟୁନିଟ ମିଳିତ ଭାବେ ଚଢ଼ାଉ କରି ହାତୀଖୁରି ଅଞ୍ଚଳର ଧନଞ୍ଜୟ ସିଂଙ୍କ ଘରେ ମାଟି ତଳେ ପୋତାଯାଇଥିବା ୭୫୦ ଏମ୍ଏଲ୍‌ର ନକଲି ବିଦେଶୀ ମଦ ଥିବା ୫୪ଟି ସିଲ୍ ବୋତଲ ଓ ୨୦୦ରୁ ଊର୍ଦ୍ଧ୍ୱ ଖାଲି ମଦ ବୋତଲ ଓ ୬ ଲିଟର ସ୍ପିରିଟ ଜବତ କରିଛି। ତାଙ୍କର ଏକ ହୋଟେଲ ମଧ୍ୟ ରହିଛି। ଚଢ଼ାଉ ସମୟରେ ବାରିପଦା ମୋବାଇଲ ଟିମ୍‌ର ଆଇଆଇସି ସଞ୍ଜୟ କୁମାର କାଣ୍ଡି, ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା, ଏଏସଆଇ ଉର୍ମିଳା ବେହେରା, ଏସଆଇ ଡି. କାମେଶ୍ୱର, ପ୍ରକାଶ ବେବର୍ତ୍ତା ସମେତ ଅବକାରୀ କନେଷ୍ଟବଳ ମାନେ ସାମିଲ ଥିଲେ।


ଗିରଫ ଅଭିଯୁକ୍ତ ଓ ଜବତ ହୋଇଥିବା ନକଲି ମଦ।

# ବାରିପଦା ସହରରେ କାଳୀପୂଜା

ବାରିପଦା,୨୧।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରର ବିଭିନ୍ନ ସ୍ଥାନରେ ପବିତ୍ର ଦୀପାବଳି ଉତ୍ସବ ଓ କାଳୀପୂଜା ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ସହରରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପ ଓ ମନ୍ଦିରରେ ମା' କାଳୀଙ୍କ ପୂଜା ରାତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ସୋମବାର ବିଳମ୍ବିତ ରାତିରେ ଘଟୋତ୍ତୋଳନ କରାଯାଇ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ସକାଳୁ ଶ୍ରଦ୍ଧାଳୁମାନେ ଦେବୀଙ୍କ ଦର୍ଶନ କରିଥିଲେ। ସହରର ଷ୍ଟେସନ ବଜାର, କୃଷ୍ଣଚନ୍ଦ୍ର ଗୋଲେଇ, ରେଲୱେ ଷ୍ଟେସନ, ନ୍ୟୁ ମାର୍କେଟ, ଗ୍ରାଫିକ ମାର୍କେଟ, କଚେରୀ ମାର୍କେଟ, ଭଞ୍ଜପୁର, କେଏମବିଏମ୍ ରୋଡ୍, ତକତପୁର ଓ ପୋଡ଼ାଅସ୍ତିଆ ଆଦି ବିଭିନ୍ନ ସ୍ଥାନରେ ମଣ୍ଡପଗୁଡ଼ିକ ତୋରଣ ଓ ଆଲୋକମାଳାରେ ସୁସଜ୍ଜିତ ହୋଇଛି। ସେହିପରି ସହରରେ ଥିବା କାଳୀମନ୍ଦିର ସାହି, ବାରୁଣୀ ଶ୍ମଶାନ କାଳୀ, ମା' କୀଚକେଶ୍ୱରୀ, ଜଗନ୍ନାଥ ମନ୍ଦିର ପରିସରରେ ଥିବା କାଳୀମନ୍ଦିର ଓ ଗୌରାଙ୍ଗ ମଠ ପରିସରରେ ଥିବା କାଳୀ ମନ୍ଦିରରେ ପୂଜା ହୋଇଛି। ସମସ୍ତ ମନ୍ଦିର ଓ ମଣ୍ଡପଗୁଡ଼ିକରେ ଅନଭୋଗ ଲାଗଯାଇ ବଣ୍ଟନ କରାଯାଇଛି। ସେହିପରି ଆଲୋକର ପର୍ବ ଦୀପାବଳିକୁ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଛି। ଛୋଟ ମୋଟ ଅଘଟଣ ବିନା ବାଣ ରୋଷଣୀ ଓ ଆତସବାଜିରେ ସହର କମ୍ପି ଉଠିଥିବା ଦେଖିବାକୁ ମିଳିଥିଲା।

# ପୋଲିସ ଶହୀଦ ଦିବସ


ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ବାରିପଦା,୨୧।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ପୋଲିସ ପ୍ରଶାସନ ପକ୍ଷରୁ ବାରିପଦା ରିଜର୍ଭ ପୋଲିସ ପରେଡ୍ ପଡ଼ିଆଠାରେ ୬୬ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ୧୯୫୯ ମସିହାରୁ ଶହୀଦ ହୋଇଥିବା ବୀର ଜବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଏହି ଦିବସଟିକୁ ଶହୀଦ ଦିବସ ରୂପେ ପୋଲିସ ପକ୍ଷରୁ ପ୍ରତି ବର୍ଷ ପାଳନ କରାଯାଇ ଆସୁଅଛି। ଏହି ଅବସରରେ ଅମର ଜବାନ ଶହୀଦ ପୀଠରେ ପୁଷ୍ପମାଲ୍ୟ ଦେଇ ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପୋଲିସ ବାହିନୀ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯିବା ସହ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଉପସ୍ଥିତ ରହି ଶହୀଦମାନଙ୍କ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଲିସ ବିଭାଗର ବିଭିନ୍ନ ପଦାଧିକାରୀ, ଇନିସପେକ୍ଟର, ଏସଆଇ, ଏଏସଆଇ, ହାବିଲଦାର, କନେଷ୍ଟବଳ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ୫୧ ୟୁନିଟ ରକ୍ତ ସଂଗ୍ରହ

ବୈଶିଙ୍ଗା,୨୧।୧୦(ରତନ ଦାଶ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗାସ୍ଥିତ ପ୍ରାୟାଂଶୀ ରାଧେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରୁ ମୋଟ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ସନାତନ ବିଜୁଳି ଓ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଯୋଗଦେଇ ଫିତାକାଟି ଶିବିରକୁ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ସ୍ଥାନୀୟ ବାସିନ୍ଦା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଈଶାନ କୁମାର ସାହୁ ଓ ପ୍ରୟୋଗମାନାଦ ସୁଶାନ୍ତ କୁମାର ନାୟକଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଶିବିରରେ ସୁବ୍ରତ ଦଣ୍ଡପାଟ, ସୁମନ ନାୟକ , ରଞ୍ଜିତ ନାୟକ, ମୋନାଲିସା ବାରିକ, ଅଞ୍ଜନା ଜେନା, ଗୀତାଞ୍ଜଳି ବେହେରା, ଗୀତାଞ୍ଜଳି ନାୟକ, ଅଲିଭା ମଲ୍ଲିକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।


ଶିବିରରେ ଉପସ୍ଥିତ ଅତିଥିମାନେ।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍-ଟି-୨୫-୨୬-ଏସ୍‌ପିଡ଼ି-୨୯, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ... www.ireps.gov.in ... (PR-750)

**ରିଲିକ୍ସ କନସଲ୍ଟିଂ କର୍ପୋରେସନ**

ଇମେଲ: reliveconsultingco@gmail.com

| କ୍ର. ନଂ. | ପ୍ରକଳ୍ପର ନାମ | ଟେଣ୍ଡର ନୋଟିସ ନମ୍ବର | ଟେଣ୍ଡର ଦେୟ |
|---|---|---|---|
| ୧ | ... | RCC/DEL/CSR/2025/04: ତାରିଖ: 21.10.2025 | Rs. ୧୦୦୦/- |

https://reliveconsulting.com/

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹ 350 per sq.cm
Colour : ₹ 400 per sq.cm
PAY FOR 1, GET 1 FREE
For Bookings Call : 0674-2580385
Email : advt@dharitri.com

**WANTED**
Immediately Required, Arc & Argon Welder, Fitter & Helper with Minimum Two Year Work Experience. Field of Experience : Structural & Pipeline (MS & SS). Also required Fresh ITI (Electrical, Mechanical, Welder)
Contact No.: 9556393222/7077471819
Email : elite.bbs@gmail.com

**ଆବଶ୍ୟକ**
9438128790କୁ ଯୋଗାଯୋଗ କରନ୍ତୁ।

**URGENT REQUIRES**
Experienced Driver - 2 nos., House Keeping Boy - 2 nos., Indian Cook - 2 nos. for a Guest House at Bhubaneswar.
Contact : 7656915989

**REQUIRES**
Advith Pvt. Ltd. – Now Hiring, Positions-
COMPUTER TRAINER- BCA/MCA/ B.Tech (CS & Electrical),
SPORTS COACH - BPEd,
DANCE TRAINER BA in Dance (Kathak & Bharatanatyam),
MUSIC TRAINER - BA in Music,
YOGA TRAINER – MA/MSc/ Diploma in Yoga,
ACADEMIC POSITIONS – MA / MSc (any discipline)
Email:advithrecruitment@gmail.com,
Contact- Deepak Dongre (HR)
Mob.: 9131381341

See Career Appointment on every Wednesday & Saturday

**ଲକର ଧାରକଙ୍କ ପାଇଁ ଖବରକାଗଜ ସୂଚନା**
**ଲକର ଭଡ଼ା ଦେୟ ଖିଲାପକାରୀ**

ଏହି ନୋଟିସ୍ ସେହି ଗ୍ରାହକଙ୍କ ପାଇଁ ଯେଉଁମାନେ ଏଚ୍. ଡି. ଏଫ୍. ସି ବ୍ୟାଙ୍କ ଲିମିଟେଡର ବିଭିନ୍ନ ଶାଖାରେ ଉଡ଼ାରେ ଲକର ନେଇଛନ୍ତି ଏବଂ ୩ ବର୍ଷରୁ ଅଧିକ ସମୟ ଧରି ଭଡ଼ା ଦେଇନାହାନ୍ତି।

| କ୍ର. ନଂ. | ଶାଖା ନାମ | ଗ୍ରାହକ ନାମ | ଲକର ନମ୍ବର | ଲକର ସିରିଜ | ଲକର ସାଇଜ | ଓଭରଡ୍ୟୁ ଦିନ |
|---|---|---|---|---|---|---|
| ୧ | ନୟାପଲ୍ଲୀ | [illegible] | ୫୨ | B03 | ମିଡିୟମ | ୦୯-୦୫-୨୦୨୨ |
| ୨ | ନୟାପଲ୍ଲୀ | [illegible] | ୯ | D01 | ଏକ୍ସଟ୍ରା ଲାର୍ଜ | ୦୯-୦୫-୨୦୨୨ |
| ୩ | ନୟାପଲ୍ଲୀ | [illegible] | ୪ | C01 | ଲାର୍ଜ | ୦୯-୦୫-୨୦୨୨ |
| ୪ | ନୟାପଲ୍ଲୀ | [illegible] | ୯ | C01 | ଲାର୍ଜ | ୦୯-୦୫-୨୦୨୨ |
| ୫ | ନୟାପଲ୍ଲୀ | [illegible] | ୧୯ | C01 | ଲାର୍ଜ | ୦୯-୦୫-୨୦୨୨ |
| ୬ | ନୟାପଲ୍ଲୀ | [illegible] | [illegible] | B01 | ମିଡିୟମ | ୦୯-୦୫-୨୦୨୨ |
| ୭ | ନୟାପଲ୍ଲୀ | [illegible] | ୨୦ | B01 | ମିଡିୟମ | ୦୯-୦୫-୨୦୨୨ |
| ୮ | ନୟାପଲ୍ଲୀ | [illegible] | [illegible] | B02 | ମିଡିୟମ | ୦୯-୦୫-୨୦୨୨ |
| ୯ | ନୟାପଲ୍ଲୀ | [illegible] | [illegible] | B02 | ମିଡିୟମ | ୦୯-୦୫-୨୦୨୨ |
| ୧୦ | ନୟାପଲ୍ଲୀ | [illegible] | [illegible] | B02 | ମିଡିୟମ | ୦୯-୦୫-୨୦୨୨ |
| ୧୧ | ନୟାପଲ୍ଲୀ | [illegible] | [illegible] | B02 | ମିଡିୟମ | ୦୯-୦୫-୨୦୨୨ |
| ୧୨ | ନୟାପଲ୍ଲୀ | [illegible] | [illegible] | B03 | ମିଡିୟମ | ୦୯-୦୫-୨୦୨୨ |
| ୧୩ | ନୟାପଲ୍ଲୀ | [illegible] | [illegible] | B03 | ମିଡିୟମ | ୦୯-୦୫-୨୦୨୨ |
| ୧୪ | ନୟାପଲ୍ଲୀ | [illegible] | [illegible] | B02 | ମିଡିୟମ | ୦୯-୦୫-୨୦୨୨ |
| ୧୫ | ନୟାପଲ୍ଲୀ | [illegible] | [illegible] | B02 | ମିଡିୟମ | ୦୯-୦୫-୨୦୨୨ |
| ୧୬ | ନୟାପଲ୍ଲୀ | [illegible] | [illegible] | B01 | ମିଡିୟମ | ୦୯-୦୫-୨୦୨୨ |

ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ
ଶାଖା ପରିଚାଳକ, ଏଚ୍. ଡି. ଏଫ୍. ସି ବ୍ୟାଙ୍କ ଲିମିଟେଡ୍
ନଂ A / ୬୨୧, ଗ୍ରାଉଣ୍ଡ ଫ୍ଲୋର, ୟୁନିଟ୍ ନଂ ୮ ନୟାପଲ୍ଲୀ
ଭୁବନେଶ୍ୱର, ଓଡ଼ିଶା- ୭୫୧୦୧୨
ଯୋଗାଯୋଗ- ୯୩୩୭୧୬୭୬୧୨
ଏଚ୍ ଡି ଏଫ୍ ସି ବ୍ୟାଙ୍କ

**WALK-IN-INTERVIEW**
**MANPOWER REQUIREMENT ON ROLL**

| Sl No | Department | Positions | Experience |
|---|---|---|---|
| 1) | CPP | Operation: Shift Incharge, Turbine DCS/Field Operator, Boiler DCS/Field Operator, MHS Engineer/Operator, Fireman, Chemist, RO/DM Operator, Silo Operator. Mechanical: Engineer, Sr. Fitter, Electrical: Deputy/ Asst. Manager, Engineer/Sr.Engineer, Electrician, Instrument: Deputy / Asst. Manager, Engineer / Sr. Engineer, Technician. | 5-10 Years |
| 2) | FA | Operation: Shift Manager, Shift Incharge, Control Room Operator, Batch Operator, Tapper, Forklift/Crane Operator, RMHS Shift Incharge, BQT manager, QC head, Chemist, QC Sampler, Cast House Supervisor, Mechanical: Engineer, Sr. Engineer, Sr. Fitter, Electrical: Deputy / Asst. Manager, Engineer/ Sr.Engineer, Electrician | 5-10 Years |
| 3) | DRI | Operation: Sr. Manager, Shift Manager, Control Room Operator, Field Operator, QRT Operator, Port Loading Supervisor, Chemist, Lab attendant, Mechanical/RMP: Manager, Engineer, Foreman, Sr. Fitter, Belt Jointer, RMP Operator / Supervisor, Electrical: Engineer / Sr. Engineer, Electrician. | 5-10 Years |
| 4) | CIVIL | Asst. Manager / Sr. Engineer, Quality Engineer, Supervisor | 5-10 Years |
| 5) | F&S | Safety Patroller | 5-10 yrs |
| 6) | Pollution Control | Asst. Manager / Sr. Engineer | 5-10 Years |
| 7) | Commercial | Accountants, Engineering Store Manager | 5-10 yrs |

SREE METALIKS AND SAL STEEL LTD JOINT VENTURE
Interested candidate may walk in with their updated CV, Photo & proof of present salary on date: 26/10/2025, Time 10.00 am to 04.00 pm Contact Person: Mr. SK Ray, Mob. 9937222002. Interview Location: Plot No. K-8/552, Kalinga Nagar, Near Sum Ultimate Hospital, Bhubaneswar

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର, ଓଡ଼ିଶାରେ ଥିବା ବ୍ୟାଙ୍କର ଷ୍ଟାଫ କ୍ୱାଟର୍ସରେ ୫ଟି ଫ୍ଲାଟ୍ ମିଳିତ ପରେ 4ଟି ଫ୍ଲାଟ୍‌ର ପୁନର୍ନିର୍ମାଣ (ସିଭିଲ କାର୍ଯ୍ୟ) କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 03, 2025 ଅପରାହ୍ନ 02:00 ଟା ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ଭାରତୀୟ କ୍ରୀଡ଼ା ପ୍ରାଧିକରଣ**
**SPORTS AUTHORITY OF INDIA**
ଭାରତ ସରକାର / GOVERNMENT OF INDIA
କ୍ରୀଡ଼ା ବିଭାଗ / DEPARTMENT OF SPORTS
(An Autonomous Body under Ministry of Youth Affairs and Sports)
ମୁଖ୍ୟ କାର୍ଯ୍ୟାଳୟ, ଗେଟ୍ ନଂ. ୧୦ (ଇଷ୍ଟ ଗେଟ୍), ଜବାହରଲାଲ ନେହେରୁ ଷ୍ଟାଡିୟମ, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩

ଭାରତୀୟ କ୍ରୀଡ଼ା ପ୍ରାଧିକରଣ ସାଇ ଲକ୍ଷ୍ମୀବାଇ ନ୍ୟାସନାଲ କଲେଜ ଅଫ୍ ଫିଜିକାଲ ଏଜୁକେସନ, କାରିଆଭାଟ୍ଟମ୍, ଥିରୁଭାନନ୍ତପୁରମ୍ ନିମନ୍ତେ ନିୟମିତ ଭିତ୍ତିରେ ଆସିଷ୍ଟାଣ୍ଟ ପ୍ରଫେସର (ଫିଜିକାଲ ଏଜୁକେସନ) ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି ... www.sportsauthorityofindia.nic.in

cbc 47103/12/0015/2526

**ବାଣ ନିଆଁରେ ୧୨ଆହତ, ୩ ଗୁରୁତର**

ଭଣ୍ଡାରିପୋଖରୀ,(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ବ୍ଲକରେ ସୋମବାର ଆଲୋକର ପର୍ବ ଦୀପାବଳି ପାଳନ କରାଯାଇଥିବା ବେଳେ ବାଣ ନିଆଁରେ ୧୨ଜଣ ଆହତ ହୋଇଛନ୍ତି। ଆହତମାନେ ଚିକିତ୍ସା ପାଇଁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୩ ଗୁରୁତରଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।



ଭଦ୍ରକ


ଡଗରାସାହି ପୂଜା ମଣ୍ଡପ।


ପିଡବ୍ଲ୍ୟୁ ପୂଜା ମଣ୍ଡପ।


ପଥରକାଳୀ ମଣ୍ଡପ ତୋରଣ।

# ଭଦ୍ରକାଳୀଙ୍କ ବେଦମାତା, ମହାକାଳୀ ବେଶ

ଭଦ୍ରକ,୨୧।୧୦
(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ସୋମବାରଠାରୁ ପୂଜା ସହ ମା'ଙ୍କ ସପ୍ତମମାତୃକା ବେଶ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସୋମବାର ମା' ବେଦମାତା ବେଶରେ ପୂଜା ପାଇଥିବା ବେଳେ ମଙ୍ଗଳବାର ଦ୍ୱିତୀୟ ଦିବସରେ ମହାକାଳୀ ବେଶରେ ଦର୍ଶନ ଦେଇଛନ୍ତି। ଦୀପାବଳି ଦିନ ମା'ଙ୍କ ବେଦମାତା ବେଶ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ଧାଡ଼ି ଲାଗିଥିଲା। ବେଦମାତା ବେଶରେ ମା'ଙ୍କର ମୁଖମଣ୍ଡଳ ହଳଦୀ ବର୍ଣ୍ଣ ଥିବାବେଳେ ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ସୁସଜ୍ଜିତ ସହ ହଂସ ବାହନ ଥିଲା। ହଳଦିଆ ପାଟବସ୍ତ୍ର ପରିଧାନ ସହ ବାମହସ୍ତ ଯୁଗଳରେ ବେଦ ଓ କମଣ୍ଡଳୁ ଧାରଣ କରିଥିବା ବେଳେ ଦକ୍ଷିଣହସ୍ତ ଯୁଗଳରେ ପଦ୍ମ ଓ ଜପାମାଳି ଧାରଣ କରି ଚତୁର୍ଦ୍ଧାମୂର୍ତ୍ତିରେ ପୂଜା ପାଇଥିଲେ। ମା' ଭଦ୍ରକାଳୀଙ୍କ ବେଦମାତା ବେଶ ଦର୍ଶନ କଲେ ଧର୍ମ ଓ ପୁଣ୍ୟ ଅର୍ଜନ ହୁଏ ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି।

ସେହିପରି ମଙ୍ଗଳବାର ମା' ମହାକାଳୀ ବେଶରେ ପୂଜା ପାଇଛନ୍ତି। ମା' ଭଦ୍ରକାଳୀ ପରମ ବୈଷ୍ଣବୀ। କାଳୀପୂଜା ସମୟରେ ବର୍ଷକ ମଧ୍ୟରେ ଗୋଟିଏ ଦିନ ସେ ଉଗ୍ରରୂପ ଧାରଣ କରିଥାନ୍ତି। ମା'ଙ୍କର ମୁଖମଣ୍ଡଳ ଶ୍ୟାମଳବର୍ଣ୍ଣ ଥିବାବେଳେ ନାଲି ପାଟବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାର ପରିଧାନ କରିଥିଲେ। ରକ୍ତଜିହ୍ୱା, ମୁଣ୍ଡମାଳିନୀ, ଖଡ୍‌ଗଧାରିଣୀ ମା' ଭଦ୍ରକାଳୀ ମହାକାଳୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପୃଥିବୀ ପୃଷ୍ଠରେ ସତ୍ୟ, ଧର୍ମର ପ୍ରତିଷ୍ଠା ଓ ଭକ୍ତମାନଙ୍କ ସୁରକ୍ଷା ପାଇଁ ମା' ମହାକାଳୀ ବେଶ ଧାରଣ କରିଛନ୍ତି। ସୋମବାର ମଧ୍ୟାହ୍ନ ୧୨ଟାରେ ସାଳନ୍ଦୀ ନଦୀର ଆହାରପଦା ଘାଟରୁ ମାନସିକଧାରୀ ମହିଳାମାନେ କଳସ ବୁଡ଼ାଇ ଶୋଭାଯାତ୍ରାରେ ଆସି ମା'ଙ୍କ ପୀଠରେ ପହଞ୍ଚି ଘଟ ସ୍ଥାପନ କରିଥିଲେ। ପୂଜକମାନଙ୍କ ଦ୍ୱାରା ଶୁଭାଧିବାସ ପରେ ବିଧି ଅନୁଯାୟୀ ପୂଜାକାର୍ଯ୍ୟ ଓ ଯଜ୍ଞ ଆରମ୍ଭ ହୋଇଥିଲା।



ମା' ଭଦ୍ରକାଳୀ ସୋମବାର ବେଦମାତା ଓ ମଙ୍ଗଳବାର ମହାକାଳୀ ବେଶରେ ଦର୍ଶନ ଦେଇଛନ୍ତି।

# ଭଦ୍ରକ କାଳୀପୂଜା: ପ୍ରଥମ ଦିନରୁ ଭିଡ଼

ଭଦ୍ରକ,୨୧।୧୦(ସନାତନ ରାଉତ)



ଭଦ୍ରକର ଗଣପର୍ବ କାଳୀପୂଜା ପାଇଁ ଚରମ୍ପା ଉତ୍ସବମୁଖର ହୋଇଛି। ଭଦ୍ରକ ସହରର ଡାହାଣୀଗଡ଼ିଆ ଛକଠାରୁ ଚରମ୍ପା ଷ୍ଟେଶନ ବଜାର ଓ ଏରେଇଁ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଚରମ୍ପା ବଜାର ଆଲୋକମାଳାରେ ଝଲସୁଛି। ଷ୍ଟେଶନ ବଜାର, ପଥରକାଳୀ, ଡଗରାସାହି ଓ ଆର୍‌ସିବିଏଲ୍ ସ୍କୁଲ ରୋଡ୍ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଚରମ୍ପାଠାରେ ଜଣେ ଦକ୍ଷିଣ ଭାରତୀୟ ରେଳ କର୍ମଚାରୀଙ୍କ ଘରୋଇ ପୂଜା ଏବେ ଗଣପର୍ବର ରୂପ ନେଇସାରିଛି। କାଳୀପୂଜାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ଜିଲା ଏବଂ ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ମେଳା ବୁଲିବାକୁ ଆସିଥାନ୍ତି। ସୋମବାର ରାତିରେ କଳସ ସ୍ଥାପନ କରି ନୀତି ଅନୁସାରେ ପୂଜା ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ହିଁ ମଙ୍ଗଳବାର ଅପରାହ୍ନରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

ଚରମ୍ପା ବଜାରର ସ୍କୁଲ ରୋଡ୍ ପୂଜା କମିଟି ପକ୍ଷରୁ ଆର୍‌ସିବିଏଲ୍ ସ୍କୁଲ ପରିସର, ନବଗ୍ରହ ମନ୍ଦିର ରୋଡ୍, ଏରେଇଁ, ପିଡବ୍ଲ୍ୟୁ, ଡଗରାସାହି, ପଥରଆଡ଼ି କାଳୀପୂଜା କମିଟି, ପାଟଣାସାହି, ଓଏସ୍‌ଆର୍‌ଟିସି, ଟ୍ରାଫିକ୍ ରେଲୱେ ୯ଟି ମଣ୍ଡପ ଓ ଭଦ୍ରକ ସହରର ରାଜଘାଟ ପୋଲ ନିକଟରେ ମୋଟ ୧୦ଟି ମଣ୍ଡପରେ ମା' ପୂଜା ପାଉଛନ୍ତି। ପିଡବ୍ଲ୍ୟୁ ପୂଜା କମିଟିର ସଭାପତି ରବି ରାଘବା ତେଜା ଓ ସମ୍ପାଦକ ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଚଳିତବର୍ଷ ପୂଜା ୧୦୨ ବର୍ଷରେ ପହଞ୍ଚିଥିବା ବେଳେ ପଥରକାଳୀ ସ୍ଥାୟୀ ମଣ୍ଡପରେ ସଭାପତି ବସନ୍ତ କୁମାର ବେହେରା, ସମ୍ପାଦକ ପ୍ରସନ୍ନ କୁମାର ରାଉତଙ୍କ ନେତୃତ୍ୱରେ ୧୦୦ ବର୍ଷରେ ପଦାର୍ପଣ କରିଛି। ସେହିପରି ଟ୍ରାଫିକ ରେଲୱେ ମଣ୍ଡପରେ ପୂଜା ୯୮ ବର୍ଷରେ ପହଞ୍ଚିଛି। ସ୍କୁଲ ରୋଡ୍ ପୂଜା ମଣ୍ଡପରେ ପୂଜା ଏଥର ୫୬ ବର୍ଷରେ ପହଞ୍ଚିଥିବା ବେଳେ ସଭାପତି କଲ୍ଲୋଳ କୁମାର ଲେଙ୍କା ଓ ସମ୍ପାଦକ ମଦନ ମୋହନ ମହାନ୍ତିଙ୍କ ନେତୃତ୍ୱ ନେଇଛନ୍ତି। ବିଭିନ୍ନ ପୂଜା ମଣ୍ଡପରେ ସୁଉଚ୍ଚ ତୋରଣ ବେଶ୍ ଆକର୍ଷଣୀୟ ହୋଇଛି। ୯ ଦିନ ଧରି ଏହି ପୂଜା ହେବାକୁ ଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୀତିନାଟ୍ୟ, ନୃତ୍ୟ ସଙ୍ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ସନ୍ଧ୍ୟାରେ ଅନୁଷ୍ଠିତ ହେବ। ମୀନାବଜାର ସାଙ୍ଗକୁ ବିଭିନ୍ନ ଘରକରଣା ଜିନିଷ, ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ୍ ଓ

## ୧୦ ମଣ୍ଡପରେ ପୂଜା ପାଉଛନ୍ତି ମା'

ମନୋହରି ଦୋକାନ ଖୋଲିଗଲାଣି। ରାଜ୍ୟ ଓ ରାଜ୍ୟ ବାହାରୁ ବ୍ୟବସାୟୀମାନେ ଏଠାରେ ଦୋକାନ ଖୋଲିଛନ୍ତି।

**ପାର୍ଶ୍ୱମୂର୍ତ୍ତିରେ ସଚେତନତା ଓ ପୌରାଣିକ କିମ୍ବଦନ୍ତୀ**

ବିଭିନ୍ନ ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ପୌରାଣିକ କିମ୍ବଦନ୍ତୀକୁ ନେଇ ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇଛି। କେତେକ ମଣ୍ଡପରେ ସମ୍ପ୍ରତି ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀକୁ ନେଇ ଜନସମାଜକୁ ସଚେତନତା ବାର୍ତ୍ତା ଦିଆଯାଉଛି। ସମାଜରେ ଏବେ ପୁଅବୋହୂମାନେ ମା' ବାପାଙ୍କ ଦାୟିତ୍ୱ ନ ନେଇ ବୃଦ୍ଧାଶ୍ରମରେ ଛାଡ଼ି ଦେଉଛନ୍ତି। ପଥରକାଳୀ ପୂଜା ମଣ୍ଡପରେ ବାରୁଆଳି ମାଧ୍ୟମରେ ସମାଜରେ ପ୍ରଚଳିତ ଏହି ଘଟଣାରେ ଯୁବବର୍ଗଙ୍କୁ ସଚେତନ କରାଯାଉଛି।

# ରୋଭର୍ସ କ୍ଲବ୍‌ର ବାର୍ଷିକ ସମାରୋହ

**ପୁରୁଖା ଫୁଟ୍‌ବଲ୍ ଖେଳାଳି ଗୁଲ ମହମ୍ମଦଙ୍କୁ ସମ୍ବର୍ଦ୍ଧନା**

ଭଦ୍ରକ,୨୧।୧୦(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ରୋଭର୍ସ କ୍ଲବ୍‌ର ୬୫ତମ ବାର୍ଷିକ ସମାରୋହ ସୋମବାର ସନ୍ଧ୍ୟାରେ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ହାଜି ଅବଦୁଲ କାସିମ ଖାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ପୌରାଧକ୍ଷା ଗୁଲମକ୍କୀ ଦଲୱାଜି ହବିବ, ପୁରୁଣାବଜାର ଥାନାଧିକାରୀ ସୁଶାନ୍ତ କୁମାର ସାହୁ, ଫେଲୋସିପ ଅଧକ୍ଷ ଏସ୍.ଏମ୍. ଫାରୁକ, ଜିଲା ବରିଷ୍ଠ ନାଗରିକ ସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାଶ ମହାପାତ୍ର, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ନେତ୍ରୀ ଅମିତାବାଳା ଆଚାର୍ଯ୍ୟ, ମୁସଲିମ୍ ଜମାତର ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ରବି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସୁଧାକର ରାଉତ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ କବି ମାଷ୍ଟର ମୁସ୍ତାକ ଗୌହର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ଏହି ଅବସରରେ ପୂର୍ବତନ ଏମ୍‌ପି ମଣ୍ଡଳଙ୍କ ଅନୁଦାନରେ ନିର୍ମିତ କ୍ଲବ୍ ଗୃହର ଉପର ମହଲାକୁ ସେ ନିଜେ ଉଦ୍‌ଘାଟନ କରିଥିଲେ। କ୍ଲବର ପୁରୁଖା ଫୁଟବଲ୍ ଖେଳାଳି ଶେଖ୍ ଗୁଲ ମହମ୍ମଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସମ୍ପାଦକ ହରିପ୍ରସାଦ ନନ୍ଦୀ ବିବରଣୀ ପାଠ କରିଥିଲେ। ଉପସଭାପତି ଦିଲୀପ ସିହ୍ନା, ସହସମ୍ପାଦକ ସହିଲ ଅହେମଦ, ମହେବୁବ ଖାନ, କୋଷାଧକ୍ଷ ହାଜି ଅବୁ ହୋସେନ, ମିର୍ଜା ଇଜାଜ ବେଗ, ଶେଖ ଫାରୁକ, ମିର୍ଜା ଫରୟାଦ ବେଗ, ଶେଖ ନାଶିର ଅଲି, ସଲିମ ଖାନ, ଶେଖ ଜୁଲଫୁକର, ସୈୟଦ କେତାବ ଅଲ୍ଲୀ, ଦିଲାୱାର ଅଲ୍ଲୀ, ମୀର ମହମ୍ମଦ ସମିର ପ୍ରମୁଖ ଉପସ୍ଥିତ ଥିଲେ।


ରୋଭର୍ସ କ୍ଲବର ଉପର ମହଲାକୁ ଉଦ୍‌ଘାଟନ କରାଯାଉଛି।

# ଟ୍ରକ୍ ଧକ୍କାରେ ୫ ଗୋରୁ ମୃତ

**ଗୋ ସୁରକ୍ଷା ବାହିନୀର ରାସ୍ତାରୋକୋ**

ବାସୁଦେବପୁର,୨୧।୧୦(କାଳିପଦ ରାୟ)


ବାସୁଦେବପୁର ବ୍ଲକର ବାଲିମୁଣ୍ଡାଠାରେ ସୋମବାର ସକାଳେ ଏକ ଟ୍ରକ୍ ଧକ୍କାରେ ୫ ଗୋରୁଙ୍କ ମୃତ୍ୟୁ ଘଟିଛି। ଜାମଖାଡ଼ି-ଧାମରା ରାସ୍ତାରେ ଏହି ଦୁର୍ଘଟଣା ଘଟିଥିବା ବେଳେ ସେଥିମଧ୍ୟରେ ୩ ଗାଈ ଓ ୨ ଷଣ୍ଢ ଥିଲା। ଏହି ଘଟଣାକୁ ନେଇ ଗୋ ସୁରକ୍ଷା ବାହିନୀ ଓ ସ୍ଥାନୀୟ ଲୋକେ ବାଲିମୁଣ୍ଡା ବଜାରଠାରେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ବସ୍, ଟ୍ରକ୍ ଅଟକି ରହିଥିଲା। ଖବରପାଇ ନାୟକାଣିଡିହୀ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, ଏଏସ୍‌ଆଇ ଅନୀଲ ସେଠୀ, ଚୁନୁରାମ ମୁର୍ମୁ ଓ ସତ୍ୟଜିତ ମହାପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିଲା। ଗୋ ସୁରକ୍ଷା ପାଇଁ ଜାମଖାଡ଼ିରୁ ଧାମରା ରାସ୍ତାରେ ସ୍ପିଡ୍‌ବ୍ରେକର ଲଗାଇବା, ରାସ୍ତାରେ ବୁଲୁଥିବା ଗୋମାତା ଓ ଷଣ୍ଢଙ୍କ ପାଇଁ ଗୋଶାଳା ନିର୍ମାଣ, ଗାଡ଼ି ଧକ୍କାରେ ଆହତ ଗୋମାତାଙ୍କ ଚିକିତ୍ସା ବ୍ୟବସ୍ଥା, ସଡ଼କ ଦୁର୍ଘଟଣାରେ ମୃତ ଗୋରୁଙ୍କ ସତ୍କାର ଲାଗି ପାଣ୍ଠି ବ୍ୟବସ୍ଥା କରାଯିବା ଆଦି ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଥାନାଧିକାରିଣୀ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ପୋଲିସ ମୃତ ଗୋରୁଙ୍କୁ ଗାଡ଼ିରେ ନେଇ ସତ୍କାର କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।


# ବାଛୁରୀ ସହ ଯୌନକ୍ରିୟା, ଯୁବକ ଗିରଫ

ବାସୁଦେବପୁର,୨୧।୧୦(ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)

ବାସୁଦେବପୁର ବ୍ଲକର ବିଦେଇପୁର ଗ୍ରାମରେ ଏକ ବାଛୁରୀ ସହ ଅପ୍ରାକୃତ ଯୌନସମ୍ପର୍କ ରଖି ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ବାସୁଦେବପୁର ପୌରାଞ୍ଚଳ ଶାବରପୁରର ସେକ ରାଜନ(୨୦)। ସୂଚନା ଅନୁଯାୟୀ, ସେ ବିଦେଇପୁରର ଏକ ୱେଲ୍ଡିଂ ଦୋକାନରେ କାମ କରୁଥିଲେ। ଶନିବାର ଦୋକାନ ନିକଟ ବାଡ଼ିରେ ବନ୍ଧା ହୋଇଥିବା ଏକ ବାଛୁରୀକୁ ନିକଟସ୍ଥ ପରିତ୍ୟକ୍ତ ଗୃହ ଭିତରକୁ ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ବାଛୁରୀ ମାଲିକ ପହଞ୍ଚି ରାଜନଙ୍କୁ ଧରିବା ପରେ ଗ୍ରାମର ଯୁବକମାନେ ତାଙ୍କୁ ବାନ୍ଧି କଷିଆ ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ସାବିତ୍ରୀ ପଣ୍ଡା ପହଞ୍ଚି ରାଜନଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୧୪୭/୨୫) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

# ବିଭିନ୍ନ ସ୍ଥାନରେ ମା'ଙ୍କୁ ପୂଜାର୍ଚ୍ଚନା


ଭଗବାନପୁର ବଜାରରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟ ମୂର୍ତ୍ତି।


ଦୋବଲ କାଳୀ ବଜାରରେ ପୂଜା ପାଉଛନ୍ତି ଶ୍ୟାମାକାଳୀ।

ଧାମନଗର,୨୧।୧୦(ଦେବେନ୍ଦ୍ର ଆଢ଼ିଆ/ ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳର ବିଭିନ୍ନ ସ୍ଥାନରେ ପୂଜା ପାଉଛନ୍ତି ମା' କାଳୀ। ଦୋବଲସ୍ଥିତ ମା' ଶ୍ୟାମାକାଳୀଙ୍କ ପୂଜା ଏଥର ୫୮ ବର୍ଷରେ ପହଞ୍ଚିଛି। ସୋମବାର ବିଳମ୍ବିତ ରାତିରେ ପୂଜା ମଣ୍ଡପରେ ଘଟ ସ୍ଥାପନ ପରେ ଯଥା ରୀତିନୀତିରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ମନୋରଞ୍ଜନ କର ଜଳଘଟ ଉତ୍ତୋଳନ କରି ମଣ୍ଡପରେ ସ୍ଥାପନ କରିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପୂଜକ ଭାବେ ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଭାଗବତ ତ୍ରିପାଠୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ସାତଦିନ ଧରି ପୂଜା ଚାଲିବ। ସନ୍ଧ୍ୟାରେ ଭଜନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକସଜ୍ଜା ଦର୍ଶକଙ୍କୁ ବାନ୍ଧି ରଖୁଛି। ସେହିପରି ଭଗବାନପୁର, ଦଳାଙ୍ଗ ପଞ୍ଚାୟତ, ଜାହାଙ୍ଗିର ଓ ଗୋବିନ୍ଦପୁର ବଜାରରେ ମଧ୍ୟ ମା' ଶ୍ୟାମାକାଳୀଙ୍କୁ ପୂଜା କରାଯାଉଛି। ବ୍ରାହ୍ମଣପାଳସ୍ଥିତ ମା' ଦକ୍ଷିଣକାଳୀଙ୍କ ପାଖରେ ବହୁ ଲୋକଙ୍କ ସମାଗମ ହେଉଥିବା ବେଳେ ସାଜସଜ୍ଜା ବେଶ୍ ଆକର୍ଷଣୀୟ ହୋଇଛି। ସନ୍ଧ୍ୟାରେ ଆଳତି ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଧାମନଗର ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଧାମନଗର ବଡ଼ ବଜାର, ଅସୁରାଳି, ବମକୁରା, ଭଗବାନପୁର, ବ୍ଲକବଜାର ଆଦି ବିଭିନ୍ନ ସ୍ଥାନରେ ମା' କାଳୀଙ୍କ ମୃଣ୍ମୟ ପ୍ରତିମା ନିର୍ମାଣ କରାଯାଇ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ଚାଲିଛି।

# ନୈବେଦ୍ୟ ଭାବେ ଅର୍ପଣ ହୁଏ ପୋଡ଼ାମାଛ


ବାରବାଟିଆ ପୂଜା ମଣ୍ଡପ।

## ବାରବାଟିଆରେ ମା' ଶ୍ୟାମାକାଳୀଙ୍କ ନିଆରା ପରମ୍ପରା

ତିହିଡ଼ି,୨୧।୧୦(ସଞ୍ଜିତ ବଳ)

ମା'ଙ୍କ ଆବାହନ ପରଠାରୁ ବିସର୍ଜନ ପର୍ଯ୍ୟନ୍ତ ପୋଡ଼ାମାଛ ନୈବେଦ୍ୟ ଭାବେ ଅର୍ପଣ କରାଯାଇଥାଏ। ପ୍ରତିଦିନ ମଧ୍ୟାହ୍ନରେ ମା'ଙ୍କୁ ଏହା ଅର୍ପଣ କରାଯାଉଥିବା ବେଳେ ଶ୍ରଦ୍ଧାଳୁମାନେ ମଧ୍ୟ ଆମିଷ ଭୋଜନ କରିଥାନ୍ତି। ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ହରସିଂହପୁର ପଞ୍ଚାୟତର ବାରବାଟିଆଠାରେ ପୂଜା ପାଉଥିବା ମା' ଶ୍ୟାମାକାଳୀଙ୍କର ଏହି ନିଆରା ପରମ୍ପରା ଦୀର୍ଘ ୭୬ବର୍ଷ ହେଲା ରହିଆସିଛି। ଚଳିତବର୍ଷ ମା'ଙ୍କ ମୃଣ୍ମୟ ମୂର୍ତ୍ତି, ସୁସଜ୍ଜିତ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳା ପୂଜା ମଣ୍ଡପର ଶୋଭାବର୍ଦ୍ଧନ କରୁଛି। ୧୯୪୯ରେ ସ୍ଥାନୀୟ ଅଧିବାସୀଙ୍କ ଉଦ୍ୟମରେ ଏକ ଛପର ଘରେ ଏହି ପୂଜା ଆରମ୍ଭ ହୋଇଥିଲା। ସେବେଠାରୁ ମା'ଙ୍କ ନିକଟରେ ଆମିଷ ଭୋଗ ଓ ପୋଡ଼ାମାଛ ନୈବେଦ୍ୟ ଭାବେ ଅର୍ପଣର ପରମ୍ପରା ରହିଛି। ପୂଜା ଆରମ୍ଭ ଦିନ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଅନ୍ନ ସହ ଆମିଷ ଭୋଜନ କରିଥାନ୍ତି। ଏହାବ୍ୟତୀତ ପ୍ରତିଦିନ ମାନସିକଧାରୀମାନେ ପାଳି କରି ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ଭୋଜନ ପ୍ରଦାନ କରିଥାନ୍ତି। ଚଳିତବର୍ଷ କର୍ତ୍ତା ଭାବେ ଭାଗୀରଥି ମହାନ୍ତି ଏବଂ ପୂଜକ ଭାବେ ଶ୍ୟାମସୁନ୍ଦର ମିଶ୍ର, ରଶ୍ମିରଞ୍ଜନ ମିଶ୍ର ଓ ବିଶ୍ୱରଞ୍ଜନ ମିଶ୍ର ପୂଜାକାର୍ଯ୍ୟ ତୁଲାଉଛନ୍ତି। ପୂଜା କମିଟିର ସଭାପତି ଅଭୟ କର, ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି, ହରସିଂହପୁର ସରପଞ୍ଚ ଅଜୟ ମହାନ୍ତି, ବାମନବିନ୍ଧା ସରପଞ୍ଚ ମଧୁସ୍ମିତା ସେଠୀ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ, ଅମର ଦାସ, ମନମୋହନ ରାଉତ, କୃତ୍ତିବାସ ସାହୁ, ପ୍ରକାଶ ପାଢ଼ୀ, ଶରତ ପାଢ଼ୀ, ଗଙ୍ଗାଧର ପାଣ୍ଡବ, ପ୍ରହ୍ଲାଦ ମହାକୁଡ଼, ଦୁର୍ଯ୍ୟୋଧନ ବାରିକ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।

# ବ୍ରାହ୍ମଣପାଳର ପ୍ରତ୍ୟକ୍ଷଦେବୀ ଦକ୍ଷିଣକାଳୀ

ଧୁଷୁରୀ, ୨୧।୧୦
(ଦୀପ୍ତିରଞ୍ଜନ ନାୟକ)

କାଳୀପୂଜା ଅବସରରେ ଧାମନଗର ବ୍ଲକ ଭଇସାହି ପଞ୍ଚାୟତ ଅଧୀନ ବ୍ରାହ୍ମଣପାଳର ଦକ୍ଷିଣକାଳୀ ପୀଠରେ ମା'ଙ୍କ ପୂଜା ଆରମ୍ଭ ହୋଇଛି। ଏଠାରେ ୮ ଦିନ ଧରି ପୂଜା ଚାଲିବ। ୧୫୩୯ଠାରୁ ଏଠାରେ ମା' ବିରାଜମାନ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ଦେବୀ ମା' ଦକ୍ଷିଣକାଳୀଙ୍କ ମହିମା ଅପାର। କେବଳ ଭଦ୍ରକ ଜିଲା ନୁହେଁ ପଡ଼ୋଶୀ ଯାଜପୁର, ବାଲେଶ୍ୱର, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲାରୁ ବହୁ ଶ୍ରଦ୍ଧାଳୁ ଏହି ପୀଠକୁ ଛୁଟି ଆସନ୍ତି। ମନସ୍କାମନା ପୂର୍ଣ୍ଣ ହେବାରୁ ସୁଦୂର ଅଞ୍ଚଳର ଜଣେ ଭକ୍ତ ଚଳିତବର୍ଷ ପ୍ରାୟ ୫ ଲକ୍ଷ ମୂଲ୍ୟର ଏକ ଚାନ୍ଦି ମୁକୁଟ ପ୍ରଦାନ କରିଛନ୍ତି।

ଏବେକାର ମୁଖ୍ୟ ପୂଜକ ନିଜ ପୂର୍ବପୁରୁଷଙ୍କ ନିସୃତ ବାଣୀକୁ ମନେ ରଖିଥିବା କଥା କହନ୍ତି, ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗରେ ଯାଜପୁର ଅଞ୍ଚଳର ଜଣେ ଜମିଦାର ଜଣେ ଭାରୁଆଙ୍କ ସାହାଯ୍ୟରେ ସ୍ୱର୍ଣ୍ଣ ମୁଦ୍ରା ନେଇ ନିଜ ବାସସ୍ଥାନକୁ ଆସୁଥିଲେ। ବାଟରେ ଚୋର କିମ୍ବା ଡକାୟତଙ୍କ ହାବୁଡ଼ରୁ ରକ୍ଷା ପାଇବା ନିମନ୍ତେ କୋଲକାତାରେ ପୂଜା ପାଉଥିବା



ମା' କାଳୀଙ୍କୁ ପ୍ରାର୍ଥନା କରିଥିଲେ। ମା' ସେହି ଜମିଦାରଙ୍କୁ ସ୍ୱପ୍ନରେ କହିଥିଲେ କିଛି ଭୟ କରିବାର ନାହିଁ। ତୁମ ପଛେ ପଛେ ମୁଁ ଯିବି। ଆଉ ମନେରଖ ମୋର ନୂପୁର ଶବ୍ଦ ଶୁଣି ତୁମେ ବାଟ ଚାଲୁଥିବ। କେବେବି ପଛକୁ ଚାହିଁବ ନାହିଁ। ସତକୁ ସତ ବାଟରେ ଗଲାବେଳେ ନୂପୁରର ରୁଣୁଝୁଣୁ ଶବ୍ଦ ଶୁଭିବାକୁ ଲାଗିଥିଲା। ଜମିଦାର ଓ ଭାରୁଆ ଆଗକୁ ଚାଲୁଥାନ୍ତି। ହଠାତ୍ ଏବେକାର ପୂଜା ସ୍ଥାନରେ ନୂପୁର ଶବ୍ଦ ଆଉ ଶୁଭି ନ ଥିଲା। ଜମିଦାର କିଛି ଆଶଙ୍କା କରି ପଛକୁ ଚାହିଁ ଦେଇଥିଲେ। ହଠାତ୍ ଶୂନ୍ୟବାଣୀ ହୋଇଥିଲା ଯେ ରାତି ପାହିଲେ ଯାହା ଦେଖିବ, ତାକୁ ଏଠାରେ ରଖି ପୂଜା କରିବ। ଜମିଦାର ଉକ୍ତ ସ୍ଥାନରେ ଏକ ବାଉଁଶ ପୋତି ନିଜ ଘରକୁ ଯାଇଥିଲେ। ତାଙ୍କ ସ୍ତ୍ରୀଙ୍କୁ ସବୁକଥା କହିଥିଲେ। ଉଭୟ ପରଦିନ ସେଠାକୁ ଆସି ମା'ଙ୍କର ଏକ ବିଗ୍ରହ ପଡ଼ିଥିବା ଦେଖିଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ପୂଜା ହୋଇଆସୁଛି।

ପ୍ରତିଦିନ ମା'ଙ୍କ ପାଖରେ ଖଜା, ଜିଲାପି, ପୁରି, କାକରା ଭୋଗ ହୋଇଥାଏ। ପ୍ରତି ଅମାବାସ୍ୟାରେ ଏଠାରେ ଆମିଷ ଭୋଗ ଦିଆଯାଏ। ଚିଙ୍ଗୁଡ଼ି ମା'ଙ୍କର ପ୍ରିୟ ଖାଦ୍ୟ ବୋଲି ଏଠାକାର ବାସିନ୍ଦା ସିଦ୍ଧାର୍ଥ ଶଙ୍କର ମିଶ୍ର କହନ୍ତି। କାଳୀପୂଜା କମିଟି ସଭାପତି ମାନସ ରଞ୍ଜନ ନାୟକ କହନ୍ତି, ମା' ସିନା ଏଠାରେ ଭୈରବୀ ରୂପ ଧାରଣ କରିଛନ୍ତି, ପ୍ରକୃତରେ ଶାନ୍ତ ଓ ସରଳ। ମା' ବାଳିକା ରୂପ ଧାରଣ କରି ଖରାବେଳେ ଏଠାରେ ପିଲାଙ୍କ ପରି ଖେଳନ୍ତି। କମିଟି ସମ୍ପାଦକ ହେମନ୍ତ ସୂତାର କହନ୍ତି, ମା' ମାନବୀ ପରି ଶଙ୍ଖାରୀଙ୍କୁ ଶଙ୍ଖା ସିନ୍ଦୂର ମାଗନ୍ତି। ଅଞ୍ଚଳ ପ୍ରତି ବିପଦ ପଡ଼ିବା ଆଗରୁ ସେ ସତର୍କ କରି ଦିଅନ୍ତି। ପ୍ରତିଦିନ ଗଭୀର ରାତିରେ ଏଠାରେ ଶଙ୍ଖାର ଝମ୍‌ଝମ୍ ଶବ୍ଦ ଶୁଣାଯାଏ। ଏଥିସହ ଝୁଣା ଓ ଧୂପର ସୁଗନ୍ଧ ମଧ୍ୟ ମହକି ଆସେ ବୋଲି ଅନୁଷ୍ଠାନର କୋଷାଧକ୍ଷ ହରିହର ବେହେରା କହନ୍ତି।

**ସଂକ୍ଷେପରେ**

## ବାଣ ନିଆଁରୁ ଅଗ୍ନିକାଣ୍ଡ: ଜଳିଗଲା ୨ ବଖରା

ସୋର, ୨୧।୧୦(ଜନ୍ମେଜୟ ମିଶ୍ର)

ସୋର ପୌରପାଳିକା ଅନ୍ତର୍ଗତ ସନ୍ତସରପୁର ଗ୍ରାମରେ ସୋମବାର ଦୀପାବଳି ଅବସରରେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୧୦ଟି ଗୋରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୀପାବଳି ପାଇଁ ସରକାରଙ୍କ ପକ୍ଷରୁ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ନିର୍ଦ୍ଦେଶ ଥିବା ବେଳେ ସୋରରେ ପ୍ରଶାସନର ଅବହେଳା ପାଇଁ ଲୋକେ ରାତି ୧୧ଟା ପର୍ଯ୍ୟନ୍ତ ବାଣ ଫୁଟାଇଥିବା ଜଣାପଡିଛି। ରାତି ୧୦ଟାରେ ସୋର ପୌରପାଳିକା ଅଧୀନ ୧୪ନମ୍ବର ୱାର୍ଡ ସନ୍ତସରପୁର ଗ୍ରାମର ଜୟନ୍ତ କୁମାର ଭୋଇଙ୍କ ଚାଳ ଘରେ ବାଣ ନିଆଁ ପଡିବାରୁ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ଗୁହାଳ ଘରୁ ୧୦ଟି ଗୋରୁଙ୍କୁ ଫିଟାଇଦେଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର ଗୋଟିଏ ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ସବୁ ପୋଡ଼ି ଯାଇଥିଲା। ଜୟନ୍ତ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବାଲେଶ୍ୱରରେ ଜଳିଗଲା ୨ ବଖରା

ବାଲେଶ୍ୱର, ୨୧।୧୦(ବାଞ୍ଛାନିଧି ଦେ)

ଦୀପାବଳି ଓ କାଳିପୂଜା ଅବସରରେ ସୋମବାର ବାଣ ନିଆଁରେ ୨ ବଖରା ଘର ଓ ଏକ ଗୋଦାମ ଘର ଜଳିଯାଇଛି। ଏକ ରକେଟ୍‌ର ଝୁଲ ନିଆଁ ପଡ଼ି ବାଲେଶ୍ୱର ସହର ଆଜିମାବାଦ ନିକଟରେ ଥିବା ଏକ ମେସିନାରୀ ଷ୍ଟୋର୍‌ର ଗୋଦାମ ଘରେ ନିଆଁ ଲାଗିଥିଲା। ଗୋଦାମ ଘରେ ଥିବା କାର୍ଟୁନ୍ ଓ ଘରର କବାଟ ଜଳିଯାଇଥିବା ଦେଖିବାକୁ ମିଳିଥିଲା। ଖବରପାଇ ବାଲେଶ୍ୱର ଦମକଳ ବାହିନୀ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇଥିଲା। ସେହିପରି ବାଣ ନିଆଁରେ ବଡ଼ବଇଞ୍ଚା ଗ୍ରାମର ଲକ୍ଷ୍ମଣ ପାଣିଗ୍ରାହୀଙ୍କ ୨ବଖରା ଘର ଜଳିଯାଇଥିଲା। ଘର ପାଖରେ ବାଣଫୁଟା ଯାଉଥିବା ସମୟରେ ନିଆଁ ଛିଟିକି ଚାଳ ଛପର ଉପରେ ପଡ଼ିଥିଲା। ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଭସ୍ମୀଭୂତ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଓ ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ଘରର ଆସବାବପତ୍ର ଓ ଘରକରଣା ସାମଗ୍ରୀ ପୋଡ଼ିଯାଇଥିଲା।

## ଶତାୟୁଙ୍କ ପରଲୋକ

ନୀଳଗିରି, ୨୧।୧୦(ପ୍ରଶାନ୍ତ ବିଶ୍ୱାଳ)



ନୀଳଗିରି ବ୍ଲକ ସଜନାଗଡ ପଞ୍ଚାୟତ ରାଜେନ୍ଦ୍ରପୁର ଗ୍ରାମର ଶତାୟୁ ବୃଦ୍ଧ ହଗୁର ଦାସ (୧୦୮)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ବୟସାନୁଭିତ୍ତିକ ବାର୍ଦ୍ଧକ୍ୟଜନିତ ରୋଗରେ ଶଯ୍ୟାଶାୟୀ ଥିଲେ। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡ ପୁଅ ପୂର୍ଣ୍ଣଚନ୍ଦ୍ର ଦାସ ଓ ସାନ ପୁଅ ଭଗବାନ ଦାସ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ ଓ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଖବର ପାଇ ରାଜେନ୍ଦ୍ରପୁରସ୍ଥିତ ବାସଭବନରେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଶେଷଦର୍ଶନ କରିବା ସହ ତାଙ୍କ ଶବାଧାରରେ ମାଲ୍ୟାର୍ପଣ କରିଥିଲେ। ସେହିପରି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଅଧ୍ୟାପକ ତ୍ରିଲୋଚନ ବାରିକ, ବନମାଳୀ ବିଶ୍ୱାଳ, ଉପେନ୍ଦ୍ର ନାୟକ, ସଞ୍ଜୟ ନାୟକ, ବିଜୟ ବେହେରା, ଦିପୁ ବାଗ ପ୍ରମୁଖ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷଦର୍ଶନ କରିଥିଲେ।

# ୫୭ ବର୍ଷରେ ମା' ଶ୍ୟାମାକାଳୀଙ୍କ ପୂଜା

- ଝଲସୁଛି ପୋଡ଼ାଶୁଳ
- ମୁଖ୍ୟ ଆକର୍ଷଣ ସୀତା ସ୍ୱୟମ୍ବର, ଜମଦଣ୍ଡ ଓ ଗଙ୍ଗାମାତା କୁଞ୍ଜ

ନୀଳଗିରି, ୨୧।୧୦(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ପୋଡ଼ାଶୁଳରେ ଚାଲିଥିବା ମା' ଶ୍ୟାମାକାଳୀଙ୍କ ପୂଜା ୫୭ବର୍ଷରେ ପଦାର୍ପଣ କରିଛି। ରଙ୍ଗୀନ ଆଲୋକରେ ଝଲସୁଛି ପୋଡ଼ାଶୁଳ। ଏକତା ଭାବ ଓ ବନ୍ଧୁବର୍ଗଙ୍କୁ ମନେ ପକାଇବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ପ୍ରଥମେ ପୂଜା ଆରମ୍ଭ ହୋଇଥିଲା। ପ୍ରଥମବର୍ଷ ଏହା ଘଟପୂଜାରୁ ଆରମ୍ଭ ହୋଇଥିଲା। ପରବର୍ଷ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସ ୬୦ଟଙ୍କା ପାରିଶ୍ରମିକ ନେଇ ମା' କାଳୀଙ୍କ ମୂର୍ତ୍ତି ତିଆରି କରିଥିଲେ। ସେହିବର୍ଷ ସ୍ଥାନୀୟ ଜନତାଙ୍କ ସାହାଯ୍ୟରେ ମାତ୍ର ୧୦୦ ଟଙ୍କାରେ ପୂଜା କାର୍ଯ୍ୟ ଶେଷ ହୋଇଥିଲା।



ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୂର୍ତ୍ତି।

ପରେ ଜଗନ୍ନାଥପୁର ଅଞ୍ଚଳର ଅନାଦି ଜେନା ପ୍ରାୟ ୪ ବର୍ଷ ଧରି ମା'ଙ୍କ ମୂର୍ତ୍ତି ତିଆରି କରିଥିଲେ। ତେବେ ସେଦିନ ଶହେ ଟଙ୍କାରୁ ଆରମ୍ଭ ହୋଇଥିବା ପୂଜା ଆଜି ପ୍ରାୟ ୧୨ଲକ୍ଷ ଟଙ୍କାକୁ ଛୁଇଁଲାଣି। ଘଟପୂଜାରୁ ଆରମ୍ଭ ହେବା ପରେ ତାର ପରବର୍ତ୍ତୀ ଅବସ୍ଥାରେ ମା'ଙ୍କ ମୂର୍ତ୍ତି ନିର୍ମାଣ ହୋଇ ପୂଜା ସମାପନ ପରେ ବିସର୍ଜନ ଦିଆଯାଇ ଆସୁଥିଲା। ତେବେ ଦୁଇ ବର୍ଷ ହେବ ସ୍ୱତନ୍ତ୍ର ଏକ ମନ୍ଦିରରେ ମା' ଶ୍ୟାମାକାଳୀଙ୍କ ବିଗ୍ରହ ପ୍ରତିଷ୍ଠା ହୋଇ ପୂଜା କରାଯାଉଛି। ଚଳିତବର୍ଷ ଏହି ପୂଜାର ମୁଖ୍ୟ ଆକର୍ଷଣ ବଜାର ରାସ୍ତାର ଉଭୟପାର୍ଶ୍ୱରେ ନିର୍ମିତ ହୋଇଥିବା ଏବର୍ଷର ସୀତା ସ୍ୱୟମ୍ବର, ଜମଦଣ୍ଡ ଓ ଗଙ୍ଗାମାତା କୁଞ୍ଜଗୁଡିକ ଦେଖିବାକୁ ଲୋକାରଣ୍ୟ ହୋଇପଡ଼ିଛି। ବାଲେଶ୍ୱର, ମୟୂରଭଞ୍ଜ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଭିଡ ଜମୁଛି। ପୋଡ଼ାଶୁଳ କାଳୀପୂଜାର ଅନ୍ୟତମ ବିଶେଷତ୍ୱ ହେଲା ମିନାବଜାର, ଦୋଳି, କଣ୍ଢେଇ ନାଚ, ଭୂତକୋଠି ସହିତ ୩୦୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ବ୍ୟବସାୟୀ ବିକ୍ରିବଟା ପାଇଁ ଜିଲା ଏବଂ ଜିଲା ବାହାରୁ ଆସି ୧୨ଦିନ ପାଇଁ ଏଠାରେ ପସରା ମେଲାଇଥାନ୍ତି। ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାତ୍ରା କମିଟି ପକ୍ଷରୁ ଅପେରା ଜାଜ୍ଞସେନୀ ୨୮ ତାରିଖରୁ ୩୦ ପର୍ଯ୍ୟନ୍ତ ପଡ଼ିବା ନେଇ ବ୍ୟବସ୍ଥା ରହିଛି। ପୋଡ଼ାଶୁଳ କାଳିପୂଜାରେ ଦର୍ଶକଙ୍କ ଭିଡ଼, ଶାନ୍ତିଶୃଙ୍ଖଳା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ପାଇଁ ପୋଡ଼ାଶୁଳ ବଜାର କମିଟି ଓ କାଳୀପୂଜା କମିଟି ମିଳିତ ଭାବେ କାର୍ଯ୍ୟ କରୁଛନ୍ତି।

# କାଳିପଦାରେ ଜମୁଛି କାଳୀପୂଜା

କାଳିପଦା, ୨୧।୧୦
(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅଧୀନ କାଳିପଦା ବଜାରଠାରେ ଥିବା କାଳି ମନ୍ଦିରରେ ମା' କାଳୀଙ୍କର ପୂଜା ସୋମବାର ରାତିରେ ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ବଜାର କମିଟି ସଭାପତି ନିତ୍ୟାନନ୍ଦ ଦାସ ପୂଜାରେ ସଂକଳ୍ପ ହୋଇଥିଲେ। ମୁଖ୍ୟପୂଜକ ସନ୍ତୋଷ କୁମାର ପଣ୍ଡାଙ୍କ ଦ୍ୱାରା ରାତି ପ୍ରାୟ ୧୦ଟା ସମୟରେ ସୁବର୍ଣ୍ଣରେଖା ନଦୀରୁ ଘଟଉତ୍ତୋଳନ କରି ଶହ ଶହ ଶ୍ରଦ୍ଧାଳୁମାନେ ପହଞ୍ଚିଥିଲେ। ପରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ଚଣ୍ଡୀପାଠ, ହୋମଯଜ୍ଞ, ଆରତୀ ପରେ ଭୋର ୫ଟାରେ ମଙ୍ଗଳ ଆଳତି ପରେ ପ୍ରସାଦସେବନ କରାଯାଇଥିଲା।

୫ଦିନ ଧରି ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏବେ ମା'ଙ୍କର ରାଜେରାଜଶ୍ୱରୀ ରୂପ ଦର୍ଶନ ପାଇଁ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ମନ୍ଦିର କମିଟିର ସଦସ୍ୟ ଓ ବଜାର କମିଟି ସଦସ୍ୟମାନେ ଏହି ପୂଜାକୁ ପରିଚାଳନା କରୁଛନ୍ତି। ସେହିପରି ବାଲିଆପାଳ ଗୋପିନାଥ ସୂତାକଳ ପରିସରରେ ଥିବା କାଳୀ ମନ୍ଦିରରେ କାଳୀପୂଜା ସମ୍ପନ୍ନ ହୋଇଛି। ସୂତାକଳର



ପୂଜା ପାଉଥିବା ମା'ଙ୍କ ମୃଣ୍ମୟ ମୂର୍ତ୍ତି।

ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଭରତ ମହାନ୍ତି ସଂକଳ୍ପ ହୋଇଥିଲେ। ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଅଣ୍ଡିଆ, ମୃତ୍ୟୁଞ୍ଜୟ ନାୟକ, ପିତାମ୍ବର ଦାସ, ରାମଚନ୍ଦ୍ର ରାଉତ, ପିତାମ୍ବର ଦାସ, ରାଜକିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣ୍ଡିବେଢ଼ ବଜାର ଉତ୍ସବମୁଖର

ଖଇରା, ୨୧।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ବଜାର କାଳିପୂଜା ପାଇଁ ଉତ୍ସବମୁଖର ହୋଇପଡିଛି। ସୋମବାର ରାତିରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶଙ୍ଖଘଣ୍ଟାର ତାଳେ ତାଳେ ମା' କାଳୀଙ୍କୁ ଆରାଧନା କରାଯାଇଥିଲା। ବଣିକ ସଂଘର ସଭାପତି ଇଂ ରାଜେଶ ମହାକୁଡ, ବ୍ୟବସାୟୀ ନରେନ୍ଦ୍ର ବରାଳ, ପ୍ରତାପ ଚନ୍ଦ୍ର ଗିରିଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା। ପଣ୍ଡିତ ମଧୁସୁଦନ ଆଚାର୍ଯ୍ୟ ଓ ସଦାଶିବ ଆଚାର୍ଯ୍ୟଙ୍କ ଦ୍ୱାରା ମାଙ୍କୁ ଆବାହନ କରାଯାଇଥିଲା। ବଣିକ ସଂଘର ସମସ୍ତ ସଭ୍ୟଙ୍କ ଦ୍ୱାରା ପୂଜା ପରିଚାଳିତ ହେଉଥିବା ବେଳେ ଆଗାମୀ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସଭା, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଥିବା ନେଇ କମିଟି ପକ୍ଷରୁ ପ୍ରକାଶ କରାଯାଇଛି।



ଗଣ୍ଡିବେଡ ମଣ୍ଡପରେ ବିରାଜମାନ ମା' ଖର୍ପରଧାରିଣୀ।

## କୁଣ୍ଡଳୀରେ କାଳୀପୂଜା ଓ ରକ୍ତଦାନ ଶିବିର

ଲଙ୍ଗଳେଶ୍ୱର, ୨୧।୧୦(କମଳାକାନ୍ତ ଦାସ)

ବାଲିଆପାଳ ବ୍ଲକ କୁଣ୍ଡଳୀ ମହାମାୟା ମାର୍କେଟରେ କାଳୀପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରକ୍ତଦାନ ଶିବିର ସାମାଜିକ କର୍ମୀ ଭୀଷ୍ମଚରଣ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଖବରଦାତା ରବିରଞ୍ଜନ ତ୍ରିପାଠୀ ଯୋଗଦେଇ ଶିବରକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ ବନମାଳୀ ସାହୁ, ବରିଷ୍ଠ ପାଲା ଗାୟକ ରାମହରି ଜେନା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାଲେଶ୍ୱର ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି।

# ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଜମି ହେରଫେର

ବାହାନଗା, ୨୧।୧୦(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ତହସିଲ ଗୋପାଳପୁର ପଞ୍ଚାୟତ ଫତେପୁର ଗ୍ରାମର ଜଣେ ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଜମିକୁ ଅନ୍ୟ ନାମରେ କରିଦେବାକୁ ନେଇ ଚର୍ଚ୍ଚାର ବିଷୟ ପାଲଟିଛି। ଗୋପାଳପୁର ପଞ୍ଚାୟତ ଫତେପୁର ଗ୍ରାମର ରାମଚନ୍ଦ୍ର ବାରିକ୍ (୭୨)ଙ୍କ ୧୮୬ ଖତିୟାନରେ ୫୯ ଡିସିମିଲ ମୋଟ୍ ଜମିରେ ମାଗୁଣି ବାରିକଙ୍କ ପୁଅ ରାମଚନ୍ଦ୍ର ବାରିକ ଓ ଅନ୍ୟ ଅଂଶୀଦାର ମୋହନ ବାରିକଙ୍କ ପୁଅ ଲକ୍ଷ୍ମଣ ବାରିକ୍ ଥିଲେ। ସେହି ଜମିକୁ ବାହାନଗା ତହସିଲରେ ଏକ ସଂଶୋଧନ କରାଯିବା ପାଇଁ କେସ୍ ୨୫୪୬/୨୦୨୫ ରେ ଦାଏର କରାଯାଇଥିଲା। ମାତ୍ର ସେ କେସ୍ ବାବଦରେ ରାମଚନ୍ଦ୍ର ବାରିକ କିଛି ଜାଣି ନ ଥିଲେ। ହେଲେ କେସ୍‌ରେ ତାଙ୍କୁ ପକ୍ଷ କରାଯାଇ ନୋଟିସ୍ ନମ୍ବର ୪୭୯୯୦ ଯୋଗେ ୧୬।୧୦।୨୦୨୫ରେ ରାମଚନ୍ଦ୍ରଙ୍କ ନିକଟକୁ ପଠାଯାଇ ଥିଲା। କେସ୍ ଶୁଣାଣି ପାଇଁ ତା୯।୯।୨୦୨୫ ରିଖ ଦିନ ୧୦ଟାରେ ସମୟ ଧାର୍ଯ୍ୟ କରାଯାଇଥିଲା। ତହସିଲ ପକ୍ଷରୁ ସେହି ନୋଟିସ୍‌କୁ ଚାପି ଦେଇ ୧୬ ତାରିଖରେ ପିଅନ ସହିତ ପଠାଯାଇଥିଲା। ଯାହାକି ରାମଚନ୍ଦ୍ର ନୋଟିସ୍ ପାଇବା ପରେ ତହସିଲଦାରଙ୍କୁ ଦେଖା କରିଥିଲେ ମଧ୍ୟ କୌଣସି ସୁଫଳ ପାଇପାରି ନ ଥିଲେ। ରାମଚନ୍ଦ୍ର ନୋଟିସ୍ ପାଇବା ବେଳକୁ ଜମିରେ ତାଙ୍କ ନାମ କଟାଯାଇ ତାଙ୍କୁ ମୃତ ଘୋଷଣା କରାଯାଇ ନିଅଂଶୀ ବୋଲି ଦର୍ଶାଯାଇ ପଟ୍ଟାରେ ଥିବା ଅନ୍ୟ ଅଂଶୀଦାରଙ୍କ ନାମରେ ସବୁ ଜମି କରିଦେଇଛନ୍ତି ବୋଲି ଦେଖିବାକୁ ପାଇଥିଲେ। ୧୮୬ ନମ୍ବର ଖତିୟାନରେ ଥିବା ଅଂଶୀଦାର ଲକ୍ଷ୍ମଣ ବାରିକଙ୍କ ନାମରେ ସବୁ ୫୯ ଡିସିମିଲ ଜମିକୁ କରାଯାଇଛି। ଏହାକୁ ଦେଖି ରାମଚନ୍ଦ୍ର ତୁରନ୍ତ ବାହାନଗା ତହସିଲିଦାରଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇ ନ ଥିଲା। ତାଙ୍କ ଭାଗରେ ଥିବା ଜମିରେ ରାମଚନ୍ଦ୍ର ଚାଷ କରୁଥିଲେ ମଧ୍ୟ ଧାନ କାଟିନେବାର ଧମକଚମକ ଦେଉଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ରାମଚନ୍ଦ୍ର ଗୋପାଳପୁର ଥାନାରେ ଏକ ଅଭିଯୋଗ ଆରଆଇ ଦୀପ୍ତିକାନ୍ତ ମଲ୍ଲିକଙ୍କ ନାମରେ କରିଛନ୍ତି। ଆରଆଇ ବିପକ୍ଷ ଅଂଶୀଦାରଙ୍କଠାରୁ ଟଙ୍କା ନେଇ ବିନା ତଦନ୍ତରେ ଜୀବିତ ବ୍ୟକ୍ତିଙ୍କୁ ମୃତ ଓ ନିଅଂଶୀ ଦର୍ଶାଇ ୧୮୬ ଖତିୟାନରେ ଥିବା ସମସ୍ତ ୫୯ ଡିସିମିଲ ପ୍ଲଟ୍‌କୁ ଲକ୍ଷ୍ମଣଙ୍କ ନାମରେ କରିଦେଇଥିବା ଅଭିଯୋଗ କରିଛନ୍ତି। ଏବାବଦରେ ତହସିଲିଦାର ଶଙ୍କର ପଟ୍ଟନାୟକ କହନ୍ତି ତାହା କିପରି ଭୁଲ୍‌ରେ ହୋଇଯାଇଛି। ଆମେ ସଂଶୋଧନ କରିଦେବୁ। ତେବେ ଆରଆଇ ଦୀପ୍ତିକାନ୍ତ ମଲ୍ଲିକ କହିଛନ୍ତି ଯେ, ଗ୍ରାମର କିଛି ଲୋକ କହିଲେ ସେ ମରିଯାଇଛନ୍ତି। ତାହାକୁ ବେସ୍ କରି ଆମେ କରିଦେଇଥିଲୁ। ରାମଚନ୍ଦ୍ର ନିଜେ ଆସି ଅଭିଯୋଗ କରିବା ପରେ ସବୁ ସ୍ପଷ୍ଟ ହୋଇଯାଇଛି। ବୁଧବାର ନିଶ୍ଚିତ ସଂଶୋଧନ କରିଦେବୁ ବୋଲି ପ୍ରକାଶ କରିଥିଲେ।

# ପୂର୍ବଶତ୍ରୁତାକୁ ନେଇ ଗୁଳିମାଡ଼, ଯୁବକ ଗିରଫ

ନୀଳଗିରି, ୨୧।୧୦(ପ୍ରଶାନ୍ତ ବିଶ୍ୱାଳ)

**ବନ୍ଧୁକ, କଟୁରି ଜବତ**

ବାଲେଶ୍ୱର ଜିଲା ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି ଅଧୀନ ଦ୍ୱାରିକା ଛକଠାରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ସହ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳିଚାଳନା ହୋଇଛି। ଫାଙ୍କା ଗୁଳି ଚଳାଉଥିବା ଯୁବକ ଜଣକ ଗିରଫ ହୋଇଥିବାବେଳେ ଘଟଣାସ୍ଥଳରୁ ପୋଲିସ ବନ୍ଧୁକ ଓ କଟୁରୀ ଜବତ କରିଛି।

ଦ୍ୱାରିକା ଗ୍ରାମର ତାପସ ବାରିକ ଓ ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅସ୍ତିଆ ଛକଠାରେ ଥିବା ଏକ ଗ୍ୟାରେଜ ମାଲିକ ମିଲନ୍ ବାରିକଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଥିଲା। ସୋମବାର ସନ୍ଧ୍ୟା ପ୍ରାୟ ୭ଟା ୩୦ ମିନିଟ୍‌ରେ ତାପସ ଗାଡ଼ିରେ ପ୍ରେସର ଦେବାକୁ ମିଲନଙ୍କ ଗ୍ୟାରେଜକୁ ଆସିଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଗଣ୍ଡଗୋଳ ହୋଇଥିଲା। ଏଥିରେ ତାପସ ଉତ୍ତ୍ୟକ୍ତ ହୋଇ ଫାଙ୍କା ଗୁଳିଚାଳନା



ଗିରଫ ଯୁବକ

କରିଥିଲେ। ପରେ ଗାଁକୁ ଯିବାପରେ ପୁଣି ଗଣ୍ଡଗୋଳ ହୋଇଥିଲା। ମିଲନ୍ ଓ ସ୍ଥାନୀୟ ଅଞ୍ଚଳବାସୀ ଛାନିଆ ହୋଇ ନୀଳଗିରି ଥାନାକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ବିକାଶ କୁମାର ଭୋଇ ଘଟଣାସ୍ଥଳରେ ପହଞ୍ଚି ଗ୍ୟାରେଜ ମାଲିକ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଏହି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ତାପସ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଫାଣ୍ଡି ଅଧିକାରୀ ସମସ୍ତ ଘଟଣା ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କୁ ଜଣାଇବା ପରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଏକ ସାଧା ପୋଷାକଧାରୀ ପୋଲିସ ଟିମ୍ ଉକ୍ତ ରାତିରେ ତାଙ୍କ ଘରେ ଚଢାଉ କରିଥିଲେ। ତାପସଙ୍କୁ ଘର ପାଖରୁ କାବୁ କରାଯିବା ସହିତ ଏକ ବନ୍ଧୁକ ଓ କଟୁରୀକୁ ଜବତ କରାଯାଇଥିଲା। ତାଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ସୂଚନା ମିଳିଛି। ନୀଳଗିରି ଥାନା ପକ୍ଷରୁ ଏକ ମାମଲା (ନଂ. ୪୧୮/୨୫) ରୁଜୁ ହେବା ସହ ମଙ୍ଗଳବାର ପୋଲିସ ତାପସଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଭାଗବତ ଟୁଙ୍ଗି ସମ୍ମୁଖରେ ପଶୁ ଚର୍ବି ଚଷାଖଣ୍ଡରେ ଉତ୍ତେଜନା

ବାଲେଶ୍ୱର, ୨୧।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ଚଷାଖଣ୍ଡ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଗ୍ରାମରେ ଥିବା ଏକ ଭାଗବତ ଟୁଙ୍ଗି ସମ୍ମୁଖରେ ସୋମବାର କୌଣସି ପଶୁର ଚର୍ବି ପଡ଼ିଥିବାର ଦେଖିବାକୁ ମିଳିଥିଲା। ଆନନ୍ଦ ଉଲ୍ଲାସର ସହ ପବିତ୍ର ଦୀପାବଳି ଓ କାଳିପୂଜା ପାଳନ ହେଉଥିବା ବେଳେ ଧାର୍ମିକ ଅନୁଷ୍ଠାନଠାରେ ଅନ୍ୟ ସମ୍ପ୍ରଦାୟର ଲୋକେ ଏହି ଚର୍ବିକୁ ପକାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଆଇଆଇସି ସାଲଖାନ ମୁର୍ମୁ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ଉକ୍ତ ଚର୍ବିକୁ ଜବତ କରି ପରୀକ୍ଷା ପାଇଁ ଲାବ୍‌କୁ ପଠାଯାଇଥିବା ଥାନା ପକ୍ଷରୁ କୁହାଯାଇଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଗାଁରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏସ୍‌ଡିପିଓ ନାୟକ ଉଭୟ ଗୋଷ୍ଠୀର ଭଦ୍ରବ୍ୟକ୍ତିଙ୍କୁ ନେଇ ଶାନ୍ତି ବଜାୟ ରଖିବା ନିମନ୍ତେ ଆଲୋଚନା କରିଥିଲେ।

# ଦୁର୍ଘଟଣାରେ ୫ ଗୋରୁ ମୃତ

**ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ**

ସୋର, ୨୧।୧୦(ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ବାରିକପୁର ହାଟ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକାରେ ୨ଟି ବାଛୁରୀ, ଏକ ଗାଇ ଏବଂ ଏକ ଷଣ୍ଢର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଜଣାପଡିବା ପରେ ସୋମବାର ସକାଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପହଞ୍ଚି ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହାର ସ୍ଥାୟୀ ପ୍ରତିକାର ଦାବି କରାଯାଇଥିଲା। ଦୀର୍ଘ ୪ ଘଣ୍ଟା ଧରି ରାସ୍ତା ଅବରୋଧ କରାଯିବା ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ବାହାନଗା ତହସିଲଦାର ଶଙ୍କର ପଟ୍ଟନାୟକ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ନାୟକ, ସୋର ଥାନାଧିକାରୀ ସୁଦୀପ୍ତ ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଫଳରେ ଦୀର୍ଘ ୪ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା।

# ସେବା ଓ ତ୍ୟାଗ ପୋଲିସର କର୍ତ୍ତବ୍ୟ

ବାଲେଶ୍ୱର, ୨୧।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ପୋଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୋଲିସ ପରେଡ ପଡ଼ିଆରେ ମଙ୍ଗଳବାର ୬୬ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଯୋଗଦେଇ ପତାକା ଉତ୍ତୋଳନ କରି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ସେବା ଓ ତ୍ୟାଗ ହେଉଛି ପୋଲିସର ଦାୟିତ୍ୱ ଓ କର୍ତ୍ତବ୍ୟ। ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଚୀନ ସୈନ୍ୟଙ୍କ ଅତର୍କିତ ଆକ୍ରମଣରେ ଭାରତର ଏକକାଳୀନ ୧୧ଜଣ ସିଆରପିଏଫ୍ ସୈନ୍ୟ ମୃତ୍ୟୁବରଣ କରିଥିଲେ। ଏହାର ସ୍ମୃତିରକ୍ଷା ପାଇଁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ୧୯୬୦ ମସିହାଠାରୁ ପ୍ରତିବର୍ଷ ଏହି ଦିନକୁ ଶହୀଦ ଦିବସ ରୂପେ ପାଳନ କରାଯାଉଛି। ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ ସହ ଅପରାଧ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ବିଭାଗ ଉପରେ ଗୁରୁଦାୟିତ୍ୱ ନ୍ୟସ୍ତ କରାଯାଇଛି। ଆଇନକୁ ବଜାୟ ରଖିବା



ଶହୀଦ ଦିବସରେ ଡିଆଇଜି ଓ ଏସ୍‌ପି ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଏବଂ ସମାଜର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପୋଲିସ ପ୍ରତିବଦ୍ଧ ବୋଲି ସେ ବକ୍ତବ୍ୟରେ କହିଥିଲେ। ବିଭିନ୍ନ ରାଜ୍ୟରେ ଶହୀଦ ହୋଇଥିବା ୧୯୧ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନାମକୁ ଡିଆଇଜି ପାଠ କରିଥିଲେ।

ଏସ୍‌ପି ପ୍ରତ୍ୟୁଷ ଦିବାକର ଏହି ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଡିଆଇଜି ମିଶ୍ର, ଏସ୍‌ପି ଦିବାକରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଗଣ ଶହୀଦ ସ୍ମୃତିପୀଠରେ

**୬୬ତମ ପୋଲିସ ଶହୀଦ ଦିବସ**

ଦେଶ ତଥା ମାତୃଭୂମିର ସୁରକ୍ଷା ଓ ସମ୍ମାନ ପାଇଁ କର୍ମକ୍ଷେତ୍ରରେ ଶହୀଦ ହୋଇଥିବା ବୀରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୋଲିସ ଦ୍ୱାରା ପ୍ରଦର୍ଶିତ ପରେଡ୍‌କୁ ରିଜର୍ଭ ଇନ୍ସପେକ୍ଟର ସଡ଼ାଇ ଶଙ୍କର ଟୁଡୁ ଓ ଭୁପେନ୍ଦ୍ର ନାଥ ତିରିଆ ପରିଚାଳନା କରିଥିଲେ। ସ୍ପେଶାଲ ବ୍ରାଞ୍ଚ ଅତିରିକ୍ତ ଏସ୍‌ପି ଅରୁଣ କୁମାର ଦଳେଇ, ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ ଓ ଅଶ୍ୱିନୀ କୁମାର ନାୟକ, ସଦର ଏସ୍‌ଡିପିଓ ସୁଧାଂଶୁ ଶେଖର ନାୟକ, ଡିଏସ୍‌ପି ତପସ୍ୱିନୀ କହଁର ଓ ନିର୍ମଳା ଗୋଛାୟତ, ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ, ସହଦେବଖୁଣ୍ଟା ଥାନା ଆଇଆଇସି ଅଜୟ କୁମାର ମୁର୍ମୁ, ସଦର ଥାନା ଆଇଆଇସି ସାଲଖାନ ମୁର୍ମୁଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଶିଶୁ ସାହିତ୍ୟିକ ଭାସ୍କର ଦାସଙ୍କ ପରଲୋକ

ବାଲେଶ୍ୱର, ୨୧।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ମେଘଡ଼ମ୍ବରୁସ୍ଥିତ ବାସଭବନରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଭାସ୍କର ଚନ୍ଦ୍ର ଦାସ (୮୩)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଶିଶୁ ସାହିତ୍ୟିକ ପୀତାମ୍ବର ଦାସ, କମଲ ଦାସ, ରମେଶ ବେହେରା, ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, କୁରୁଡା



ସରପଞ୍ଚ ତାପସ ପାଣିଗ୍ରାହୀ, ସାମାଜିକ କର୍ମୀ ଆଦିତ୍ୟ ଚଣ୍ଡଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ଦାସ ଶିଶୁ କିଶୋର ପତ୍ରିକା 'ଶିଶୁ ସାରଥୀ'ର ସମ୍ପାଦକ ଏବଂ ନିଖିଳ ଓଡ଼ିଶା ଶିଶୁ ସାହିତ୍ୟ ଏକାଡେମୀର ସମ୍ପାଦକ ଥିଲେ। ତାଙ୍କ ମରଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ନିଆଯାଇ ନୁଣିଆଯୋଡ଼ିସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ତପନ ମୁଖାଗ୍ନି ଦେଇଥିଲେ।

## ସଂକ୍ଷେପରେ

### ମାଙ୍କଡ଼ କାମୁଡ଼ାରେ ୭ ଆହତ


ଆତଙ୍କ ସୃଷ୍ଟି କରିଥିବା ମାଙ୍କଡ଼।

**ଯୋଡ଼ା,୨୧।୧୦(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ ମାଙ୍କଡ଼ ଆତଙ୍କ ଦେଖାଦେଇଛି। ଏହି ମାଙ୍କଡ଼ କାମୁଡ଼ାରେ ୭ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ରବିବାରଠାରୁ ଏକ ମାଙ୍କଡ଼ ଯୋଡ଼ାରେ ଆତଙ୍କ ଜାରି ରଖିଛି। ମାଙ୍କଡ଼ଟି ଘରେ ପଶି ଯାହାକୁ ପାଉଛି ତାକୁ କାମୁଡ଼ି ଆହତ କରୁଛି। ରବିବାର ସନ୍ଧ୍ୟାରେ ଟଲକ ହଟିଙ୍ଗରେ ମାଙ୍କଡ଼ଟି ୫ଜଣଙ୍କୁ କାମୁଡ଼ି ଆହତ କରିଥିବା ବେଳେ ସୋମବାର ସକାଳୁ ୨ଜଣଙ୍କୁ କାମୁଡ଼ିଥିଲା। ଏହି କାମୁଡ଼ା ମାଙ୍କଡ଼କୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବନ ବିଭାଗ ତାକୁ ଧରି ଜଙ୍ଗଲରେ ଛାଡ଼ି ଦେବାକୁ ସହରବାସୀ ଦାବି କରିଛନ୍ତି।

### ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକଙ୍କ ପରଲୋକ

**ପାଟଣା,୨୧।୧୦(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ରାଜନଗର ଗ୍ରାମର ଅବସରପ୍ରାପ୍ତ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର(୭୬)ଙ୍କ ମଙ୍ଗଳବାର ସକାଳ ୭ଟା ବେଳେ କେନ୍ଦୁଝର ଧରଣୀଧର ମେଡିକାଲ କଲେଜରେ ପରଲୋକ ହୋଇଯାଇଛି। ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ରଜନୀକାନ୍ତ, ସାତାକାନ୍ତ, ଶ୍ରୀକାନ୍ତ, ଝିଅ ଶ୍ରଦ୍ଧାଞ୍ଜଳି ଓ ସ୍ନେହାଞ୍ଜଳି ଉପସ୍ଥିତ ଥିଲେ। ଅବସର ପରେ ସେ ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ ଓ ଗଠନମୂଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସ୍ଥାନୀୟ ସରପଞ୍ଚ


ପ୍ରଫୁଲ୍ଲ କୁମାର ମିଶ୍ର

ସୁଧାଂଶୁ ଶେଖର ନାୟକ, ସମିତିସଭ୍ୟ ଅବନୀ ନାଏକ, ଶିକ୍ଷାବିତ୍ ଅକ୍ଷୟ ନାରାୟଣ ମିଶ୍ର, ଧରଣୀଧର ଦାସ, ଅବସରପ୍ରାପ୍ତ ରେଞ୍ଜର ରଞ୍ଜନ କୁମାର ପାଣି, ପ୍ରତାପ ଚନ୍ଦ୍ର ରଣା, ଦିଲୀପ ସିଂ, ବିଜେଡି ନେତା ଶତ୍ରୁଘନ ସିଂ, ସାମାଜିକ କର୍ମୀ ବିଜୟ କୁମାର ଦୀକ୍ଷିତ, ଜିତେନ୍ଦ୍ର ସିଂ, ପ୍ରଫୁଲ୍ଲ ରାଉତ ପ୍ରମୁଖ ତାଙ୍କ ଘରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସନ୍ଧ୍ୟାରେ ରାଜନଗରସ୍ଥିତ ବୈତରଣୀ ନଦୀ କୂଳରେ ଶେଷକୃତ୍ୟ କରାଯାଇଥିଲା।

# ଉତ୍ସବମୁଖର ବନେଇକଳା

**ଯୋଡ଼ା,୨୧।୧୦(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ସହରର ଶାସ୍ତ୍ରୀନଗର ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ସାର୍ବଜନୀନ ବନେଇକଳା କାଳୀପୂଜା କମିଟି ପକ୍ଷରୁ ଚାଲିଛି କାଳୀପୂଜା। କାଳୀପୂଜା ପାଇଁ ବନେଇକଳା ଅଞ୍ଚଳ ଉତ୍ସବମୁଖର ହୋଇଛି। ଏଠାରେ କାଳୀପୂଜା ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି। ଶାସ୍ତ୍ରୀନଗର ଛକଠାରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ ରଙ୍ଗିନ ଆଲୋକସଜ୍ଜା ଓ ତୋରଣ ଆକର୍ଷଣୀୟ ହୋଇଛି। ରୀତିନୀତି ଅନୁଯାୟୀ ସୋମବାର ଜଳଯାତ୍ରା ଓ କଳସ ସ୍ଥାପନ ପରେ ପଣ୍ଡିତମାନଙ୍କ ଦ୍ୱାରା ରାତି ୧୨ଟାରେ ମା'ଙ୍କ ଚକ୍ଷୁଦାନ, ସ୍ନାନ, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ


ବନେଇକଳା ପୂଜା ମଣ୍ଡପ ତୋରଣ।

## କାଳୀପୂଜା

ଆଦି ପୂଜାର୍ଚ୍ଚନା କରାଯାଇଥିଲା। ମଙ୍ଗଳବାର ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଚଳିତବର୍ଷଠାରୁ ଅପେରା, ଭଜନ ସନ୍ଧ୍ୟା, ମେଲୋଡ଼ି, ପାଲା ପରିବେଷଣ, ନାଚ ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ମେଳା ପଡ଼ିଆରେ ମୀନାବଜାର, ବିଭିନ୍ନ ଦୋଳି ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମୀନାବଜାର ଚାଲିବ ବୋଲି କମିଟି ସଭାପତି ରବୀନ୍ଦ୍ର କୁମାର ଦାସ କହିଛନ୍ତି।

# ଢେଙ୍କିକୋଟରେ ଶ୍ୟାମାକାଳୀ ପୂଜା


ମଣ୍ଡପରେ ପୂଜା ପାଉଥିବା ମା' ଶ୍ୟାମାକାଳୀଙ୍କ ମୃଣ୍ମୟ ମୂର୍ତ୍ତି।

**ଢେଙ୍କିକୋଟ,୨୧।୧୦(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ୩୫ତମ ମା' ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସୋମବାର ରାତି ୯ଟା ବେଳେ ସଂକଳ୍ପଧାରୀ ବିଜୟ କୁମାର ମଣ୍ଡଳଙ୍କ ଦ୍ୱାରା ମା'ଙ୍କ ଘଟ ଅଣାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଭଦ୍ରକରୁ ଆସିଥିବା ପୂଜକ ମାନସ କୁମାର ପତି ଓ ଆଙ୍କୁଲି ନନା ତଥା ସହଯୋଗକାରୀ ପୂଜକ ଓମ୍‌ପ୍ରକାଶ ଶତପଥୀଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା ଓ ଚଣ୍ଡି ପାଠ କରାଯାଇଥିଲା। ପୂଜା ମଣ୍ଡପକୁ ଆକର୍ଷଣୀୟ ତୋରଣ ଓ ରଙ୍ଗୀନ ଆଲୋକ ଦ୍ୱାରା ସୁସଜ୍ଜିତ କରାଯାଇଛି। ଆଖପାଖ ୧୫ଟି ଗ୍ରାମପଞ୍ଚାୟତ ମଧ୍ୟରେ ଏହା ଏକମାତ୍ର ପୂଜାମଣ୍ଡପ ହୋଇଥିବାରୁ ମଙ୍ଗଳବାର ଭୋର ସମୟରୁ ମା'ଙ୍କ ଦର୍ଶନ ପାଇଁ ଭକ୍ତମାନେ ଭିଡ଼ ଜମାଇଥିଲେ। ବନ୍ଧୁ ନାୟକଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ପୂଜାକୁ ସରସ ସୁନ୍ଦର କରିବାରେ ସହଯୋଗ କରିଥିଲେ। ବୁଧବାର ଭକ୍ତମାନଙ୍କୁ ପୂଜା କମିଟି ତରଫରୁ ଅନ୍ନପ୍ରସାଦ ବଣ୍ଟନ କରାଯିବା ବ୍ୟବସ୍ଥା କରାଯାଇଛି। ୨୭ ତାରିଖରେ ମା'ଙ୍କର ଭସାଣି ଉତ୍ସବ ହେବ ବୋଲି କମିଟି ସୂଚନା ଦେଇଛି। ପୂଜା ମଣ୍ଡପ ସମ୍ମୁଖରେ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଏବଂ ପାଲା ପରିବେଷଣର ଆୟୋଜନ କରାଯାଇଛି। କମିଟିର ସକ୍ରିୟ ସଦସ୍ୟ ଦେବାଶିଷ ମଣ୍ଡଳ, ସୁରେଶ ମଣ୍ଡଳ, ରଞ୍ଜିତ ମଣ୍ଡଳ, ଜିତେନ୍ଦ୍ର ନାଏକ, ପପୁ ମଣ୍ଡଳ, ସୁଶାନ୍ତ ମଣ୍ଡଳ ପ୍ରମୁଖ ସହଯୋଗ ପରିଚାଳନାରେ ସହଯୋଗ କରୁଛନ୍ତି।

# ଶ୍ମଶାନ କାଳୀପୂଜା କମିଟି ତରଫରୁ ମା'ଙ୍କୁ ଆରାଧନା


ମଣ୍ଡପରେ ପୂଜା ପାଉଥିବା ମା' କାଳୀ।

**କେନ୍ଦୁଝର, ୨୧।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସହର କାଶିପୁରଠାରେ ୧୯୮୮ରୁ ଶ୍ମଶାନ କାଳୀପୂଜା କମିଟି ପକ୍ଷରୁ ପାଳିତ ହୋଇଆସୁଥିବା କାଳୀପୂଜା ବରିଷ୍ଠ ନାଗରିକ ଜଗବନ୍ଧୁ ଦାସ, ବାସୁଦେବ ଦାସ ଏବଂ ତପନ ଦାସଙ୍କର ଉଦ୍ୟମରେ ଆରମ୍ଭ ହୋଇଛ। ଶ୍ମଶାନରେ ମା' କାଳୀଙ୍କର ପୂଜା ହେଉଥିବାରୁ ଏହି ପୂଜାର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି। ଚଳିତ ବର୍ଷ ଥାଇଲାଣ୍ଡର ଅଶୋକମ ଟେମ୍ପଲର ଅବିକଳ ପୂଜା ମଣ୍ଡପର ତୋରଣ ସମସ୍ତଙ୍କୁ ଆକର୍ଷିତ କରୁଛି।

ଏହି ପୂଜା କମିଟିର ବରିଷ୍ଠ ଉଦ୍ୟୋକ୍ତା ତଥା କମିଟି ସଭାପତି ଅଜୟ କୁମାର ଦାସ, ଉପସଭାପତି ଅମରେନ୍ଦ୍ର ରାଉତ, ସମ୍ପାଦକ ପଙ୍କଜ ସାମଲ, ସକ୍ରିୟ ସଦସ୍ୟ ଦିଲୁ ପାଣି, ତପନ ଦାସ, ପ୍ରଣବ କରମାକର, ପ୍ରଦୀପ କରମାକର, ବୁବୁ ସାହୁ, ରବି ସାହୁ, ସିପୁ ଦାସ, ସଞ୍ଜୟ ଦାସ ପ୍ରମୁଖଙ୍କ ପ୍ରଚେଷ୍ଟା ଫଳରେ ଦୀର୍ଘ ୩୮ ବର୍ଷ ଧରି ମା'ଙ୍କର ପୂଜା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଆସୁଛି। ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଭକ୍ତ ଆସି ମା'ଙ୍କ ଦର୍ଶନ ଓ ପୂଜାପାଠ କରିଥିଲେ। ଏଥିପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଜିଲାର କିଛି ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ କରାଯାଉଛି। ଆସନ୍ତା ୩୧ ତାରିଖରେ ମା'ଙ୍କର ଭସାଣି ହେବ ବୋଲି ଶ୍ମଶାନ କାଳୀପୂଜା କମିଟି ସଭାପତି ଅଜୟ କୁମାର ଦାସ ପ୍ରକାଶ କରିଛନ୍ତି।

## ଅଗ୍ନିକାଣ୍ଡ: ୫ ଗାଈ ଜୀବନ୍ତ ଦଗ୍ଧ

**ଛେନାପଦି,୨୧।୧୦(ନିରାକାର ପରିଡ଼ା)**

କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ଜମ୍ବୀରା ପଞ୍ଚାୟତର ଅମ୍ବଗଡ଼ିଆ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ କୋଦଣ୍ଡଧର ପଣ୍ଡାଙ୍କ ଗୁହାଳ ଘରେ ଅଗ୍ନିକାଣ୍ଡ ଘଟି ୩ବଖରା ଜଳିଯାଇଛି। ଏଥିରେ ଗୁହାଳରେ ବନ୍ଧା ହୋଇଥିବା ୫ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ହାଟଡିହୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଦୀପାବଳି ପର୍ବ ରାତିରେ ଗାଁର ପିଲାମାନେ ବାଣ ଫୁଟାଉଥିବା ବେଳେ ବାଣ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି କୋଦଣ୍ଡଧର କହିଛନ୍ତି।

# ରାଇରଙ୍ଗପୁରରେ କାଳୀପୂଜା

**ରାଇରଙ୍ଗପୁର,୨୧।୧୦(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ତଥା ରାଇରଙ୍ଗପୁର ସହରାଞ୍ଚଳଠାରୁ ଆରମ୍ଭ କରି ପୁରପଲ୍ଲୀରେ ଦୀପାବଳି ଉତ୍ସବ ଓ କାଳୀପୂଜା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ରାଇରଙ୍ଗପୁର ସହରାଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ମା' ଶ୍ୟାମାକାଳୀ ପୂଜା ପାଳିତ ହୋଇଯାଇଛି। ରାଇରଙ୍ଗପୁର ସହରାଞ୍ଚଳର ବିଭିନ୍ନ ବସ୍ତି ଅଞ୍ଚଳବାସୀ ନିଜ ନିଜ ବାସଗୃହକୁ ରଙ୍ଗ ବେରଙ୍ଗ ଆଲୋକରେ ସଜାଇବା ସହ ଦୀପ ପ୍ରଜ୍ୱଳନ କରିଥିଲେ। ବଡ ବଜାର, କୁଚେଇବୁଢ଼ି ଏବଂ ରାଇରଙ୍ଗପୁର ରେଳଷ୍ଟେଶସନ ପୂଜା ମଣ୍ଡପରେ ମା' ଶ୍ୟାମା କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପରେ ଆକର୍ଷଣୀୟ ମୃଣ୍ମୟ ମୂର୍ତ୍ତି ସହ ତୋରଣ ଏବଂ ରଙ୍ଗ ବେରଙ୍ଗ ଆଲୋକ ସାଜସଜ୍ଜା କରାଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ମା' ଶ୍ୟାମାକାଳୀଙ୍କ ଦର୍ଶନ ସକାଶେ ଶ୍ରଦ୍ଧାଳୁ ଭିଡ଼ ଜମାଉଛନ୍ତି। ଏହାବ୍ୟତୀତ ବାଦାମ ପାହାଡ଼,ସୁଲେଇପାଟ, ଗୋରୁମହିଷାଣୀ, ଅଁଳାଯୋଡ଼ି,ଝରାଡିହି ଏବଂ ବିଶୋଇ ସମେତ ବିଭିନ୍ନ ଅଞ୍ଚଳରେ ଦୀପାବଳି ଓ କାଳୀପୂଜା ଅନୁଷ୍ଠିତ ହୋଇଯାଇଛି।

# ବଣିକ ସଂଘ ପକ୍ଷରୁ ମା'ଙ୍କୁ ଆରାଧନା

**ପାଟଣା,୨୧।୧୦(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ବଜାର ଓ ତୁରୁମୁଙ୍ଗା ବଜାରରେ ବଣିକ ସଂଘ ପକ୍ଷରୁ ସୋମବାର ରାତିରୁ ଶ୍ୟାମାକାଳୀ ପୂଜା ଆରମ୍ଭ ହୋଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ବଜାର ଝଲସୁଛି। ପାଟଣା ପୂଜାରେ କର୍ତ୍ତା ଭାବେ ମୁରଲୀ ବେହେରା ଓ ଅଞ୍ଜନା ବେହେରା ପୂଜା ନୀତି ସମ୍ପନ୍ନ କରିଥିବା ବେଳେ ପୂଜକ ଭାବେ ରବୀନ୍ଦ୍ର ପାଣି ଓ ସମ୍ମିତ କୁମାର ପାଣି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ବଣିକ ସଂଘ ସଭାପତି ବୁଲୁ ଭଞ୍ଜ ଓ ସମ୍ପାଦକ ଅଜୟ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୀତିକାନ୍ତି ହେଉଛି। ଦାଶରଥି ଦାଶ, ଅଜୟ କୁମାର ଦାଶ, ପ୍ରଦୀପ ବେହେରା,


ବଣିକ ସଂଘ ପୂଜା ମଣ୍ଡପ।

ଦକ୍ଷ ପ୍ରସାଦ ସାହୁ, ବିଟୁ ରାମ, ସହଦେବ ବେହେରା, ଲୋକନାଥ ବେହେରା, ଅର୍ଜୁନ ମହାନ୍ତ, ରାଜ ସାହୁ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ଗୁରୁବାର ମେଲୋଡ଼ି କାର୍ଯ୍ୟକ୍ରମ ରହିଥିବା ବେଳେ ଶୁକ୍ରବାର ଭସାଣି ହେବ। ଅନୁରୂପ ଭାବେ ତୁରୁମୁଙ୍ଗା ନିମ୍ବୁଆ ପଡ଼ିଆରେ ବଣିକ ସଂଘ ପକ୍ଷରୁ କାଳୀପୂଜା ଚାଲିଛି। କର୍ତ୍ତା ଭାବେ ରାଜକିଶୋର ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ ବାପି ପଣ୍ଡା ଓ ଭାନୁ ପାଣି ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ବଣିକ ସଂଘ ସଭାପତି ତାପସ କୁମାର ସାହୁ, ଓ ସମ୍ପାଦକ ଶ୍ରବଣ ସାହୁ ପ୍ରମୁଖଙ୍କ ସହଯୋଗରେ ପୂଜା କାର୍ଯ୍ୟ ଚାଲୁ ରହିଛି। ପାଲା, ମ୍ୟାଜିକ ଓ ଡ୍ୟାନ୍ସ କାର୍ଯ୍ୟକ୍ରମ ରହିଛି।

# ଖୁଣ୍ଟାପୁରରେ ରାବଣପୋଡ଼ି


ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ବୈଶିଙ୍ଗା,୨୧।୧୦(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ହାଇସ୍କୁଲ ପଡ଼ିଆରେ ରବିବାର ରାବଣପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦାପୁରୁଣିଆ ସାର୍ବଜନୀନ ଦୁର୍ଗାପୂଜା କମିଟି ଦ୍ୱାରା ଦୀର୍ଘ ୨୪ ବର୍ଷ ହେବ ଏହା ଆୟୋଜିତ ହୋଇଆସୁଛି । ପ୍ରତିବର୍ଷ ଦୁର୍ଗାପୂଜା ବିଜୟାଦଶମୀରେ ଏହା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ପ୍ରତିକୂଳ ପାଗ ସହ ଲଘୁଚାପ ଜନିତ ବର୍ଷା ଯୋଗୁ ଏହାକୁ କମିଟି ପକ୍ଷରୁ ସ୍ଥଗିତ କରାଯାଇଥିଲା। କାରିଗର ଜୟଦେବ ପ୍ରମାଣିକଙ୍କ ଦ୍ୱାରା ପ୍ରତି ର୍ଷ ରାବଣ ପ୍ରସ୍ତୁତ କରାଯାଏ । ତେବେ ଏହି ରାବଣପୋଡ଼ କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ବେଶ ଆଦୃତ ହୋଇଆସୁଛି। ମହୋତ୍ସବରେ ପ୍ରବଳ ଜନସମାଗନ ଦେଖିବାକୁ ମିଳିଥିଲା। ସଞ୍ଜୟ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ହରେକୃଷ୍ଣ ପରିଡା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ସାମ୍ବାଦିକ ସଞ୍ଜୟ ମିଶ୍ର, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ହରିଶ୍ଚନ୍ଦ୍ର ରାଉତ, ବିଶିଷ୍ଟ ବ୍ୟବସାୟୀ ଅକ୍ଷୟ ସାହୁ, ଅବସରପ୍ରାପ୍ତ ସେନାଅଧିକାରୀ ଗୋପୀନାଥ କର, ଖବରଦାତା ଚିନ୍ମୟ କୁମାର ମିଶ୍ର ଉପସ୍ଥିତ ଥିଲେ। କମିଟିର ସଦସ୍ୟ ସତ୍ୟରଞ୍ଜନ ରାଉତ, ଶ୍ରୀଧର ଦାସ, ଶଶଧର ଦାସ, ସର୍ବେଶ୍ୱର ସାହୁ, ଅଭିଷେକ ପରିଡା, ଜିତେନ୍ଦ୍ର ନାଥ, ଭାଗବତ ଦାସ, ଶଶୀକାନ୍ତ ଦାସ, ଦେବାଶିଷ ଦାସ, ରତିକାନ୍ତ ଦାସ, ଜୟନ୍ତ ପାତ୍ର, ମଧୁସୂଦନ ନାଥ ଏବଂ କମିଟିର ଅନ୍ୟ ସମସ୍ତ ସଦସ୍ୟ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆନ୍ତଃ ଜିଲା ବନ୍ୟଜନ୍ତୁ ଶିକାରୀ ଗିରଫ

## ଦେଶୀ ବନ୍ଧୁକ ଓ ବାଇକ୍ ଜବତ


ଗିରଫ ଶିକାରୀ ଓ ଜବତ ବନ୍ଧୁକ।

**କେନ୍ଦୁଝର,୨୧।୧୦ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗପୀଢ଼ ବନାଞ୍ଚଳରୁ ଜଣେ ଆନ୍ତଃଜିଲା ବନ୍ୟଜନ୍ତୁ ଶିକାରୀଙ୍କୁ ବନ ବିଭାଗ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ସରୁଆଳି ଅଞ୍ଚଳର ସୁଦର୍ଶନ ନାୟକଙ୍କ ପୁଅ ଅକ୍ଷୟ କୁମାର ନାୟକ(୫୫)। ତାଙ୍କ ନିକଟରୁ ବନ୍ୟଜନ୍ତୁ ଶିକାରରେ ବ୍ୟବହୃତ ସିଙ୍ଗଲ ବ୍ୟାରେଲ ଦେଶୀ ବନ୍ଧୁକ, ଏକ ବାଇକ୍, ଓଜନ କଣ୍ଟା ଏବଂ ମୋବାଇଲ ମଧ୍ୟ ଜବତ ହୋଇଥିବା ଭୂୟାଁ ଜୁଆଙ୍ଗପୀଢ଼ ବନାଞ୍ଚଳ ଅଧିକାରୀ ନୟନକାନ୍ତ ସାହୁ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଅକ୍ଷୟ ଦେବଗଡ଼ ଜିଲାରୁ ଆସି କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗପୀଢ଼ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ଲୁଚାଛପାରେ ବନ୍ୟଜନ୍ତୁ ଶିକାର କରୁଥିଲେ। ସୂଚନା ଆଧାରରେ ବନ କର୍ମଚାରୀ ତାଙ୍କ ଉପରେ ନଜର ରଖିଥିଲେ। ସହରପୁର ସଂରକ୍ଷିତ ଜଙ୍ଗଲରେ ଅକ୍ଷୟ ପ୍ରବେଶ କରିଥିବା ବନ ବିଭାଗକୁ ଖବର ମିଳିଥିଲା। ବନାଞ୍ଚଳ ଅଧିକାରୀ ଏବଂ ଅନ୍ୟ ବନ କର୍ମଚାରୀ ସେଠାକୁ ଯାଇ କାବୁ କରିବା ପୂର୍ବରୁ ସେ ସେଠାରୁ ଫେରାର ହୋଇଯାଇଥିଲେ। ବନ ବିଭାଗ ବହୁ ଖୋଜାଖୋଜିପରେ ଅକ୍ଷୟ ଚମ୍ପାଝରରେ ଜଣଙ୍କ ଘରେ ଲୁଚି ରହିଥିବା ଜାଣି ତାଙ୍କୁ ସେଠାରୁ କାବୁ କରିଥିଲା।

# ଚାରାରୋପଣ, ଛାତ୍ରୀଛାତ୍ରୀଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନ

**ଆନନ୍ଦପୁର,୨୧।୧୦ (ସୁଶାନ୍ତ କୁମାର ସାହୁ)**

ଘସିପୁରା ବ୍ଲକ୍ ପୁରୁଣା ବାନ୍ଧଗୋଡ଼ା ପଞ୍ଚାୟତର ନାନିକାବାହାଳୀ ଓ କୀର୍ତ୍ତନପାଟିଆ ଆଦିବାସୀ ବସ୍ତିରେ ନୂତନ ଭାବେ ଗଢ଼ି ଉଠିଥିବା ମା' ଧନେଇ ସେବାସଂଘ କେନ୍ଦୁଝର ତରଫରୁ ଚାରାରୋପଣ ଓ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାମଚନ୍ଦ୍ରପୁର ଥାନା ଇନ୍ସପେକ୍ଟର ଶାନ୍ତନୁ କୁମାର ଜେନା, ରାମଚନ୍ଦ୍ରପୁର ବନପାଳ କେଦାର ପାତ୍ର, ପୁରୁଣା ବାନ୍ଧଗୋଡ଼ା ସରପଞ୍ଚ ସୁଧାରାଣୀ ଧିର, ଟାଟା ଆଷ୍ଟୟାର ବ୍ଲକ୍ ସଂଯୋଜକ ସୁଦର୍ଶନ ପ୍ରଧାନ ଯୋଗ ଦେଇଥିଲେ। ମାନବ ସେବା ପାଇଁ ମା' ଧନେଇ ସେବାସଂଘ କେନ୍ଦୁଝରର ସମସ୍ତ ସଦସ୍ୟ ନିଜ ହାତ ଖର୍ଚ୍ଚରୁ କିଛି ଆର୍ଥିକ ସାହାଯ୍ୟ ଏକାଠି କରି ବିଭିନ୍ନ ସେବା କାର୍ଯ୍ୟ ଯଥା, ରକ୍ତଦାନ, ଅଙ୍ଗଦାନ, ଗରିବ ଅସହାୟଙ୍କୁ ଆର୍ଥିକ ସହାୟତା, ଚାରାରୋପଣ, ଗ୍ରାମ ସଫେଇ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ୧୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରି ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଅତିଥିଙ୍କ ସହ ମା' ଧନେଇ ସେବାସଂଘର ସଦସ୍ୟମାନେ।

# ୬ ମଣ୍ଡପରେ ପୂଜା ପାଇଲେ ମା' କାଳୀ

**ଗୋପବନ୍ଧୁ ନଗର, ୨୧।୧୦ (ଶାନ୍ତନୁ କୁମାର ମଡୁଆଲ)**

ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ସ୍ଥାନରେ ସାର୍ବଜନୀନ କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। ସୋମବାର ରାତିରେ ମା'ଙ୍କ ପୂଜା ମଣ୍ଡପ ନିକଟରେ ମୃଣୟ ମୂର୍ତ୍ତିଙ୍କୁ ସ୍ଥାପନ କରାଯାଇ ବିଧି ଅନୁଯାୟୀ ସ୍ଥାନୀୟ ଜଳାଶୟରୁ ଘଟ ଆସିବା ପରେ ପୂଜାର୍ଚ୍ଚନା ସହ ଚଣ୍ଡୀପାଠ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବ୍ଲକର ମୋଟ ୬ଟି ସ୍ଥାନରେ ମା'ଙ୍କ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ କୁଆମରାଠାରେ ୨୪ ବର୍ଷରେ ପୂଜା ପଦାର୍ପଣ କରିଛି। ପୂଜା କମିଟିର ସଭାପତି ନିତ୍ୟାନନ୍ଦ ମହାନ୍ତି, ସମ୍ପାଦକ ଖଗେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହିପରି ପୁରୁଣା ବାରିପଦାଠାରେ ୩୪ ବର୍ଷରେ ପୂଜା ପଦାର୍ପଣ କରିଛି। ରଶ୍ମିରଞ୍ଜନ ହୋତା ଓ ଦିବ୍ୟ ସାଗର ମହାପାତ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ରାଜେଶ ପାଢ଼ୀ, ଅତୁଲ ଚୌଧୁରୀ, ରବିନ୍ଦ୍ର ବେହେରା, ଜଗଦୀଶ ମହାପାତ୍ର , ବେଣୁଧର ଚୈଧୁରୀ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ବରଡିହି ପଞ୍ଚାୟତର ଗୋଡାଠାରେ ମଧ୍ୟ ୩୪ ବର୍ଷ ଧରି ଗ୍ରାମବାସୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଆସୁଛି। ପରମ୍ପରା ଅନୁଯାୟୀ ଦେହୁରୀଙ୍କ ଦ୍ୱାରା ଏଠାରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଖୁଣ୍ଟାଠାରେ ମଧ୍ୟ ସର୍ବ ପୁରାତନ ୭୫ ବର୍ଷର ପୂଜା ବହୁ ଆଡମ୍ବରରେ ପାଳିତ ହୋଇଛି। କମିଟିର ସମସ୍ତ ସଦସ୍ୟ ପୂଜା କାର୍ଯ୍ୟ ପରିଚାଳନା କରିଥିବା ବେଳେ ୩ ଜଣ ବ୍ରାହ୍ମଣ ଙ୍କ ଦ୍ୱାରା ପୂଜା ଓ ଚଣ୍ଡୀପାଠ କାର୍ଯ୍ୟ ସମ୍ପନ୍ନ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶ୍ୟାମ୍ ମେଟାଲିକ୍ସର 'ଭିଜନ ୨୦୩୧' ଘୋଷଣା

ଭୁବନେଶ୍ୱର,୨୧।୧୦
(ଅନୁରାଧା ମହାରଣା)

SHYAM METALICS ORE TO METAL

ଶ୍ୟାମ୍ ମେଟାଲିକ୍ସ ଏବଂ ଏନର୍ଜି ଲିମିଟେଡ୍ (ଏସ୍‌ଏମ୍‌ଇଏଲ୍) ପକ୍ଷରୁ 'ଭିଜନ ୨୦୩୧' ଘୋଷଣା କରାଯାଇଛି। ଭିଜନ ୨୦୩୧ ସ୍ଥାୟୀ, ମୂଲ୍ୟଚାଳିତ ଏବଂ ପୁଞ୍ଜି-ଦକ୍ଷ ଅଭିବୃଦ୍ଧି ଉପରେ ଆଧାରିତ। ଏସ୍‌ଏମ୍‌ଇଏଲ୍ ସ୍ପେଶାଲିଟି ଷ୍ଟିଲ୍, ଷ୍ଟେନ୍‌ଲେସ୍ ଷ୍ଟିଲ୍, ଫ୍ଲାଟ୍ ଉତ୍ପାଦ ଏବଂ ଆଲୁମିନିୟମ୍ ସମେତ ଡାଉନ୍‌ଷ୍ଟ୍ରିମ ଏବଂ ଉଚ୍ଚ ମୂଲ୍ୟଯୁକ୍ତ କ୍ଷେତ୍ରଗୁଡ଼ିକରେ ବିସ୍ତାରକରି ଏହାର ସମନ୍ୱିତ ବ୍ୟବସାୟ ମଡେଲକୁ ସୁଦୃଢ଼ କରିବାକୁ ଯୋଜନା କରୁଛି। ଏହି ପଦକ୍ଷେପଗୁଡ଼ିକ ପ୍ରତିରକ୍ଷା, ଇଞ୍ଜିନିୟରିଂ, ରେଳବାଇ ଏବଂ ରିଅଲ ଇଷ୍ଟେଟ୍ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏସ୍‌ଏମ୍‌ଇଏଲ୍‌ର ଉପସ୍ଥିତିକୁ ସୁଦୃଢ଼ କରିବା ପାଇଁ ଡିଜାଇନ କରାଯାଇଛି। ନିବେଶ କରାଯାଇଥିବା ପୁଞ୍ଜି ଉପରେ ରିଟର୍ନକୁ ଉନ୍ନତକରିବା ଏବଂ କାର୍ଯ୍ୟାନ୍ୱୟନ ବିପଦକୁ କମ୍ କରିବା ପାଇଁ କମ୍ପାନୀ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ମଧ୍ୟପ୍ରଦେଶରେ ବ୍ରାଉନ୍‌ଫିଲ୍ଡ ସମ୍ପ୍ରସାରଣକୁ ବ୍ୟବହାର କରିବ। କ୍ଷମତା ବିସ୍ତାର, ଉତ୍ପାଦ ମିଶ୍ରଣ ବୃଦ୍ଧି ଏବଂ ରପ୍ତାନି ବିବିଧତା ଦ୍ୱାରା ଚାଳିତ ଏସ୍‌ଏମ୍‌ଇଏଲ୍ ୨୦୩୧ ସୁଦ୍ଧା ଟପ୍‌ଲାଇନରେ ୨.୫ ଗୁଣ ବୃଦ୍ଧି କରି ୪୦୦ ବିଲିୟନ ଟଙ୍କାରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ଏହାର ସାମଗ୍ରିକ କ୍ଷମତାକୁ ୧୫ ନିୟୁତ ଟନ୍‌ରୁ ୨୭ ନିୟୁତ ଟନ୍‌କୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ସମ୍ପ୍ରସାରଣ ପରେ ଏସ୍‌ଏମ୍‌ଇଏଲ୍ କାର୍ଯ୍ୟକ୍ଷମ ଲିଭରେଜ ଏବଂ ଉନ୍ନତ ଉତ୍ପାଦ ମୂଲ୍ୟ ପ୍ରାପ୍ତି ଦ୍ୱାରା ୨୦୦ରୁ ୩୦୦ ବେସିସ୍ ପଏଣ୍ଟର ଏବିଟା ମାର୍ଜିନ୍ ଉନ୍ନତି ଆଶା କରୁଛି। ଅଭିବୃଦ୍ଧି କାର୍ଯ୍ୟକ୍ରମ ୧୦ ହଜାରରୁ ଅଧିକ ନୂତନ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ଯାହା ମୋଟ ନିଯୁକ୍ତିକୁ ପ୍ରାୟ ୨୭,୫୦୦ କରିବ ଏବଂ ରପ୍ତାନି ରାଜସ୍ୱକୁ ୧୫୦ ନିୟୁତ ୟୁଏସ୍ ଡଲାରରୁ ୩୦୦ ନିୟୁତ ୟୁଏସ୍ ଡଲାରରେ ପରିଣତ କରିବ। ଷ୍ଟେନ୍‌ଲେସ୍ ଷ୍ଟିଲରେ, ଏସ୍‌ଏମ୍‌ଇଏଲ୍ ଟ୍ୟୁବ୍, ଉପକରଣ, ପ୍ରତିରକ୍ଷା ଏବଂ ରେଳପଥରେ ଅଧିକ ଚାହିଦା ଡାଉନ୍‌ଷ୍ଟ୍ରିମ ପ୍ରୟୋଗଗୁଡ଼ିକୁ ଲକ୍ଷ୍ୟକରି ଏହାର ବର୍ତ୍ତମାନର ଫ୍ଲାଟ୍ ଉତ୍ପାଦ କ୍ଷମତାର ୬.୫ ଗୁଣ ହାସଲ କରିବାକୁ ଯୋଜନା କରୁଛି।

# ୭.୭ ବିଲିୟନ ଡଲାର ବିକ୍ରିକଲା ଆର୍‌ବିଆଇ

## ଡଲାର ତୁଳନାରେ ମୁଦ୍ରା ମୂଲ୍ୟ ହ୍ରାସ ରୋକିବାକୁ ପଦକ୍ଷେପ

ଭୁବନେଶ୍ୱର,୨୧।୧୦

ଗତ କିଛି ମାସରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ବହୁତ କମିଛି। ଏହା ଅନେକ ଥର ସବୁଠୁ ନିମ୍ନ ସ୍ତରରେ ପହଞ୍ଚିଛି। ଏହି ମୂଲ୍ୟ ହ୍ରାସ ଦେଶର ଅର୍ଥନୀତି ଉପରେ ଖରାପ ପ୍ରଭାବ ପକାଇଛି। ଏହାକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନେକ ପଦକ୍ଷେପ ନେଇଛି।

ଆର୍‌ବିଆଇ ଅଗଷ୍ଟ ମାସରେ ୭.୭ ବିଲିୟନ ଡଲାର ବିକ୍ରି କରିଥିଲା, ଯାହା ଜୁଲାଇ ମାସ ତୁଳନାରେ ପ୍ରାୟ ୩ ଗୁଣ ଅଧିକ। ଏହା ମୁଦ୍ରାର ମୂଲ୍ୟ ହ୍ରାସ ରୋକିବା ଓ ବିନିମୟ ହାରରେ ଅସ୍ଥିରତା ନିୟନ୍ତ୍ରଣ କରିବା ପାଇଁ କରାଯାଇଥିଲା। ଆର୍‌ବିଆଇ କହିଛି, ସେମାନେ ମୁଦ୍ରା-ଡଲାର ବିନିମୟ ହାରକୁ କୌଣସି ନିର୍ଦ୍ଦିଷ୍ଟ ସ୍ତରରେ ରଖନ୍ତି ନାହିଁ। ମାତ୍ର ବିଦେଶୀ ମୁଦ୍ରା ବଜାରରେ ଅତ୍ୟଧିକ ପରିବର୍ତ୍ତନ ହେଲେ ସେମାନେ ହସ୍ତକ୍ଷେପ କରନ୍ତି। ବ୍ୟବସାୟିକ ସମସ୍ୟା, ବିଶ୍ୱବ୍ୟାପୀ ଅନିଶ୍ଚିତତା ଓ ବିଦେଶୀ ନିବେଶର ପ୍ରବାହ କମିବା ଦ୍ୱାରା ଅଗଷ୍ଟ ଓ ସେପ୍ଟେମ୍ବରରେ ମୁଦ୍ରାର ମୂଲ୍ୟ ବହୁତ କମିଥିଲା। ଅକ୍ଟୋବର ୨୦ରେ ବିଦେଶୀ ନିବେଶକଙ୍କ କିଣାବିକା ଓ କଞ୍ଚା ତୈଳର ମୂଲ୍ୟ କମିବା ଯୋଗୁ ମୁଦ୍ରା ୯ ପଇସା ବଢ଼ି ୮୭.୯୩ରେ ବନ୍ଦ ହୋଇଥିଲା। ଭାରତୀୟ ଶେୟାର ବଜାରରେ ଭଲ ପ୍ରଦର୍ଶନ ମଧ୍ୟ ମୁଦ୍ରାକୁ ସାହାଯ୍ୟ କରିଥିଲା। ଏକ୍ସଚେଞ୍ଜ ବଜାରରେ ମୁଦ୍ରା ୮୭.୯୪ରେ ଖୋଲିଥିଲା ଓ ଦିନ ମଧ୍ୟରେ ୮୭.୭୪ ଓ ୮୭.୯୪ ମଧ୍ୟରେ ରହିଥିଲା। ଶେଷରେ ଏହା ୮୭.୯୩ରେ ବନ୍ଦ ହୋଇଥିଲା, ଯାହା ଶୁକ୍ରବାରର ୮୮.୦୨ ତୁଳନାରେ ୯ ପଇସା ଅଧିକ ଥିଲା। ଏହାସହ ଡଲାର ସୂଚକାଙ୍କ ୦.୧% ବଢ଼ି ୯୮.୫୩ରେ ପହଞ୍ଚିଥିଲା। ବିଶ୍ୱବ୍ୟାପୀ ତୈଳ ମୂଲ୍ୟ (ବ୍ରେଣ୍ଟ କ୍ରୁଡ୍) ୦.୩୬% କମି ପ୍ରତି ବ୍ୟାରେଲ ୬୧.୦୭ ଡଲାର ହୋଇଥିଲା।

# ସ୍ମାଇଲ୍ ଗୋଲ୍ଡର ୧୩ ବିଜେତା ପୁରସ୍କୃତ




ଭୁବନେଶ୍ୱର,୨୧।୧୦

ଭୁବନେଶ୍ୱରରେ ଅଳଙ୍କାର ପ୍ରତିଷ୍ଠାନ 'ସ୍ମାଇଲ୍ ଗୋଲ୍ଡ' ପକ୍ଷରୁ ୧୩ ଜଣ ଭାଗ୍ୟଶାଳୀ ଗ୍ରାହକଙ୍କୁ ପୁରସ୍କୃତ କରାଯାଇଛି। ନିକଟରେ ଅନୁଷ୍ଠିତ ଲକି ଡ୍ର କାର୍ଯ୍ୟକ୍ରମର ପ୍ରଥମ ବିଜେତା ଶହୀଦନଗରର ବାପୁଜୀ ନାୟକଙ୍କୁ ଏକ ଟିଭିଏସ୍ ଜୁପିଟର ସ୍କୁଟର ପ୍ରଦାନ କରାଯାଇଛି। ଏହା ସହ ଜଣଙ୍କୁ ଏଲ୍‌ଇଡି ଟିଭି, ଜଣଙ୍କୁ ରେଫ୍ରିଜେରେଟର ଏବଂ ୫ ଜଣଙ୍କୁ ମିକ୍ସର ଗ୍ରାଇଣ୍ଡର ଉପହାର ଦିଆଯାଇଥିବା ସ୍ମାଇଲ୍ ଗୋଲ୍ଡର ମାଲିକ ବାବୁରାମ୍ ସ୍ୱାଇଁ ସୂଚନା ଦେଇଛନ୍ତି।

# ଇ-କମର୍ସ ବଜାରରେ ୨୪% ଅଧିକ ଅର୍ଡର

## ୨୩% ଜିଏମଭି ବୃଦ୍ଧି

ଭୁବନେଶ୍ୱର,୨୧।୧୦
(ଅନୁରାଧା ମହାରଣା)

ଦୀପାବଳି ଅବସରରେ ଲୋକମାନେ ବହୁତ କିଣାବିକା କରିଛନ୍ତି। ଜିଏସଟି ସଂସ୍କାର ଯୋଗୁଁ ଏହି ବର୍ଷ ଅର୍ଡର ବହୁତ ବଢ଼ିବ ବୋଲି ଆକଳନ କରାଯାଉଥିଲା। ୨୦୨୫ ଦୀପାବଳି ଅବସରରେ ଭାରତର ଇ-କମର୍ସ ବଜାରରେ ଖୁବ୍ ଉତ୍ସାହ ଦେଖିବାକୁ ମିଳିଛି। ଇ-କମର୍ସ ପ୍ଲାଟଫର୍ମ ୟୁନିକମର୍ସ କହିଛି, ଏହି ସମୟରେ ଅର୍ଡର ପରିମାଣ ୨୪% ଓ ମୋଟ ବ୍ୟବସାୟ ମୂଲ୍ୟ (ଜିଏମଭି) ୨୩% ବୃଦ୍ଧିପାଇଛି। କ୍ୱିକ କମର୍ସ ଆପଗୁଡ଼ିକ ଏଥିରେ ସବୁଠୁ ବଡ଼ ଭୂମିକା ନେଇଛି। ଏହାର ଅର୍ଡର ପରିମାଣ ଗତ ବର୍ଷ ତୁଳନାରେ ୧୨୦% ବଢ଼ିଛି। ବ୍ରାଣ୍ଡ ୱେବସାଇଟ୍ ଗୁଡ଼ିକରେ ୩୩% ବୃଦ୍ଧି ହୋଇଛି। ମାର୍କେଟପ୍ଲେସ ପ୍ଲାଟଫର୍ମଗୁଡ଼ିକ ମୁଖ୍ୟ ଚ୍ୟାନେଲ ହିସାବରେ ରହିଛି, ଯେଉଁଠାରେ ମୋଟ କିଣାବିକାର ୩୮% ହୋଇଛି ଓ ଅର୍ଡର ପରିମାଣ ୮% ବଢ଼ିଛି। ୨୦୨୪ ଓ ୨୦୨୫ରେ ୨୫ ଦିନିଆ ପାର୍ବଣ ସମୟରେ ୟୁନିକମର୍ସର ମୁଖ୍ୟ ପ୍ଲାଟଫର୍ମ ୟୁନିୱେୟାର (ୟୁନିୱେୟାର) ମାଧ୍ୟମରେ ୧୫ କୋଟିରୁ ଅଧିକ ଲେଣଦେଣ ହୋଇଛି। ନିତ୍ୟବ୍ୟବହାର୍ଯ୍ୟ ଜିନିଷ (ଏଫଏମସିଜି), ଘର ସଜାଇବା ଓ ଆସବାବପତ୍ର, ସୌନ୍ଦର୍ଯ୍ୟ ଓ ଯତ୍ନ ଜିନିଷ, ଏବଂ ସ୍ୱାସ୍ଥ୍ୟ ଓ ଔଷଧୀୟ ଜିନିଷ ସବୁଠୁ ଅଧିକ ବିକ୍ରି ହୋଇଛି। ମୋଟ ଅର୍ଡରରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହରଗୁଡ଼ିକର ଅଂଶ ୫୫% ରହିଛି। ୟୁନିକମର୍ସ କହିଛି, ୨୦୨୫ ଦୀପାବଳି ତ୍ୟୋହାର ଭାରତୀୟ ଇ-କମର୍ସ କ୍ଷେତ୍ର ପାଇଁ ବେଶ ସଫଳ ରହିଲା।

# ସିଫି ଇନ୍‌ଫିନିଟି ସ୍ପେସେସ୍‌ର ୩୭୦୦ କୋଟିର ଆଇପିଓ ପାଇଁ ଆବେଦନ

ଭୁବନେଶ୍ୱର,୨୧।୧୦

ଭାରତର ପ୍ରଥମ ଡାଟା ସେଣ୍ଟର ସିଫି ଇନ୍‌ଫିନିଟି ସ୍ପେସେସ୍ ସେବିରେ ଡିଆର୍‌ଏଚ୍‌ପି ଦାଖଲ କରିଛି। କମ୍ପାନୀ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ୩୭୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ଏହି ଇସ୍ୟୁରେ କମ୍ପାନୀ ୨୫୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରିବ ଓ ଏହାର ଅଂଶଧନକାରୀ ୧୨୦୦ କୋଟି ଟଙ୍କାର ଶେୟାରକୁ ଅଫର ଫର୍ ସେଲ୍‌ରେ ବିକ୍ରି କରିବେ। ଅଫର ଫର୍ ସେଲ୍‌ରେ କୋଟକ ଡାଟା ସେଣ୍ଟର ଫଣ୍ଡ ୬୪୩ କୋଟି ଟଙ୍କା ଓ କୋଟକ ସ୍ପେଶିଆଲ ସିଚୁଏସନ୍ସ ଫଣ୍ଡ ୫୫୭ କୋଟି ଟଙ୍କାର ଇକ୍ୱିଟି ଶେୟାର ବିକ୍ରି କରିବେ। ବୁକ୍ ରନିଂ ଲିଡ୍ ମ୍ୟାନେଜରଙ୍କ ସହ ଆଲୋଚନାକରି ସିଟି ଇନ୍‌ଫିନିଟି ସ୍ପେସେସ୍ ପକ୍ଷରୁ ୫୦୦ କୋଟି ଟଙ୍କାର ପ୍ରାକ୍-ଆଇପିଓ ପ୍ଲେସ୍‌ମେଣ୍ଟ କରାଯିବ।

## ରାଜ୍ୟ ଖବର

# ୩୬୭ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଯୋଜନା, ୨୪ ଘଣ୍ଟିଆ ନିରୀକ୍ଷଣ

## ପାର୍ବଣ ଭିଡ଼ ଏଡ଼ାଇବାକୁ ପୂର୍ବତଟ ରେଳପଥର ପ୍ରସ୍ତୁତି

ଭୁବନେଶ୍ୱର,୨୧।୧୦
(ଅନୁରାଧା ମହାରଣା)

ଦଶହରା ଓ ଦୀପାବଳି ଆଦି ପର୍ବରେ ରେଳଯାତ୍ରୀଙ୍କ ସଂଖ୍ୟା ବଢ଼ିଯାଉଥିବାବେଳେ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ ଯାତ୍ରୀଙ୍କ ସୁବିଧା, ସୁରକ୍ଷା ଓ ସହଜ ଯାତ୍ରା ପାଇଁ କରାଯାଇଥିବା ବ୍ୟବସ୍ଥାକୁ ପର୍ଯ୍ୟବେକ୍ଷଣ କରିଛନ୍ତି। ଭୁବନେଶ୍ୱରରେ ମୁଖ୍ୟାଳୟର ୨୪ଘଣ୍ଟିଆ ୱାର୍ ରୁମ୍‌ରୁ ଏହି ନିରୀକ୍ଷଣ ଚାଲୁଛି। ପୂରା ଦେଶରେ ଭାରତୀୟ ରେଳପଥ ୧୨ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଉଥିବାବେଳେ ସେଥିମଧ୍ୟରୁ ପୂର୍ବତଟ ରେଳପଥ ଅଧୀନରେ ୩୬୭ଟି ସ୍ୱତନ୍ତ୍ର ଟ୍ରେନ ରହିଛି। ଅକ୍ଟୋବର ପହିଲାରୁ ବର୍ତ୍ତମାନ ସୁଦ୍ଧା ୭୬ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଥିବାବେଳେ ୭୦ହଜାରରୁ ଅଧିକ ଯାତ୍ରୀ ଯାତ୍ରା କରିଛନ୍ତି। ବୁକିଂ ଓ ଚାହିଦାକୁ ଦୃଷ୍ଟିରେ ରଖି ଆହୁରି ଅତିରିକ୍ତ ଟ୍ରେନ ପରିଚାଳନା କରାଯିବ। ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆର୍‌ପି)ର କର୍ମଚାରୀମାନଙ୍କୁ ସମସ୍ତ ପ୍ରମୁଖ ଷ୍ଟେଶନରେ ନିୟୋଜିତ କରାଯାଇଛି। ପ୍ରବେଶ ଓ ପ୍ରସ୍ଥାନ ପାଇଁ ଅଲଗା ପଥ ନିର୍ଦ୍ଧାରଣ କରାଯାଇଛି। ଟ୍ରେନ୍‌ଗୁଡ଼ିକରେ ଦହନଶୀଳ ସାମଗ୍ରୀ, ମଦ୍ୟ ଓ ଅନ୍ୟ ନିଷିଦ୍ଧ ଜିନିଷ ନେବାକୁ ରୋକିବା ପାଇଁ ଆର୍‌ପିଏଫ୍, ଜିଆର୍‌ପି, ଡଗ୍ ସ୍କ୍ୱାଡ୍ ଏବଂ ସ୍ୱେଚ୍ଛାସେବୀ ଦଳ ଦ୍ୱାରା କଡ଼ା ନିରୀକ୍ଷଣ କରାଯାଉଛି। ଖୋର୍ଦ୍ଧାରୋଡ୍, ୱାଲଟିୟର୍ ଓ ସମ୍ବଲପୁର ଡିଭିଜନରେ ୯୦୦ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇ ୨୪ଘଣ୍ଟା ନିରୀକ୍ଷଣ ସିଷ୍ଟମ ଚାଲୁ ରହିଛି। କଣ୍ଟ୍ରୋଲ ରୁମ୍‌ରୁ ରିଅଲଟାଇମ୍ ମନିଟରିଂ କରାଯାଉଥାଏ, ଯାହା ଆବଶ୍ୟକ ପ୍ରତ୍ୟେକ ସମୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାହାଯ୍ୟ କରୁଛି। ଏହି ଫେଷ୍ଟିଭ୍ ସିଜନରେ ସୁରକ୍ଷିତ ଓ ସହଜ ଯାତ୍ରା ନିଶ୍ଚିତ କରିବା ପାଇଁ ପୂର୍ବତଟ ଅଞ୍ଚଳରେ ୫୦ ହଜାରରୁ ଅଧିକ ରେଳ କର୍ମଚାରୀ ନିୟୋଜିତ ଅଛନ୍ତି।

# ଟ୍ରେନ୍‌ରେ କଟି ଯୁବକ ମୃତ

ବାଲେଶ୍ୱର, ୨୧।୧୦(ବାଞ୍ଛାନିଧି ଦେ)

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ବାଲେଶ୍ୱର ରେଳଷ୍ଟେଶନ ନିକଟ ନୁଣିଆଯୋଡ଼ି ପୋଲ ନିକଟରେ ଟ୍ରେନ୍‌ରେ କଟି ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଅର୍ଗଲ ଗ୍ରାମର ରମେଶ ଚନ୍ଦ୍ର ଖଣ୍ଡୁଆଳ। ଏ ସମ୍ପର୍କରେ ବାଲେଶ୍ୱର ଜିଆର୍‌ପି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭୯/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଯୁବକ ଜଣକ ରେଳଧାରଣା ପାର୍ ହେଉଥିବା ବେଳେ ଅପ୍ ଲାଇନ୍‌ରେ ଆସୁଥିବା ଏକ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିଲା। ଜିଆର୍‌ପି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ନିୟନ୍ତ୍ରଣ ବାହାରେ ନିଗମ

## ସରକାରଙ୍କୁ ମିଳିନି ୩୫୯୪ କୋଟିର ଲାଭାଂଶ

ଭୁବନେଶ୍ୱର,୨୧।୧୦
(ରବିନାରାୟଣ ଜେନା)

ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଭିତ୍ତିଭୂମି ସୁଦୃଢ଼ ଲାଗି ରାଜ୍ୟ ସରକାର ବିଭିନ୍ନ ନିଗମ ପାଇଁ ବଜେଟରେ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରୁଛନ୍ତି। ଏହି ଅର୍ଥକୁ ନେଇ କେତେକ ନିଗମ ଲାଭବାନ୍ ହେଉଥିବାବେଳେ ଆଉ କେତେକ ନିୟନ୍ତ୍ରଣ ହରାଇ ବୁଡ଼ିବାକୁ ବସିଲେଣି। ତେବେ ଯେଉଁ କେତେକ ନିଗମ ଲାଭବାନ୍ ହେଉଛନ୍ତି ସେମାନେ ସରକାରୀ ନିୟମର ଅନୁପାଳନ କରୁନାହାନ୍ତି। ସରକାରୀ ନିୟମ ଅନୁଯାୟୀ, ନିଗମଗୁଡ଼ିକ ଲାଭାଂଶ ଦେବାକୁ ରହିଥିଲେ ହେଁ ସେମାନେ ସମୟ ଭିତରେ ଦେଉନାହାନ୍ତି। ତେବେ ଏହି ପରିମାଣ କୋଟିଏ କି ଦୁଇକୋଟି ନୁହେଁ, ପ୍ରାୟ ୩ ହଜାର ୫୯୪ କୋଟି ଟଙ୍କାର ଲାଭାଂଶ ବିଭିନ୍ନ ନିଗମ ଉପରେ ବର୍ଷ ବର୍ଷ ଧରି ଗଚ୍ଛିତ। ଫଳରେ ସରକାରଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡୁଛି ବୋଲି ନିକଟରେ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କ ପକ୍ଷରୁ ଅର୍ଥ ବିଭାଗକୁ ପ୍ରଦାନ କରାଯାଇଥିବା ଏକ ତଥ୍ୟରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ୨୦୧୭-୧୮ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟର ୨୩ଟି ନିଗମ ସରକାରଙ୍କୁ ୩୫୯୩.୫୨ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିନାହାନ୍ତି। ଲାଭାଂଶ ପ୍ରଦାନ କରି ନ ଥିବା ନିଗମଗୁଡ଼ିକ ମଧ୍ୟରେ ସର୍ବାଧିକ ଭାବେ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିଃ(ଓପିଟିସିଏଲ) ରହିଛି। ଏହି ସଂସ୍ଥା ୧୬୧୭ କୋଟି ଟଙ୍କା ଲାଭାଂଶ ପଇଠ କରି ନ ଥିବା ବେଳେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ(ଓପିଜିସି) ୫୧୭ କୋଟି ଟଙ୍କା ପଇଠ କରିନାହିଁ।

ସେହିଭଳି ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ(ଓଏଚ୍‌ପିସି) ୩୧୫ କୋଟି ଟଙ୍କାର ଲାଭାଂଶ ଦେଇ ନ ଥିବାବେଳେ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ୩୨୦ କୋଟି, ଓସିପିଏଲ୍ ୨୪୨ କୋଟି, ଓଏସ୍‌ଏଫ୍‌ସି ୨୦୬ କୋଟି, ଇପିକଲ ୧୫୫ କୋଟି ଏବଂ ଓଏଲ୍‌ଆଇସି ୬୭ କୋଟି ଲାଭାଂଶ ଟଙ୍କା ସରକାରଙ୍କୁ ପଇଠ କରିନାହାନ୍ତି। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଫେବୃଆରୀ ୨୦୧୬ରେ ଜାରି କରିଥିବା ନିର୍ଦ୍ଦେଶନାମା ଅନୁସାରେ, ନିଗମଗୁଡ଼ିକ କରୁଥିବା ବାର୍ଷିକ ଲାଭ କିମ୍ବା ସରକାରଙ୍କ ଅଂଶଧନ ଉପରେ ୩୦% ହିସାବରେ ଉଭୟର ଲାଭାଂଶ ପରିମାଣ ନିର୍ଣ୍ଣୟକରି ଯେଉଁଟା ଅଧିକ, ତାହାକୁ ଲାଭାଂଶ ଆକାରରେ ସରକାରଙ୍କୁ ପଇଠ କରିବେ। କିନ୍ତୁ ନିଗମ ପାଇଁ ଗଠିତ ପରିଚାଳନା ମଣ୍ଡଳୀ ଉପରେ ସରକାରଙ୍କ ନିୟନ୍ତ୍ରଣ ଅଭାବରୁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା ଜଣାଯାଇଛି।

ଏ ନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ସିଏଜିଙ୍କ ଅଭିଯୋଗ ରାଜ୍ୟ ବିକାଶ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। କାରଣ ରାଜ୍ୟର ୪୦ଟି ନିଗମ ବିଭିନ୍ନ କ୍ଷେତ୍ରରେ ମାନବ ସମ୍ବଳକୁ ଦକ୍ଷ ଓ ଯୋଗ୍ୟ ସମ୍ପନ୍ନ କରିବା ପାଇଁ ଗଠନ ହୋଇଛି। ଜନସ୍ୱାର୍ଥକୁ ଅଣଦେଖା କରି ସ୍ୱଜନପୋଷଣ ନୀତିରେ ନିଗମକୁ ପରିଚାଳନା କରାଯାଉଛି। ଏ ଦିଗରେ ରାଜ୍ୟ ସରକାର ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବାକୁ ମହାପାତ୍ର ଦାବି କରିଛନ୍ତି।

# 'ଅନ୍ତ୍ୟୋଦୟ ଗୃହ ଯୋଜନା' ଯୋଗୁ ସବୁ ଲୋକ ବିଳାସପୂର୍ଣ୍ଣ ଜୀବନଯାପନ କରିବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୧୦(ସୁନିତ୍ ମିଶ୍ର)

ଭାଜପା ସରକାରରେ ଲୋକଙ୍କ ଉନ୍ନତି ଓ ବିକାଶକୁ ପ୍ରାଥମିକତା ଦେଇ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ଆର୍ଥିକ ଅନଗ୍ରସର ତଥା ନିମ୍ନ ଆୟବର୍ଗମାନଙ୍କ ପାଇଁ ସୁରକ୍ଷିତ ଏବଂ ସ୍ଥାୟୀ ଆଶ୍ରୟସ୍ଥଳ ସୁନିଶ୍ଚିତ ହେଉଛି। ଏହାଦ୍ୱାରା ପ୍ରତ୍ୟେକ ନାଗରିକ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବେ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ'ରେ ସୂଚନା ଦେଇ କହିଛନ୍ତି, ଗ୍ରାମାଞ୍ଚଳରେ ସୁଶାସନକୁ ଆହୁରି ଦକ୍ଷ ଓ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ରବିବାର ରାଜ୍ୟରେ ୪୭୧ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରିଥିଲେ। ନୂଆପଡ଼ା ଓ କଳାହାଣ୍ଡି ଜିଲା ବ୍ୟତୀତ ରାଜ୍ୟର ୨୮ ଜିଲାରେ ୪୭୧ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏ ସହାୟତା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗରିବ ଲୋକଙ୍କ ବାସଗୃହ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୩୦ରେ ତାଙ୍କ ସରକାର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ଏଥିରେ ୫ଲକ୍ଷ ଘର ନିର୍ମାଣ କରାଯିବ। ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଣ୍ଟାଯାଇଛି। ହିତାଧିକାରୀଙ୍କୁ ୨ୟ କିସ୍ତିରେ ୬୫ ହଜାର ଏବଂ ୩ୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ବୋଲି ସେ କହିଛନ୍ତି। ଯେଉଁ ହିତାଧିକାରୀ ୪ ମାସରେ ଘର ଶେଷ କରିବେ ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ସାରିବେ ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ। ଏହାଦ୍ୱାରା ଗରିବ ଓ ଅସହାୟ ହେଲେ ମଧ୍ୟ ପ୍ରତ୍ୟେକ ନାଗରିକ ଏକ ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ।


# Classified Everyday 0674-2580101, 9692975378


MATRIMONIAL

BRIDE WANTED

No ମଧ୍ୟସ୍ଥି, ବ୍ରାହ୍ମଣ, ମୀନ ୧୯୮୦, ବ୍ୟବସାୟ, ମକର ୧୯୮୪ ସରକାରୀ ଚାକିରି ପୁଅ ପାଇଁ except SCST, Fresher, Divorcee, Overage, ଝିଅ ଦରକାର। 8249994574, 9938404293 D-2329

ସରକାରୀ ଚାକିରି କରୁଥିବା ପୁଅ (M.Phil., Age:30, Height:6ft) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି:ବଣିଆ। ଯୋଗାଯୋଗ: 9348544047. D-2337


REAL ESTATE

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018




Full body massage by odia therapist in homely atmosphere. 9078618337. D-1336

Newly open Jyoti spa positively health benefits (Expert therapist). 8458067955. D-76942

The massage felt totally professional! & comfortable at all times- 7978109255. D-76500

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I Himansu Ranjan Jena, S/o.- Ramesh Chandra Jena, resident of At/P.O.- Viruda, P.S.- Tigiria, Dist.- Cuttack, PIN- 754030 declare by this affidavit No.40, dated- 19.10.2025 that now onwards I shall be known as **Himanshu Ranjan Jena** for all future purpose. D-1332

By virtue of an affidavit sworn before Executive Magistrate, Darpan, Dhanmandal, dated 08/09/2025, I, Arjun Dalei, Vill.- Barapada, P.O.- Saudia, P.S.- Balichandrapur, Dist.- Jajpur, PIN- 754023, declare that I have changed my daughter's name from Arnapurna Dalai to Sabitri Dalai. Henceforth, she shall be known as Sabitri Dalai for all purposes.
Arjun Dalei
D-1334

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue an affidavit sworn before Executive Magistrate, Angul, dated- 18.10.2025, I, Rohita Kumar Behera, S/o.- Late Birabar Behera, Village- Raghunathpur, P.O.- Kankalu, P.S.- Kantabania, Dist.- Dhenkanal, Odisha, PIN- 759121, declare that I have changed my name from Rohit Kumar Behera to Rohita Kumar Behera. Henceforth, I shall be known as ROHITA KUMAR BEHERA for all purposes.
Rohita Kumar Behera
D-1335

By virtue of an affidavit sworn before Executive Magistrate, Puri, dated- 16.10.2025, I, Digambara Pradhan, At/P.O.- Kapileswarpur, P.S.- Puri Sadar, Dist.- Puri, Odisha, PIN- 752013 declare that I have changed my name from Digambar Pradhan to Digambara Pradhan. Henceforth, I shall be known as Digambara Pradhan for all purposes.
Digambara Pradhan
D-1333




ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ମାଛ ଚାଷ

**ମା**ଛ ଚାଷ କରୁଥିଲେ ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଗ୍ରା ଓ ରାସାୟନିକ ସାର (ସି.ଏ.ଏନ୍. ୧୦ କି.ଗ୍ରା. ଏବଂ ଏସ୍.ଏସ୍.ପି. ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ। ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଗ୍ରା ହିସାବରେ ମାଛମାନଙ୍କୁ ଦିଅନ୍ତୁ। କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ। ୧୦୦ କିଗ୍ରା କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଗ୍ରା ବାଦାମ/ ଶୋରିଷ/ରାଶି/ ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କିଗ୍ରା ଶୁଖୁଆଗୁଣ୍ଡ, ୨୮ କିଗ୍ରା କାଣ୍ଡିଆକୁଣ୍ଡା, ୧୦ କିଗ୍ରା ଅଟା ଓ ୨ କିଗ୍ରା ମିନେରାଲ୍ ମିକ୍ସଚର ଆବଶ୍ୟକ । ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ ।



## ଗୋପାଳନ ସମୟରେ...

**ପ୍ର**ତ୍ୟେକ ଦିନ ଗୁହାଳରୁ ବାହାରୁଥିବା ଗୋବର, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୁନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଗାଈଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ଣ୍ଣ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ। ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ। ଗାଈଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ। ଗାଈଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟୀକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଗାଈଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ଗୋରୁଗାଈଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ ।

## ଅଳ୍ପରେ

➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।



➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି. ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



## ଆଖୁ କିଆରିରେ ଜଳ ପରିଚାଳନା

**ଆ**ଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ ଖୋଷା କିମ୍ବା ୪ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଳିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



# ଛେଳି ପାଳନ: ଆର୍ଥିକ ପ୍ରଗତି ଓ ବେକାରି ସମସ୍ୟା



ଡା. ସୁବ୍ରତ ପାଣିଗ୍ରାହୀ

**ଗୋ**ଗୋଟିଏ ରାଜ୍ୟ ବା ଗୋଟିଏ ଜାତିର ଉତ୍ଥାନ ପାଇଁ ତା'ର ଅର୍ଥନୈତିକ ଓ ସାମାଜିକ ଉନ୍ନତି ହିଁ ପ୍ରଥମ ମାନଦଣ୍ଡ। ଆମ ରାଜ୍ୟର ଜନସଂଖ୍ୟାରେ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ ଓ ମହିଳାମାନଙ୍କର ସଂଖ୍ୟା ୬୦ଭାଗରୁ ଅଧିକ ହୋଇଥିଲେ ମଧ ଦୃଢ଼ ଇଚ୍ଛାଶକ୍ତିର ଅଭାବ ଅନେକାଂଶରେ ରହିଛି। ଏଥିଯୋଗୁ ଏମାନେ ଆଜି ମଧ ଓଡ଼ିଶାର ଅର୍ଥନୈତିକ, ସାମାଜିକ ଓ ପ୍ରଗତିରେ ସାମିଲ ହୋଇ ପାରିନାହାନ୍ତି। କୃଷିପ୍ରଧାନ ରାଜ୍ୟ ଓଡ଼ିଶାର ଶତକଡା ୭୦ଭାଗ ଲୋକଙ୍କର ଜୀବନ ଧାରଣ ଓ ଆର୍ଥିକ ଉନ୍ନତି ପାଇଁ କୃଷି ସହିତ ପଶୁପାଳନ ହିଁ ମୁଖ୍ୟ ପନ୍ଥା। ପଶୁ ପାଳନ ବୃତ୍ତି ମଧ୍ୟରେ ଛେଳି ପାଳନ ହିଁ ଉପରୋକ୍ତ ଶ୍ରେଣୀୟ ବ୍ୟକ୍ତିମାନଙ୍କ ପାଇଁ ଅଧିକ ଉପଯୋଗୀ, କାରଣ ଗାଈ ଓ କୁକୁଡ଼ା ପାଳନ ତୁଳନାରେ ଏହି ଚାଷରେ ଅପେକ୍ଷାକୃତ କମ୍ ମୂଳଧନ ବିନିଯୋଗରେ ଅଧିକ ଲାଭ ମିଳିଥାଏ। ଛେଳିଗୁହାଳ ପ୍ରସ୍ତୁତି ପାଇଁ ବିଶେଷ ସ୍ଥାନ ଓ ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ଛେଳି ଆକାରରେ ଛୋଟ ଏବଂ ଶାନ୍ତଶିଷ୍ଟ ହୋଇଥିବାରୁ ପିଲାମାନେ ଅବସର ସମୟରେ ଏବଂ ସ୍ତ୍ରୀ ଲୋକମାନେ ଘର କାମସାରି ଏହାର ପରିଚାଳନା କରିପାରିବେ। ଏମାନେ ସାଧାରଣତଃ ଡାଳ, ଘାସ, ପତ୍ର, ଲତା, ରୋଷେଇଶାଳାର ବର୍ଜ୍ୟବସ୍ତୁ ଉପରେ ନିର୍ଭର କରିଥାଆନ୍ତି। ଏମାନଙ୍କ ଦାନା ଏବଂ ସବୁଜଖାଦ୍ୟ ପାଇଁ ବିଶେଷ ଖର୍ଚ୍ଚର ଆବଶ୍ୟକତା ପଡ଼େ ନାହିଁ। ପ୍ରଜନନ କ୍ଷମତା ଗାଈଙ୍କ ତୁଳନାରେ ଅଧିକ (ଥରକେ ୨ଟି ଛୁଆ ଜନ୍ମ କରନ୍ତି), ଅପେକ୍ଷାକୃତ କମ୍ ରୋଗରେ ପଡ଼ନ୍ତି ଏବଂ ଛେଳିଲଣ୍ଡି ଗୋରୁଙ୍କ ଗୋବରଠାରୁ ଅଧିକ ପୋଷକର ଅଧିକାରୀ। ଛେଳି ମାଂସ ସୁସ୍ୱାଦୁ, ମାଂସାହାରୀ ଲୋକଙ୍କ ଦ୍ୱାରା ଅଧିକ ଗ୍ରହଣୀୟ। ଏହାର ବିକ୍ରିବଟାରେ ଅସୁବିଧା ନ ଥିବାରୁ ଓ ବଜାର ଦର ଯଥେଷ୍ଟ ଅଧିକ ହୋଇଥିବାରୁ ଚାଷୀ ଏଥିରୁ ଭଲ ଦୁଇପଇସା ରୋଜଗାର କରିପାରେ। ଛେଳି କ୍ଷୀର କ୍ଷାରୀୟ, କ୍ଷୁଦ୍ର ଚର୍ବିଜାତୀୟ ଜୀବକୋଷଯୁକ୍ତ, ସହଜରେ ହଜମ ହୋଇଥାଏ। ତେଣୁ ଏହା ଅମ୍ଳ ରୋଗୀ, ବଦହଜମୀ, ପେପ୍ଟିକ୍‌ଅଲସର୍, ଏକ୍‌ଜିମା, ଆଲର୍ଜି, ଶିଶୁଙ୍କ ତରଳ ଝାଡ଼ା, ଯକ୍ଷ୍ମା ରୋଗୀଙ୍କ ପାଇଁ ଅଧିକ ଉପାଦେୟ। ଏହାର ବିଭିନ୍ନ ଦୁଗ୍ଧଜାତ ପଦାର୍ଥ ବ୍ୟବହାର ପାଇଁ ଉତ୍ତମ । ଛେଳିର ଲୋମ ବା ପାଶ୍ମିନାରୁ କଶ୍ମୀର ସାଲ ସମେତ ବିଭିନ୍ନ ଗରମ ପୋଷାକ, ଚମଡ଼ାରୁ ବିଭିନ୍ନ ବାଦ୍ୟଯନ୍ତ୍ର ଓ ଚମଡ଼ା ସାମଗ୍ରୀ ନିର୍ମିତ ହୋଇଥାଏ।

ଛେଳିର ପରିବର୍ତ୍ତିତ ଜଳବାୟୁ ସହ୍ୟ କରିବାର ଅଧିକ କ୍ଷମତା ଥିବାରୁ ଫସଲ ହାନି ସମୟରେ ଏହା ବ୍ୟକ୍ତିବିଶେଷଙ୍କର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଓ ଗରିବ ମହିଳାମାନଙ୍କର ଗାଈଟିଏ କିଣିବାକୁ ଓ କୁକୁଡା ଫାର୍ମଟିଏ କରିବାକୁ ଅଧିକ ପଇସା ନ ଥିଲେ ମଧ ଛେଳିମାନଙ୍କୁ ଅପେକ୍ଷାକୃତ କମ୍ ପଇସାରେ କିଣି ଛୋଟ ସ୍ଥାନ ଓ କମ୍ ଖର୍ଚ୍ଚଯୁକ୍ତ ଘରେ ପାଳନ କରିପାରିବେ। ଏହାର ମାଂସ, ଦୁଗ୍ଧ ଓ ଚମଡ଼ା ବିକ୍ରିକରି ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ ରଖିବା ସଙ୍ଗେ ସଙ୍ଗେ ଋଣ ପରିଶୋଧ କରିପାରିବେ। ତେଣୁ ଏହାକୁ 'ଗରିବ ଲୋକର ଗାଈ' ଓ 'ଗରିବର ଋଣ ପରିଶୋଧକାରୀ' ଆଖ୍ୟା ଦିଆଯାଏ। ଏତେସବୁ ଉପକାର ସତ୍ତ୍ୱେ ଛେଳି ପାଳନକୁ ବ୍ୟକ୍ତିଗତ, ସମୂହ କିମ୍ବା ସରକାରୀ ସ୍ତରରେ ଅଧିକ ପ୍ରୋତ୍ସାହନର ଆବଶ୍ୟକତା ରହିଛି।

> "ଛେଳିର ପରିବର୍ତ୍ତିତ ଜଳବାୟୁ ସହ୍ୟ କରିବାର ଅଧିକ କ୍ଷମତା ଥିବାରୁ ଫସଲହାନି ସମୟରେ ଏହା ବ୍ୟକ୍ତିବିଶେଷଙ୍କର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଓ ଗରିବ ମହିଳାମାନଙ୍କର ଗାଈଟିଏ କିଣିବାକୁ ଓ କୁକୁଡ଼ା ଫାର୍ମଟିଏ କରିବାକୁ ଅଧିକ ପଇସା ନ ଥିଲେ ମଧ ଛେଳିଙ୍କୁ ଅପେକ୍ଷାକୃତ କମ୍ ପଇସାରେ କିଣି ଛୋଟ ସ୍ଥାନ ଓ କମ୍ ଖର୍ଚ୍ଚଯୁକ୍ତ ଘରେ ପାଳନ କରିପାରିବେ । ଏହାର ମାଂସ, ଦୁଗ୍ଧ ଓ ଚମଡ଼ା ବିକ୍ରି କରି ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ ରଖିବା ସଙ୍ଗେ ସଙ୍ଗେ ଋଣ ପରିଶୋଧ କରିପାରିବେ। ତେଣୁ ଏହାକୁ 'ଗରିବ ଲୋକର ଗାଈ' ଓ 'ଗରିବର ଋଣ ପରିଶୋଧକାରୀ' ଆଖ୍ୟା ଦିଆଯାଏ।"



ଛେଳିପାଳନକୁ କେତେକ ଏକ ଅସମ୍ମାନ ଜନକ ଓ ନିମ୍ନମାନର ବୃତ୍ତି ବୋଲି ଭାବିଥାଆନ୍ତି। ହେଲେ ଏଭଳି ଧାରଣା ପ୍ରଥମେ ମନରୁ ଦୂର ହେବା ନିହାତି ଦରକାର। ଓଡ଼ିଶାରେ ଆବଶ୍ୟକ ପରିମାଣର ଚାରଣ ଭୂଇଁ, ଜଙ୍ଗଲଜମି ରହିଛି । ଏଠାରେ ଆବଶ୍ୟକ ବର୍ଷା (୧୨୦୦-୧୪୨୫ମି.ମି.) ଓ ଉର୍ବର ମୃତ୍ତିକା ଯଥେଷ୍ଟ ପରିମାଣରେ ରହିଛି, ଯେଉଁଥିରେ ଛେଳିମାନଙ୍କ ପାଇଁ ଆବଶ୍ୟକ ପରିମାଣର ସବୁଜଖାଦ୍ୟ ସୃଷ୍ଟି କରାଯାଇପାରିବ। ଛେଳି ଏକ ଛୋଟ ପ୍ରାଣୀ ଏବଂ ଏହାର ବିକ୍ରିବଟା ପାଇଁ କୌଣସି ପ୍ରତିବନ୍ଧକ ନ ଥିବାରୁ ଦରକାର ସମୟରେ ଏହାକୁ ବିକ୍ରିବଟା କରି ବେଶ୍ ଦୁଇ ପଇସା ରୋଜଗାର କରାଯାଇ ପାରୁଥିବାରୁ ଏହାକୁ ଏଟିଏମ୍ ଯନ୍ତ୍ର ଆଖ୍ୟା ଦିଆଯାଏ। ଅଳ୍ପ ଖର୍ଚ୍ଚରେ ଅଧିକ ଓ ବିଭିନ୍ନ ପ୍ରକାରର ଉତ୍ପାଦ (ମାଂସ,ଦୁଗ୍ଧ,ଲୋମ ଓ ଚମଡ଼ା) ତଦନୁସାରେ ଅଧିକ କାର୍ଯ୍ୟ ଦିବସ ଓ ରୋଜଗାର ସୃଷ୍ଟି ହିଁ ଛେଳି ଚାଷର ପ୍ରଧାନ ବୈଶିଷ୍ଟ୍ୟ।

ଛେଳିଚାଷରୁ ଉପଯୁକ୍ତ ଲାଭ ପାଇବାକୁ ହେଲେ ଛେଳିର ଉପଯୁକ୍ତ ଯତ୍ନ ଓ ଏହା ଦ୍ୱାରା ସୁସ୍ଥ ଓ ଅଧିକ ସନ୍ତାନ (ଛେଳିଛୁଆ) ଜନ୍ମ ମୂଳ ଲକ୍ଷ୍ୟ ହେବା ଉଚିତ। ଏହି ଯତ୍ନ ମଧ୍ୟରେ ଗୁହାଳକୁ ନିୟମିତ ପରିଷ୍କାର ପରିଛନ୍ନ ରଖିବା, ସନ୍ତୁଳିତ ଖାଦ୍ୟ ବ୍ୟବସ୍ଥା (ପ୍ରଜନନ ପୂର୍ବରୁ ଓ ପରେ, ଗର୍ଭାବସ୍ଥାରେ ଓ ଶାବକମାନଙ୍କୁ ଦୁଗ୍ଧ ଦେଉଥିବା ସମୟରେ) ସୃଷ୍ଟି ହିଁ ଜରୁରୀ। ଏହା ଦ୍ୱାରା ମା' ଛେଳିମାନେ ୨-୩ଟି ଛୁଆ ଜନ୍ମ କରିପାରିବେ ଏବଂ ଅଣ୍ଡିରା ଛେଳିଙ୍କ ପାଖରୁ ସୁସ୍ୱାଦୁ ଓ ଅଧିକ ମାଂସ ଉତ୍ପାଦନ କରାଯାଇପାରିବ। ଦେଶୀ ଛେଳିଙ୍କୁ କେବଳ ବିଲବାଡିରେ ଛଡ଼ାଯାଇ ପାଳନ ନ କରି ସେମାନଙ୍କ ପାଇଁ ଚାରଣ ଭୂଇଁ ସୃଷ୍ଟି କରି ସବୁଜ ଖାଦ୍ୟ ବ୍ୟବସ୍ଥା କରିବା ଉଚିତ। ଅନ୍ତଃ ଓ ବହିଃ ପରଜୀବୀ ରୋଗ, ଛେଳିମଡକ, ଫାଟୁଆ, ଛେଳି ବସନ୍ତ ଆଦି ମୁଖ୍ୟ ଭୂତାଣୁଜନିତ; ସାହାଣା, ବଜବଜିଆ ଆଦି ବୀଜାଣୁଜନିତ ରୋଗଗୁଡ଼ିକ ଅନେକ ସମୟରେ ଛେଳି ପାଳନରେ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଥାଏ ଓ ଏହି ରୋଗଗୁଡ଼ିକର ଆକ୍ରମଣ ଯୋଗୁ ସମୟ ସମୟରେ ସମସ୍ତ ଛେଳି ମୃତ୍ୟୁମୁଖରେ ପଡ଼ନ୍ତି। ତେଣୁ ଛେଳିଙ୍କ ପାଇଁ ସଫାସୁତରା ପରିବେଶ, ଉନ୍ନତମାନର ବାସଗୃହ, ବିଭିନ୍ନ ରୋଗର ପ୍ରତିଷେଧକ ଟିକା, ସମୟୋଚିତ କୃମିନାଶ ଔଷଧର ବ୍ୟବହାର ଓ ଉପଯୁକ୍ତ ଖାଦ୍ୟପେୟର ବ୍ୟବସ୍ଥା କରାଯିବା ଉଚିତ।

ଜାତୀୟକରଣ ବ୍ୟାଙ୍କଗୁଡ଼ିକ କମ୍ ସୁଧରେ ଏବଂ ସରଳୀକରଣ ଉପାୟ ଅବଲମ୍ବନ କରି ଠିକ୍ ସମୟରେ ଋଣ ପ୍ରଦାନ କରିବା ଦରକାର। ରାଜ୍ୟର ଶିକ୍ଷିତ ବେକାର ଯୁବତୀଯୁବକମାନେ ଏହା ଏକ ସମ୍ମାନ ହାନିକାରକ ବୃତ୍ତି ବୋଲି ମନରୁ ପରିତ୍ୟାଗ କରି ଛେଳିପାଳନକୁ ଅଧିକ ଯତ୍ନର ସହିତ ଆଗକୁ ନେବାକୁ ଚେଷ୍ଟା କରିବା ଉଚିତ। ଛେଳି ପାଳନର ସମସ୍ତ ଉତ୍ତମ ଦିଗକୁ ସର୍ବସାଧାରଣରେ ଅବଗତ କରାଇବା ପାଇଁ ଗଣମାଧ୍ୟମ, ପ୍ରାଥମିକ ସ୍ତରରୁ ମାଧ୍ୟମିକ ଓ କଲେଜ ପର୍ଯ୍ୟନ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଛେଳିଚାଷର ଗୁରୁତ୍ୱ ବିଷୟରେ ଉପଯୁକ୍ତ ପ୍ରଚାର ପ୍ରସାର କରିବା ଉଚିତ। ଓଡ଼ିଶାରେ ଛେଳି ମାଂସ, କ୍ଷୀର, ଚମଡା, ଲୋମର ଚାହିଦା ମେଣ୍ଟାଇବା ପାଇଁ ଶିକ୍ଷିତ ବେକାର ଯୁବତୀ ଯୁବକ, ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଗରିବ ମହିଳାମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ଓ କର୍ମନିଯୁକ୍ତି ସୃଷ୍ଟି ପାଇଁ ଛେଳିପାଳନକୁ ଏକ ମର୍ଯ୍ୟାଦାଜନକ ବୃତ୍ତିରେ ପରିଣତ କରିବା ପାଇଁ ସବୁ ବର୍ଗର ଲୋକ ଓ ସରକାରୀ ବିଭାଗର କର୍ମକର୍ତ୍ତାମାନେ ଆଗେଇ ଆସିବା ଉଚିତ।

-ଏ-୩୦, ଆର.କେ. ଭିଲା,
(ବ୍ରାହ୍ମଣଝରିଲୋ କଲେଜ,ଖୁଣ୍ଟୁଣି ପାଖ),
କଟକ, ମୋ: ୮୪୮୦୪୧୧୬୭୩

## ପନିପରିବା ଚାଷରେ ରୋଗ ପୋକ ନିୟନ୍ତ୍ରଣ



**ବି**ଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ରୁ ୨୫ କୁଣ୍ଟାଲ୍ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ।

# ରୁଆ ଧାନରେ ସାର ପ୍ରୟୋଗ

**ବି**ଳମ୍ବରେ ରୁଆ ଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋର୍‌ପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁ.ଜି. ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗ କଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ାପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୨/୨୦୨୫ Bhubaneswar, Wednesday, October 22/ 2025

# ବାଂଲାଦେଶ ଏଲିମିନେଟ୍

**ଦିନିକିଆ ମହିଳା କ୍ରିକେଟ୍ ବିଶ୍ୱକପ୍**

- ୧୨ ବଲ୍‌ରୁ ୧୨ ରନ୍ କରିପାରିଲାନି ବାଂଲାଦେଶ
- ଶ୍ରୀଲଙ୍କା ୭ ରନ୍‌ରେ ବିଜୟୀ

ନଭି ମୁମ୍ବାଇ, ୨୧।୧୦

ଚଳିତ ଆଇସିସି ଦିନିକିଆ ମହିଳା କ୍ରିକେଟ୍ ବିଶ୍ୱକପ୍‌ରୁ ପ୍ରଥମ ଦଳ ଭାବେ ବାଂଲାଦେଶ ଏଲିମିନେଟ୍ ହୋଇଛି। ଶେଷ ୨ ଓଭରରୁ ୧୨ ରନ୍ କରି ନ ପାରିବା ଏବଂ ଅନ୍ତିମ ଓଭରରେ ମାତ୍ର ୧ ରନ୍‌କରି ଗୋଟିଏ ରନ୍‌ଆଉଟ ସହ ୪ଟି ଉଇକେଟ ହରାଇବା ଦଳ ପାଇଁ ମହଙ୍ଗା ପଡ଼ିଛି। ନାଟକୀୟ ଭାବେ ଶେଷ ହୋଇଥିବା ଏହି ମ୍ୟାଚ୍‌ରେ ବାଂଲାଦେଶ ୭ ରନ୍‌ରେ ଶ୍ରୀଲଙ୍କାଠାରୁ ହାରିଯାଇଛି। ଫଳରେ ୬ ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ପରାଜୟ ସହିତ ଦଳ ମାତ୍ର ୨ ପଏଣ୍ଟ ପାଇଛି। ଆସନ୍ତା ୨୬ରେ ଏହି ଦଳ ଭାରତ ବିପକ୍ଷ ମ୍ୟାଚ୍ କେବଳ ଔପଚାରିକତା ଦୃଷ୍ଟିରୁ ଖେଳିବ।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଦଳ ୪୮.୪ ଓଭରରେ ୨୦୨ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ହସିନି ପେରେରା ସର୍ବାଧିକ ୮୫ ଓ ଅଧିନାୟିକା ଚାମରି ଅଟାପାଟ୍ଟୁ ୪୬ ରନ୍ କରିଥିଲେ। ବାଂଲାଦେଶ ବୋଲରଙ୍କ ମଧ୍ୟରେ ଶୋର୍ନା ଅକ୍ତର ୩ଟି ଓ ରବେୟା ଖାଁ ୨ଟି ଉଇକେଟ ନେଇଥିଲେ। ୨୦୩ ରନ୍ ବିଜୟ ଲକ୍ଷ୍ୟରେ ବାଂଲାଦେଶ ୪୮ ଓଭର ବେଳକୁ ମାତ୍ର ୪ ଉଇକେଟ ହରାଇ ୧୯୧ ରନ୍‌କରି ବିଜୟଦ୍ୱାରରେ ପହଞ୍ଚିଯାଇଥିଲା। ଶେଷ ୧୨ ବଲ୍‌ରୁ ୧୨ ରନ୍ ସହଜ ମନେହେଉଥିବାବେଳେ ବାଂଲାଦେଶ ୪୯ତମ ଓଭରରେ ୧ ଉଇକେଟ ହରାଇ ୩ ରନ୍ ସଂଗ୍ରହ କରିଥିଲା। ଫଳରେ ଶେଷ ଓଭରରୁ ବିଜୟ ପାଇଁ ୯ ରନ୍ ଆବଶ୍ୟକ ହେଉଥିଲା। ମାତ୍ର ଅନ୍ତିମ ଓଭରରେ ବୋଲିଂଭାର ନିଜ ଉପରକୁ ନେଇଥିବା ଚାମରି ତାଙ୍କ ପ୍ରଥମ ବଲ୍‌ରେ ରବେୟା ଖାଁଙ୍କୁ ଆଉଟ୍ କରିଥିବାବେଳେ ଦ୍ୱିତୀୟ ବଲ୍‌ରେ ରନ୍ ନେବାକୁ ଯାଇ ନହିଦା ଅକ୍ତର ରନ୍‌ଆଉଟ ହୋଇଥିଲେ। ତୃତୀୟ ବଲ୍‌ରେ ନିଗାର ସୁଲତାନା ଏବଂ ୪ର୍ଥ ବଲ୍‌ରେ ମାରୁଫା ଅକ୍ତରଙ୍କୁ ଆଉଟ୍‌କରି ବାଂଲାଦେଶକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ ଚାମରି। ୫ମ ବଲ୍‌ରୁ ୧ ରନ୍ ନେଇଥିବାବେଳେ ୬ଷ୍ଠ ବଲ୍‌ରୁ କୌଣସି ରନ୍ ନେଇପାରି ନ ଥିଲେ ଅକ୍ତର ନିଶି। ଫଳରେ ଆଶ୍ଚର୍ଯ୍ୟଜନକ ଭାବେ ଶ୍ରୀଲଙ୍କା ବିଜୟ ହାସଲ କରିଥିଲା। ବାଂଲାଦେଶ ବ୍ୟାଟରଙ୍କ ମଧ୍ୟରେ ନିଗାର ସୁଲତାନା ସର୍ବାଧିକ ୭୭ ଓ ଶର୍ମିନ ଅକ୍ତର ୬୪* ରନ୍ କରିଥିଲେ। ଶ୍ରୀଲଙ୍କାର ହସିନି ପେରେରା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ୬ ମ୍ୟାଚ୍‌ରୁ ୪ ପଏଣ୍ଟରେ ପହଞ୍ଚି ଯାଇଥିବାରୁ ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି।



ଶେଷ ଓଭରରେ ଉଇକେଟ ନେବାପରେ ଉଲ୍ଲସିତ ଚାମରି ଅଟାପାଟ୍ଟୁ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୮.୪ ଓଭରରେ ୨୦୨/ଅଲ୍‌ଆଉଟ (ହସିନି ପେରେରା–୮୫, ଚାମରି ଅଟାପାଟ୍ଟୁ–୪୬, ଶୋର୍ନା ଅକ୍ତର–୩/୨୭, ରବେୟା ଖାଁ–୨/୩୯, ମାରୁଫା ଅକ୍ତର–୧/୩୬, ନିଶି ଅକ୍ତର–୧/୩୫, ନାହିଦା ଅକ୍ତର–୧/୩୦)। ବାଂଲାଦେଶ ୫୦ ଓଭରରେ ୧୯୫/୯ (ନିଗାର ସୁଲତାନା–୭୭, ଶର୍ମିନ ଅକ୍ତର–୬୪*, ଚାମରି ଅଟାପାଟ୍ଟୁ–୪/୪୨, ସୁଗନ୍ଧିକା କୁମାରୀ–୨/୩୮, ଉଦେଶିକା ପ୍ରବୋଧିନୀ–୧/୨୯)।

# ପାକିସ୍ତାନ ଦଳରେ ୩୯ ବର୍ଷୀୟ ସ୍ପିନର ଅସିଫ୍

ରାଓ୍ୱଲପିଣ୍ଡି, ୨୧।୧୦(ପି.ଟି.): ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ମ୍ୟାଚ୍ ରାଓ୍ୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଥିବା ବେଳେ ଏଥିରେ ପାକିସ୍ତାନ ଦଳରୁ ଟେଷ୍ଟ ପଦାର୍ପଣ କରିଛନ୍ତି ୩୯ ବର୍ଷୀୟ ବାମହାତୀ ସ୍ପିନର ଅସିଫ୍ ଆଫ୍ରିଦି। ଏହି ଖେଳାଳି ଜଣକ ଇତିମଧ୍ୟରେ ସ୍ପଟ୍ ଫିକ୍ସିଂ ମାମଲାରେ ୬ ମାସ ବାସନ୍ଦ ଦଣ୍ଡ ଭୋଗିସାରି ଫେରିଛନ୍ତି। ଚୟନକର୍ତ୍ତାମାନେ ପୁରୁଖା ଖେଳାଳି ଆବ୍ରାର ଅହମଦଙ୍କ ସ୍ଥାନରେ ଆଫ୍ରିଦିଙ୍କୁ ପସନ୍ଦ କରିଛନ୍ତି। ବର୍ତ୍ତମାନ ସେ ନିୟମିତ ସ୍ପିନର ନୋମାନ ଅଲ୍ଲୀ ଓ ଅଫ୍ ସ୍ପିନର ସାଜିଦ୍ ଖାନ୍‌ଙ୍କ ସହିତ ବୋଲିଂ କରୁଛନ୍ତି। ଘରୋଇ କ୍ରିକେଟ୍‌ରେ ସ୍ପଟ୍ ଫିକ୍ସିଂ ପାଇଁ ଆଫ୍ରିଦିଙ୍କୁ ଏକ ବର୍ଷ ବାସନ୍ଦ କରାଯାଇଥିଲା। ମାତ୍ର ପାକିସ୍ତାନ କ୍ରିକେଟ୍ ବୋର୍ଡ(ପିସିବି) ଏହି ଦଣ୍ଡକୁ ୬ ମାସ କୋହଳକରି ଜାତୀୟ ଦଳ ତରଫରୁ ଖେଳିବା ପାଇଁ ମନୋନୀତ କରିଛି। ଦଣ୍ଡ ହ୍ରାସ ସମ୍ପର୍କରେ ପିସିବି ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଯାଇନାହିଁ। ମ୍ୟାଚ୍‌ରେ ପାକିସ୍ତାନ ଏକମାତ୍ର ପେସ୍ ବୋଲର ଶାହିନ ଶାହ ଆଫ୍ରିଦିଙ୍କୁ ନେଇ ଖେଳାଉଛି।

# ଭର୍ଷ୍ଟାପେନ୍ ଜିତିଲେ ୟୁଏସ୍ ଗ୍ରାଁପ୍ରି



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ।

ଅଷ୍ଟିନ(ୟୁଏସ୍), ୨୧।୧୦

ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ୟୁଏସ୍ ଫର୍ମୁଲା ଓ୍ୱାନ୍ ଗ୍ରାଁପ୍ରି ମୋଟର ରେସ୍ ଜିତିଛନ୍ତି। ଗତ ୪ଟି ରେସ୍‌ରେ ଏହା ହେଉଛି ତାଙ୍କର ତୃତୀୟ ବିଜୟ। ରବିବାରର ଫଳାଫଳ ପରେ ଚାମ୍ପିୟନଶିପ୍ ଟାଇଟଲ ଦୌଡ଼ରେ ମ୍ୟାକ୍‌ଲରେନ୍‌ର ଲାଣ୍ଡୋ ନୋରିସ୍ ଓ ତାଙ୍କ ଟିମ୍‌ମେଟ୍ ଓସ୍କାର ପିଆଷ୍ଟ୍ରିଙ୍କ ଉପରେ ଚାପ ସୃଷ୍ଟି କରିପାରିଛନ୍ତି ଭର୍ଷ୍ଟାପେନ୍। ଚଳିତ ସିଜନର ଆଉ ୫ଟି ଗ୍ରାଁପ୍ରି ଓ ଦୁଇଟି ସ୍ପ୍ରିଣ୍ଟ ରେସ୍ ବାକି ରହିଥିବା ବେଳେ ଫର୍ମୁଲା ଓ୍ୱାନ୍ ଷ୍ଟାଣ୍ଡିଂର ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରି ଓ ଦ୍ୱିତୀୟ ସ୍ଥାନରେ ଥିବା ନୋରିସ୍‌ଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୧୪କୁ ହ୍ରାସ ପାଇଛି। ଏହି ତାଲିକାରେ ଭର୍ଷ୍ଟାପେନ୍ ୩ୟ ସ୍ଥାନରେ ରହିଛନ୍ତି। ପିଆଷ୍ଟ୍ରି ଓ ତାଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୪୦ ରହିଛି। ରବିବାର ରେସ୍‌ରେ ନୋରିସ୍ ଓ ପିଆଷ୍ଟ୍ରି ଯଥାକ୍ରମେ ଦ୍ୱିତୀୟ ଓ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କ ମଧ୍ୟରେ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ ଫେରାରିର ଚାର୍ଲ୍ସ ଲେକ୍‌ଲେରକ ଓ ଲୁଇସ୍ ହାମିଲଟନ। ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଜର୍ଜ ରସେଲ(ମର୍ସିଡିଜ୍), ୟୁକି ଟ୍ସୁନୋଡା(ରେଡ୍‌ବୁଲ୍), ନିକୋ ହକେନ୍‌ବର୍ଗ(ସୌବେର), ଅଲିଭର ବିଅରମାନ (ହାସ୍) ଓ ଫର୍ନାଣ୍ଡୋ ଆଲୋଁସୋ(ଆଷ୍ଟନ ମାର୍ଟିନ)। ଚଳିତ ସିଜନର ପରବର୍ତ୍ତୀ ରେସ୍ ମେକ୍ସିକାନ୍ ଗ୍ରାଁପ୍ରି ଅକ୍ଟୋବର ୨୬ରେ ଅନୁଷ୍ଠିତ ହେବ।

# ୧୭ ବର୍ଷରୁ କମ୍ ମହିଳା ଦଳକୁ ୨୫,୦୦୦ ଡଲାର ପୁରସ୍କାର

ନୂଆଦିଲ୍ଲୀ, ୨୧।୧୦ (ପି.ଟି.): ନିକଟରେ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆ କପ୍ ପାଇଁ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ମହିଳା ଦଳ ଲାଗି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ମଙ୍ଗଳବାର ୨୫,୦୦୦ ଆମେରିକୀୟ ଡଲାର ପୁରସ୍କାର ଘୋଷଣା କରିଛି। ଭାରତ ବିଶ୍‌କେକ୍‌ଠାରେ ଗତ ସପ୍ତାହରେ ଉଭୟ କିର୍‌ଗିଜ୍‌ସ୍ତାନ ଓ ଉଜ୍‌ବେକିସ୍ତାନକୁ ସମାନ ୨–୧ ଗୋଲ୍ ବ୍ୟବଧାନରେ ପରାସ୍ତକରି ଗ୍ରୁପ୍ 'ଜି'ର ଶୀର୍ଷ ସ୍ଥାନରେ ରହିଥିଲା। ଫଳରେ ଏହି ବୟସ ବର୍ଗରେ ଭାରତ ପ୍ରଥମଥର ମହାଦେଶୀୟ ଯୋଗ୍ୟତା ହାସଲ କରିପାରିଛି। ଭାରତର ୧୭ ବର୍ଷରୁ କମ୍ ଦଳ ୨୦୦୫ ଏସିଆ କପ୍‌ରେ ମଧ୍ୟ ଅଂଶଗ୍ରହଣ କରିଥିଲା। ସେତେବେଳେ ଯୋଗ୍ୟତା ପର୍ଯ୍ୟାୟ ବ୍ୟବସ୍ଥା ନ ଥିଲା।

# ଦାମୋଦର ମେମୋରିଆଲ କରାଟେ ଉଦ୍‌ଯାପିତ




ପ୍ରତିଯୋଗିତା ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

ଭୁବନେଶ୍ୱର, ୨୧।୧୦ (ଅନାଦି କର)

ମଞ୍ଚେଶ୍ୱର ରେଲ୍‌ୱେ ଇନ୍‌ଡୋର ଷ୍ଟାଡିୟମରେ ତୃତୀୟ ବାର୍ଷିକ ସର୍ବଭାରତୀୟ ଦାମୋଦର ମେମୋରିଆଲ ଓପନ୍ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ଟି ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର କରାଟେକାମାନେ ଭାଗ ନେଇଥିଲେ। ଏଥିରେ ନାରାୟଣ ସ୍କୁଲ ଭୁବନେଶ୍ୱର ଦଳ ଚାମ୍ପିୟନ ହୋଇଥିବା ବେଳେ ପୁରୁଷ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଭାବେ ଆସାମ ଦଳର ହିମାଂଶୁ ଡେକାଙ୍କୁ ବିବେଚିତ କରାଯାଇଥିଲା। ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପ୍ରଶାନ୍ତ କୁମାର ନାୟକ, ବୈଦ୍ୟନାଥ ଦାସ, ଦାମୋଦର ସ୍ପୋର୍ଟ୍ସ ଏକାଡେମୀ ମେମୋରିଆଲ ପ୍ରତିଷ୍ଠାତା ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ପନ୍ତଙ୍କୁ ଭାରତ–ଏ' ଦଳର ନେତୃତ୍ୱ

**ସର୍ଫରାଜଙ୍କ ସ୍ଥାନ ନାହିଁ**

ନୂଆଦିଲ୍ଲୀ, ୨୧।୧୦(ପି.ଟି.)

ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ପାଦ ଫ୍ରାକ୍‌ଚରରୁ ରିକଭର କରିଥିବା ଭାରତୀୟ ଉଇକେଟ୍‌କିପର–ବ୍ୟାଟର ରିଷଭ ପନ୍ତଙ୍କୁ ମଙ୍ଗଳବାର ଦକ୍ଷିଣ ଆଫ୍ରିକା–ଏ' ବିପକ୍ଷ ରେଡ୍–ବଲ୍ ସିରିଜ୍ ଲାଗି ଭାରତ–ଏ' ଦଳର ଅଧିନାୟକ କରାଯାଇଛି। ଆସନ୍ତା ୩୦ ତାରିଖରୁ ଆରମ୍ଭ ହେଉଥିବା ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ବେଙ୍ଗାଲୁରୁରେ ଖେଳାଯିବ। ଯଦ୍ୱାରା ନଭେମ୍ବର ୧୪ରୁ କୋଲ୍‌କାତାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ଲାଗି ପନ୍ତଙ୍କୁ ଯଥେଷ୍ଟ ମ୍ୟାଚ୍ ପ୍ରାକ୍ଟିସ୍ ସୁଯୋଗ ମିଳିପାରିବ। ଏହି ଦଳରେ ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପାଡ଼ିକଲ, ଉଇକେଟ୍‌କିପର ଧ୍ରୁବ ଜୁରେଲ, ପେସର ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଭଳି ଭାରତୀୟ ଟେଷ୍ଟ ଦଳର ସଦସ୍ୟ ରହିଛନ୍ତି। ଏହି ସମସ୍ତ ଖେଳାଳି ନିକଟରେ ଶେଷ ହୋଇଥିବା ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ରେ ଖେଳିଥିଲେ। ଅନ୍ୟପକ୍ଷରେ ମିଡଲ ଅର୍ଡର ବ୍ୟାଟର ସର୍ଫରାଜ ଖାନ୍ ବାଦ୍ ପଡ଼ିଛନ୍ତି। ଫିଟ୍‌ନେସ୍ କାରଣରୁ ପୂର୍ବରୁ ଖୁବ୍ ସମାଲୋଚିତ ହୋଇଥିବା ସର୍ଫରାଜ ନିଜ ଓଜନ କମାଇବା ସହ ଚଳିତ ରଣଜୀ ଟ୍ରଫି ସିଜନର ପ୍ରଥମ ମ୍ୟାଚ୍‌ରେ ୭୪ ରନ୍‌ର ଇନିଂସ ଖେଳିଥିଲେ।



ପ୍ରଥମ ମ୍ୟାଚ୍ ପାଇଁ ଭାରତ–ଏ' ଦଳ: ରିଷଭ ପନ୍ତ(ଅଧିନାୟକ ଓ ଉଇକେଟ୍‌କିପର), ଆୟୁଷ ମହାତ୍ରେ, ଏନ୍. ଜଗଦୀଶନ(ଉଇକେଟ୍‌କିପର), ସାଇ ସୁଦର୍ଶନ (ଉପଅଧିନାୟକ), ଦେବଦତ୍ତ ପାଡ଼ିକଲ, ରଜତ ପଟିଦାର, ହର୍ଷ ଦୁବେ, ତନୁଶ୍ କୋଟିଆନ, ମାନବ ସୁଥର, ଅଂଶୁଲ କାମ୍ବୋଜ, ୟଶ୍ ଠାକୁର, ଆୟୁଷ ବଦୋନୀ, ସାରାଂଶ ଜୈନ। ଦ୍ୱିତୀୟ ମ୍ୟାଚ୍ ପାଇଁ ଭାରତ–ଏ ଦଳ: ରିଷଭ ପନ୍ତ (ଅଧିନାୟକ ଓ ଉଇକେଟ୍‌କିପର), ଲୋକେଶ ରାହୁଲ, ଧ୍ରୁବ ଜୁରେଲ (ଉଇକେଟ୍‌କିପର), ସାଇ ସୁଦର୍ଶନ (ଉପଅଧିନାୟକ), ଦେବଦତ୍ତ ପାଡ଼ିକଲ, ଋତୁରାଜ ଗାଏକ୍ୱାଡ, ହର୍ଷ ଦୁବେ, ତନୁଶ୍ କୋଟିଆନ, ମାନବ ସୁଥର, ଖଲିଲ ଅହମ୍ମଦ, ଗୁରନୁର ବ୍ରାର, ଅଭିମନ୍ୟୁ ଈଶ୍ୱରନ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ୍, ଆକାଶ ଦୀପ।

# ନକ୍‌ଭି ଜିଦ୍‌ରେ ଅଟଳ

**ଏସିଆ କପ୍ ଟ୍ରଫି ବିବାଦ**

- ଆଇସିସି ହସ୍ତକ୍ଷେପ ଲୋଡ଼ିବ ବିସିସିଆଇ

ନୂଆଦିଲ୍ଲୀ, ୨୧।୧୦(ପି.ଟି.)

ଏସିଆ କପ୍ ଟ୍ରଫିକୁ ନେଇ ଲାଗିରହିଥିବା ବିବାଦ ଶେଷ ହେବାର ନାଁ ନେଉନାହିଁ। ଟୁର୍ନାମେଣ୍ଟ ଶେଷହେବାକୁ ୩ ସପ୍ତାହରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଟ୍ରଫି ଏପର୍ଯ୍ୟନ୍ତ ଚାମ୍ପିୟନ ଭାରତ ପାଖରେ ପହଞ୍ଚିନାହିଁ। ଶ୍ରୀଲଙ୍କା ଓ ଆଫଗାନିସ୍ତାନ ବୋର୍ଡର ସମର୍ଥନରେ ବିସିସିଆଇ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଏସିଆନ୍ କ୍ରିକେଟ କାଉନ୍‌ସିଲ (ଏସିସି) ମୁଖ୍ୟ ଥିବା ପାକିସ୍ତାନର ମନ୍ତ୍ରୀ ମହସିନ ନକ୍‌ଭି ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।



ମହସିନ ନକ୍‌ଭି

ବିସିସିଆଇ ସମ୍ପାଦକ, ବିସିସିଆଇର ଏସିସି ପ୍ରତିନିଧି ରାଜୀବ ଶୁକ୍ଲା ଓ ଏସିସିର ଅନ୍ୟ ସଦସ୍ୟ ବୋର୍ଡ ଶ୍ରୀଲଙ୍କା ଓ ଆଫଗାନିସ୍ତାନ ଗତ ସପ୍ତାହରେ ଭାରତକୁ ଟ୍ରଫି ପ୍ରଦାନ ଲାଗି ଏସିସି ସଭାପତି ନକ୍‌ଭିଙ୍କୁ ମେଲ୍ କରିଥିଲେ। ଏହାର ଉତ୍ତରରେ ବିସିସିଆଇରୁ କେହି ଜଣେ ଦୁବାଇ ଆସି ତାଙ୍କଠାରୁ ଟ୍ରଫି ନେଇଯିବା ଉଚିତ୍ ବୋଲି ନକ୍‌ଭି ଲେଖିଥିଲେ। ଏଥିଯୋଗୁ ଏହି ବିଷୟ ଆଗକୁ ବଢ଼ିପାରୁନାହିଁ। ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭାରତ ନକ୍‌ଭିଙ୍କଠାରୁ ଟ୍ରଫି ଗ୍ରହଣ କରିବ ନାହିଁ। ଏଣୁ ଏ ସମ୍ପର୍କରେ ନଭେମ୍ବରରେ ହେବାକୁଥିବା ଆଇସିସି ବୈଠକରେ ନିଷ୍ପତ୍ତି ନିଆଯିବାର ବିଶେଷ ସମ୍ଭାବନା ରହିଛି ବୋଲି ଏସିସି ସୂତ୍ରରୁ କୁହାଯାଇଛି।

# ଅୟଙ୍କ, ଲକ୍ଷ୍ମୀପ୍ରିୟା, ସମର, ଆରନିଙ୍କୁ ସଫଳତା

**ରାଜ୍ୟ ୧୧ ଓ ୧୩ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ**



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୧।୧୦(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଆନୁକୂଲ୍ୟରେ ୧୧ ଓ ୧୩ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଯୋଗିତାର ୧୩ ବର୍ଷରୁ କମ୍ ବୟସ ବାଳକ ବର୍ଗରେ ସମ୍ବଲପୁରର ଅୟଙ୍କ ସାହୁ ତ୍ରିମୁକୁଟ ଲାଭ କରିଛନ୍ତି। ଅୟଙ୍କ ସିଙ୍ଗଲ୍ସ ଫାଇନାଲରେ ଖୋର୍ଦ୍ଧାର ପଂସୁଲ ସେଠୀଙ୍କୁ ସିଧାସଳଖ ୨୧–୧୮, ୨୧–୯ରେ ପରାସ୍ତ କରିଛନ୍ତି। ଡବଲ୍ସରେ ସେ ବାଲେଶ୍ୱରର ଅର୍ନବ ଦାସଙ୍କୁ ସାଥିକରି ରାୟଗଡ଼ା–ଖୋର୍ଦ୍ଧା ଯୋଡ଼ି ଅନୁରୂପ ସାହୁ ଓ ପଂସୁଲ ସେଠୀଙ୍କୁ ୨୧–୧୬, ୨୧–୧୪ ପଏଣ୍ଟରେ ହରାଇଛନ୍ତି। ସେହିପରି ମିକ୍ସଡ ଡବଲ୍ସରେ ଅୟଙ୍କ–ଏଲିନା ରାଜ୍‌ଙ୍କ ଯୋଡ଼ି ସୁନ୍ଦରଗଡ଼ ଓ କଟକ ଯୋଡ଼ି ଋତୁରାଜ ପୁଟେଲ–ରିସିକା ଦାସଙ୍କୁ ସିଧାସଳଖ ୨୧–୧୮, ୨୧–୧୭ ରେ ହରାଇ ୩ଟି ଟାଇଟଲ ହାସଲ କରିଛି। ୧୩ ବର୍ଷରୁ କମ୍ ବାଳିକା ବର୍ଗରେ ଜଗତ୍‌ସିଂହପୁରର ଲକ୍ଷ୍ମୀପ୍ରିୟା ଗୋଛାୟତ ୨ଟି ଟାଇଟଲ ଜିତିଛନ୍ତି। ସିଙ୍ଗଲ୍ସରେ ସେ ଖୋର୍ଦ୍ଧାର ଆଦ୍ୟଶା ଲେଙ୍କାଙ୍କୁ ୨୧–୧୨, ୨୧–୧୧ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି । ଡବଲ୍ସରେ ଲକ୍ଷ୍ମୀପ୍ରିୟା ଓ ଖୋର୍ଦ୍ଧାର ସାନ୍‌ଭି ସାହୁ ଖୋର୍ଦ୍ଧା ଯୋଡ଼ି ଦର୍ଶନା ଜଗଦେବ ଓ ସରୟା ପିନିଟିଙ୍କୁ ହରାଇ ଦେଇଛି ।

ସେହିପରି ୧୧ ବର୍ଷରୁ କମ୍ ବୟସ ବାଳକ ବର୍ଗରେ ଖୋର୍ଦ୍ଧାର ସମର ମହାନ୍ତି ଦ୍ୱିମୁକୁଟ ଲାଭ କରିଛନ୍ତି। ସିଙ୍ଗଲ୍ସରେ ସମର ନିଜ ଜିଲାର ସାଇ ଆଶିଷଙ୍କୁ ୨୧–୧୪, ୨୧–୧୩ରେ ହରାଇଛନ୍ତି। ସେହିପରି ଡବଲ୍ସରେ ସେ ମାଷ୍ଟର ଇଭାନ୍‌ଙ୍କୁ ସାଥିକରି ଅନ୍ୟତମ ଖୋର୍ଦ୍ଧା ଯୋଡ଼ି ସାଇ ଆଶିଷ ଓ ବିହାନ ସାମନ୍ତରାୟଙ୍କୁ ୨୧–୧୭, ୨୧–୧୧ରେ ହରାଇ ଚାମ୍ପିୟନ ହୋଇଛନ୍ତି। ବାଳିକା ବିଭାଗ ସିଙ୍ଗଲ୍ସରେ ସମ୍ବଲପୁରର ଆରନି ବେହେରା ଖୋର୍ଦ୍ଧାର ସାଇପ୍ରିୟା ସୁବୁଦ୍ଧିଙ୍କୁ ୨୭–୨୫, ୨୨–୨୦ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ଡବଲ୍ସରେ ଖୋର୍ଦ୍ଧା–କଟକ ଯୋଡ଼ି ସାଇପ୍ରିୟା ଓ ବଂଶିକା ମଲିକ ଖୋର୍ଦ୍ଧା ଯୋଡ଼ି ଅନାୟା ସାମନ୍ତରାୟ ଓ ବୃନ୍ଦନା ସୋନମ୍ ଯୋଡ଼ିକୁ ପରାସ୍ତ କରିଛି। ଆୟୋଜକ କମିଟି ସମ୍ପାଦକ ଅଜିତ୍ ମହାନ୍ତି ଓ ଦୀପକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓସ୍‌ବା ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଓ ମୁଖ୍ୟ ରେଫରି ବିଜୟ ବାଗ୍ କୃତୀ ଖେଳାଳିଙ୍କୁ ମାନପତ୍ର, ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ